# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧/୨୦୨୧ (୧୬ ପୃଷ୍ଠା) | Bhubaneswar, Monday, February 1/2021 | ★★★★★★

୪୭ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
KP GROUP
PAN MASALA
Watch at: You Tube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧/୨୦୨୧ | Bhubaneswar, Monday, February 1/2021 | ପୃଷ୍ଠା-୧

# ଏଥର ହାଉସ୍‌ଫୁଲ୍

**ହଲ୍‌ରେ ମାସ୍କ, ସାନିଟାଇଜର ବାଧ୍ୟତାମୂଳକ**

**ନୂଆଦିଲ୍ଲୀ, ୩୧।୧**

ଫେବୃୟାରୀ ୧ ତାରିଖରୁ ସିନେମା ହଲ୍‌ରେ ଶତ ପ୍ରତିଶତ ଦର୍ଶକ ବସି ଫିଲ୍ମ ଦେଖିପାରିବେ। ଏ ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ରବିବାର ଘୋଷଣା କରିଛନ୍ତି। କୋଭିଡ୍ ସଂକ୍ରମଣ ରୋକିବା ଦିଗରେ ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇ ହଲ୍ ହାଉସ୍‌ଫୁଲ



ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଏ ନେଇ ଏସ୍‌ଓପି ଜାରି କରାଯାଇଛି।

ଗାଇଡ୍‌ଲାଇନ ଅନୁଯାୟୀ ସଂକ୍ରମିତ ତଥା ଆବଦ୍ଧାଞ୍ଚଳରେ ଥିବା ହଲ୍‌ରେ କୌଣସି ସିନେମା ଚାଲିବ ନାହିଁ। ସାମାଜିକ ଦୂରତା, ମାସ୍କ, ସାନିଟାଇଜେଶନ ବାଧ୍ୟତାମୂଳକ ହେବ। ସ୍ପର୍ଶ ବିହୀନ ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯିବ। ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ନିଆଁରେ ଇନ୍ଧନ




# ଅର୍ଥନୀତିକୁ ଭାକ୍ସିନ୍ ଲୋଡ଼ା

**ଆଜି ବଜେଟ୍: କୃଷି, ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶ ଉପରେ ଫୋକସ୍**



**ଭୁବନେଶ୍ୱର, ୩୧।୧ (ବ୍ୟୁରୋ)**

କରୋନା ମହାମାରୀ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ କବଳିତ କରି ରଖିଛି। ଏହା ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) -୨୩.୯% ଏବଂ ଦ୍ୱିତୀୟ ତ୍ରୈମାସରେ ୭.୭% ଖସିଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ଗତିକୁ କରୋନା ଶକ୍ତ ଧକ୍କା ଦେଇଛି। ୨୦୨୦-୨୧ରେ ଜିଡିପି ୭.୭% ଖସିବ ବୋଲି ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ଏହାବାଦ୍ ସ୍ୱାସ୍ଥ୍ୟ ସମସ୍ୟା, ଛଟେଇ, ବେତନ କାଟ ଭଳି ବିଭିନ୍ନ ସମସ୍ୟା ଦେଇ ଲୋକମାନେ ବର୍ତ୍ତମାନ ଗତି କରୁଛନ୍ତି। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି କେନ୍ଦ୍ର ସରକାର ଚଳିତ ବର୍ଷ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ ପ୍ରକୃତ ଆର୍ଥିକ ସହାୟତା ବହୁତ କମ୍ ଥିବା ବେଳେ ପ୍ୟାକେଜର ଅଧିକାଂଶ ଭାଗ ଋଣ ଆକାରରେ ରହିଥିଲା। ବଜାରରେ ମାନ୍ଦାବସ୍ଥା ସାଙ୍ଗକୁ ଚାହିଦା ପ୍ରଭାବିତ ହୋଇ ରହିଥିବାରୁ ଏହାକୁ ସୁଧାରିବା ଲାଗି ସରକାର ସାଧାରଣ ବଜେଟରେ ପ୍ରାଥମିକତା ଦେଇପାରନ୍ତି। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ପାର୍ଲାମେଣ୍ଟରେ ସାଧାରଣ ବଜେଟ ଉପସ୍ଥାପନ କରିବେ। କରୋନା ସଂକ୍ରମିତ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସୀତାରାମନ ଭାକ୍ସିନ ଦେବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ସଙ୍କଟରେ ଥିବା ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ସହ ଜିଡିପି ଅଭିବୃଦ୍ଧି, କୃଷି କ୍ଷେତ୍ର ଏବଂ ଗ୍ରାମାଞ୍ଚଳ ଉପରେ ସରକାରଙ୍କ ପ୍ରାଥମିକତା ରହିବ ବୋଲି କୁହାଯାଉଛି। ମହାମାରୀ ମାନୁଫାକ୍ଚରିଂ ଏବଂ ସେବା କ୍ଷେତ୍ରକୁ ଝଟକା ଦେଇଛି। ଅର୍ଥ ବ୍ୟବସ୍ଥା ଏବେ ଟେକ୍ନିକାଲ ମାନ୍ଦାବସ୍ଥା ଦେଇ ଗତି କରୁଛି। ମାତ୍ର କୃଷି ତଥା ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପ ଉନ୍ନତ ରହିଛି। ଏଭଳି ସ୍ଥିତିରେ କୃଷିକ୍ଷେତ୍ରକୁ ସରକାର ବଜେଟରେ ଆହୁରି ଉତ୍ସାହିତ କରିପାରନ୍ତି। ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲକ୍ଷାଧିକ ଚାଷୀ ଆନ୍ଦୋଳନ ଚଳାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ☞ପୃଷ୍ଠା-୨

## ଭାଗ୍ୟଶ୍ରୀଙ୍କୁ ପ୍ରଶଂସା କଲେ ମୋଦି



ଭାଗ୍ୟଶ୍ରୀ ସାହୁ

**ନୂଆଦିଲ୍ଲୀ, ୩୧।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ରାଉରକେଲା ଝିଅ ଭାଗ୍ୟଶ୍ରୀ ସାହୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଇଞ୍ଜିନିୟରିଂ ଛାତ୍ରୀ ଭାଗ୍ୟଶ୍ରୀ ଗତ କିଛିମାସ ମଧ୍ୟରେ ପଟ୍ଟଚିତ୍ର କଳା ଶିକ୍ଷା ଆରମ୍ଭ କରି ଏଥିରେ ନିପୁଣ ହୋଇପାରିଛନ୍ତି। କଲେଜ ଯିବା ବାଟରୁ ସେ ନରମ ଶିଳାଗୁଡ଼ିକୁ ସଂଗ୍ରହ ☞ପୃଷ୍ଠା-୨

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୯ ମୃତ

**ଦଶାହ କାର୍ଯ୍ୟ ପାଇଁ ଛତିଶଗଡ଼ରୁ କୋଟପାଡ଼ ଆସିଥିଲେ**

**କୋଟପାଡ଼, ୩୧।୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ ଥାନା ଅଧୀନ ୩୨୬ ନମ୍ବର ଜାତୀୟ ରାଜପଥର ମୂର୍ତ୍ତାହାଣ୍ଡିଠାରେ ରବିବାର ରାତି ପ୍ରାୟ ସାଢେ ୮ଟାରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ପ୍ରସ୍ତୁତ ସୁଦ୍ଧା ମୃତକମାନଙ୍କ ସ୍ପଷ୍ଟ ପରିଚୟ ମିଳି ନ ଥିଲେ ମଧ୍ୟ ସେମାନେ ସମସ୍ତେ ଛତିଶଗଡ଼ର କୁଲତା ଗ୍ରାମର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଛତିଶଗଡ଼ର କୁଲତାରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ପ୍ରାୟ ୩୦ଜଣ କୋଟପାଡ଼ଠାରୁ ୨୦ କି.ମି. ଦୂର ମୂର୍ତ୍ତାହାଣ୍ଡିକୁ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ଫେରିବା ସମୟରେ ମୂର୍ତ୍ତାହାଣ୍ଡିରୁ ୩ କି.ମି. ଦୂରରେ ଏକ ବୁଲାଣିରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାଖର ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ କରିଥିବାବେଳେ ☞ପୃଷ୍ଠା-୨



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।




# ଶତାଧିକ ଚାଷୀ ନିଖୋଜ

**ଅମୃତସର, ୩୧।୧**

ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲିରେ ଯୋଗଦେବା ପାଇଁ ଦିଲ୍ଲୀ ଯାଇଥିବା ପଞ୍ଜାବର ଶତାଧିକ ଚାଷୀ ନିଖୋଜ ହୋଇଯାଇଛନ୍ତି। ପଞ୍ଜାବ ମାନବାଧିକାର ସଂଗଠନ (ପିଏଚ୍ଆର୍‌ଓ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଲାଲ୍‌କିଲ୍ଲା ହିଂସା ଘଟଣାରେ ଯେଉଁ ଚାଷୀମାନଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଛି, ସେମାନଙ୍କ ପାଇଁ ପିଏଚ୍ଆର୍‌ଓ ଖଲ୍‌ରା ମିଶନ ସହ ମିଶି ମାଗଣାରେ ମାମଲା ଲଢ଼ିବ ବୋଲି ଘୋଷଣା କରିଛି।



ଦିଲ୍ଲୀର ଗାଜିପୁର ସୀମାରେ ସ୍ଲୋଗାନ ଦେଉଛନ୍ତି ଆନ୍ଦୋଳନରତ ଚାଷୀ।



"ସରକାର ଆମ ଲୋକଙ୍କୁ ଛାଡ଼ି ଆଲୋଚନା ପାଇଁ ବାଟ ଖୋଲନ୍ତୁ।
**-ନରେଶ ଟିକାଏତ୍, ବିକେୟୁ ଅଧ୍ୟକ୍ଷ**

ଯାହା ଜଣାପଡ଼ୁଛି, ପୋଲିସ ଜାଣିଶୁଣି ଚାଷୀମାନଙ୍କୁ ଲାଲ୍‌କିଲ୍ଲା ଆଡ଼କୁ ଛାଡ଼ିଥିଲା। ସେଠାରେ ନିଶାନ ସାହିବ (ଶିଖ୍ ପତାକା) ଉତ୍ତୋଳନ ହେବାରୁ ଉତ୍ତେଜନା ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"କୃଷି ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ। ଏ ଦିଗରେ ଉଦ୍ୟମ ଜାରି ରହିବ।
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସ୍ମୃତି ପ୍ରିୟଦର୍ଶନୀ
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଙ୍ଗା ଘରକୁ ବେଗୁନିଆ ଡାଟି**
**ତାକୁଦେଖି ମୋର ମୂର୍ଦ୍ଧନାଯାଏ ଫାଟି**

ବେଗୁନିଆ ଏକ ପ୍ରକାର ବୃକ୍ଷ ପ୍ରଜାତିର। ସାଧାରଣତଃ ଭଙ୍ଗା ଦଦରା ଘରେ ରହିବା ବିପଜ୍ଜନକ। କେତେବେଳେ ଝଡ଼ ତୋଫାନକୁ ଡର ତ କେତେବେଳେ ଚୋର ପଶି ଚୋରେଇ ନେବାର ଭୟ ମନକୁ ସର୍ବଦା ଆନ୍ଦୋଳିତ କରିଥାଏ। ମଜଭୁତ ଘର ସୁରକ୍ଷା ପ୍ରଦାନକାରୀ। ଏପରିସ୍ଥଳେ ଅର୍ଥାଭାବରୁ ଜରାଜୀର୍ଣ୍ଣ ଘରେ ବାସ କରୁଥିବା ବ୍ୟକ୍ତି ଘରର ଦୁରବସ୍ଥା ଦେଖି ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାରିଯା**
**ଘରେ ଭାତ ନାହିଁ ଭାରି ଯା।**

ଅଭାବଗ୍ରସ୍ତ ଘର। ଘରଣୀକୁ କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ରୋଜଗାର ନ ଥିଲେ ଘରର ସଦସ୍ୟ ଅଲୋଡ଼ା ହୋଇଯାଇଥାନ୍ତି। ଅର୍ଥାଭାବରୁ ପୋଷି ପାରୁ ନ ଥିବା ବ୍ୟକ୍ତି ଘରଣୀକୁ ଘରୁ ବାହାରିଯିବା ଲାଗି ଧମକ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭାଗ୍ୟଶ୍ରୀଙ୍କୁ ପ୍ରଶଂସା ...

କରି ସେଗୁଡ଼ିକୁ ପରିଷ୍କାର କରିବା ପରେ ସେଥିରେ ପଟ୍ଟଚିତ୍ର କଳା ଚିତ୍ରଣ କରୁଥିଲେ। ପ୍ରତିଦିନ ଦୁଇଘଣ୍ଟା ସେ ଏଥିପାଇଁ ସମୟ ଦେଉଥିଲେ। ଚିତ୍ର ଆଙ୍କିବା ପରେ ସେ ଉକ୍ତ ଶିଳାକୁ ତାଙ୍କ ସାଙ୍ଗମାନଙ୍କୁ ଭେଟି ଦେଉଥିଲେ। ଲକ୍‌ଡାଉନ ସମୟରେ ସେ ବୋତଲରେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ଏବେ ଭାଗ୍ୟଶ୍ରୀ ଏହି କଳା ଉପରେ କର୍ମଶାଳା ଚଳାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କର ଭବିଷ୍ୟତ ଉଦ୍ୟୋଗ ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। କଳା ଓ ରଙ୍ଗ ମାଧ୍ୟମରେ ଅନେକ କିଛି ଶିଖିବା ସହ କରାଯାଇପାରିବ ବୋଲି ମୋଦି କହିଛନ୍ତି।

## ଶତାଧିକ ଚାଷୀ ...

ଦେଖାଦେଇଥିଲା। ଏହା ଅପରାଧ ନୁହେଁ କାରଣ ଚାଷୀମାନେ ତ୍ରିରଙ୍ଗାକୁ ଛୁଇଁ ନ ଥିଲେ। ଅନେକ ବିକ୍ଷୋଭକାରୀଙ୍କୁ ବେଆଇନ ଭାବେ ସେଠାରେ ଅଟକ ରଖାଯାଇଥିଲା। ଏହା ପରେ ଶତାଧିକ ଚାଷୀଙ୍କ ପତ୍ତା ମିଳୁ ନ ଥିବା ସାମାଜିକ କର୍ମୀ ସରବଜିତ ସିଂ ଭେର୍କା କହିଛନ୍ତି। ୮୦ରୁ ୯୦ ଜଣ ପଞ୍ଜାବୀ ଯୁବକ ସିଙ୍ଘୁ ଓ ଟିକ୍ରିସ୍ଥିତ ସେମାନଙ୍କ କ୍ୟାମ୍ପକୁ ଫେରି ନ ଥିବା ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଆଇନଜୀବୀ ହାକମ ସିଂ କହିଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଓକିଲମାନେ ପୋଲିସ, କୃଷକ ସଂଗଠନ ଓ ହସ୍ପିଟାଲ ସହ ଯୋଗାଯୋଗରେ ଥିବା ସେ ସୂଚନା ଦେଇଛନ୍ତି। ମୋଗା ଜିଲାର ଟାଟାରିୱାଲା ଗ୍ରାମରୁ ୧୨ ଜଣ ଚାଷୀ ନିଖୋଜ ଥିବା ଜଣାପଡ଼ିଛି। ସେମାନଙ୍କ ସୁରକ୍ଷା ପାଇଁ ଗ୍ରାମ ପଞ୍ଚାୟତ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି। ନଙ୍ଗଲୋଇ ପୋଲିସ ମୋଗାର ୧୧ ବିକ୍ଷୋଭକାରୀଙ୍କୁ ଗିରଫ କରି ତିହାର ଜେଲ୍ ପଠାଇଥିବା ଦିଲ୍ଲୀ ଶିଖ୍ ଗୁରୁଦ୍ୱାର ପରିଚାଳନା କମିଟି ସଭାପତି ମଞ୍ଜିନ୍ଦର ସିଂ ସିର୍ସା କହିଛନ୍ତି। ଗିରଫ ଅନ୍ୟ ୭ ଜଣଙ୍କ ଘର ବଠିଣ୍ଡା ଜିଲାର ବାଙ୍ଗି ନିହଲ ସିଂ ଗ୍ରାମରେ। ସେମାନେ ଟ୍ରାକ୍ଟର ରାଲିରେ ଯୋଗଦେବା ପାଇଁ ଜାନୁୟାରୀ ୨୩ରୁ ଘରୁ ବାହାରିଥିଲେ। ପାଣ୍ଟିକ୍ ତାଲମେଲ ସଂଗଠନ ନାମକ ଆଇନଜୀବୀ ସଂଘ ଚାଷୀଙ୍କୁ ମାଗଣାରେ ଆଇନଗତ ସହାୟତା ଯୋଗାଇବା ଲାଗି ପ୍ରସ୍ତାବ ଦେଇଛି। ସେମାନେ ଏତଲାଗୁଡ଼ିକୁ ତର୍ଜମା କରୁଛନ୍ତି। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଆଇନ, ପୁରାତନ ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଆଇନ ଏବଂ ମହାମାରୀ ଆଇନରେ ଅଧିକାଂଶ ଚାଷୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ନିଶାନ ସାହିବ ଶିଖ୍ ପରିଚୟର ପ୍ରତୀକ ହୋଇଥିବାରୁ ଏହାକୁ ଉତ୍ତୋଳନ କରିବା ଅପରାଧ ନୁହେଁ ବୋଲି ଅକାଲ ତଖତ୍‌ର ଜାଠେଦାର ଜ୍ଞାନୀ ହର୍‌ପ୍ରୀତ୍ ସିଂ କହିଛନ୍ତି।

## ଅର୍ଥନୀତିକୁ ଭାକ୍ସିନ୍ ...

ପ୍ରକାଶ ପାଇଥିବାବେଳେ ବଜେଟରେ ସରକାର କିଛି ନୂଆ ଘୋଷଣା କରିପାରନ୍ତି। ଗ୍ରାମାଞ୍ଚଳ, ଗରିବ ଏବଂ କୃଷକଙ୍କ ଉନ୍ନତୀକରଣକୁ ବଜେଟରେ ଫୋକସ୍ କରାଯାଇପାରେ। ଦେଶର ଶିଳ୍ପ ଏବଂ ସେବା କ୍ଷେତ୍ର ଚଳିତ ଆର୍ଥିକ ବର୍ଷ ଯଥାକ୍ରମେ ୯.୬% ଏବଂ ୮.୮% ଖସିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ସେହିଭଳି କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୩.୪% ରହିବା ନେଇ ଅନୁମାନ କରାଯାଇଛି।

୨୦୨୨ ସୁଦ୍ଧା କୃଷକଙ୍କ ଆୟ ୨ ଗୁଣ କରିବା ଲାଗି ସରକାର ୫ ବର୍ଷ ହେଲା ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ସେହିଭଳି ଗ୍ରାମାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ବର୍ଗଙ୍କ ଲାଗି ପକ୍କାଘର ନିର୍ମାଣକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ଏଭଳି ଲକ୍ଷ୍ୟ ସବୁ ହାସଲ କରିବା ଲାଗି କୃଷି ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟବରାଦକୁ ସରକାର ବଢ଼ାଇପାରନ୍ତି। କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପିଏମ୍ କିଷାନ ନିଧି ସହ ଅନ୍ୟ କୃଷି ଯୋଜନା ଉପରେ ବର୍ତ୍ତମାନ ତୃଣମୂଳ ସ୍ତରରେ କୃଷକଙ୍କ ସଚେତନତା ବଢ଼ିଛି। କୃଷକଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପମିଆଦୀ ଋଣ ଯୋଗାଣ ଉପରେ ମଧ୍ୟ ସରକାର ନଜର ରଖିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜଳ ଯୋଗାଣ ଯୋଜନା ସହ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରାଥମିକତା ଦେଇ କୃଷକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ବଜେଟରେ ନୂଆ ଘୋଷଣା ହୋଇପାରେ ବୋଲି କୁହାଯାଉଛି।

କରୋନା ଯୋଗୁ ଅନେକ ପ୍ରବାସୀ ସହର ଛାଡ଼ି ଗାଁମୁହାଁ ହୋଇଛନ୍ତି। ଏହାକୁ ଧ୍ୟାନରେ ରଖି ଗ୍ରାମାଞ୍ଚଳର ବିକାଶ ଲାଗି ସରକାର ବିଭିନ୍ନ ଯୋଜନା ହାତକୁ ନେଇପାରନ୍ତି। ଏହା ହେଲେ ଲକ୍‌ଡାଉନ ବେଳେ ଜୀବିକା ହରାଇ ସହରରୁ ଫେରିଥିବା ପ୍ରବାସୀ କର୍ମନିଯୁକ୍ତି ପାଇପାରିବେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟୟବରାଦକୁ ସରକାର ବଢ଼ାଇପାରନ୍ତି। ୨୦୨୦-୨୧ରେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ୬୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ସେହିଭଳି କରୋନା ସମୟରେ ଆତ୍ମନିର୍ଭର ଭାରତ ପ୍ୟାକେଜରେ ଅତିରିକ୍ତ ୪୦ ହଜାର କୋଟି ଟଙ୍କା ଏହି ଯୋଜନାକୁ ଦିଆଯାଇଛି। ନୂଆ କୃଷି ଆଇନ ପ୍ରତ୍ୟାହାର ନେଇ କୃଷକ ଆନ୍ଦୋଳନରେ ବସିଛନ୍ତି। ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସୁନିଶ୍ଚିତ ପାଇଁ ଆଇନ ପ୍ରଣୟନ କରାଯାଉ ବୋଲି ସେମାନେ ଦାବି କରୁଛନ୍ତି। ତେଣୁ ଏମ୍‌ଏସ୍‌ପି ସକାଶେ କିଛିଟା ପଦକ୍ଷେପ ଆସିପାରେ ବୋଲି ବଜାର ବିଶେଷଜ୍ଞ ଆଶା କରିଛନ୍ତି।

୫ ଲକ୍ଷ ଟଙ୍କାର ଆୟ ଉପରେ ଟିକସ ଛାଡ଼ ହେଲେ ଟିକସଦାତା ଆଶ୍ୱସ୍ତି ଲାଭ କରିବେ। ଏ ନେଇ ସରକାର କିଛି ପଦକ୍ଷେପ ନେଇପାରନ୍ତି। କରୋନା ଯୋଗୁ ଲୋକମାନେ ସମସ୍ୟାରେ ରହିଥିବାରୁ ସରକାର ଏ କ୍ଷେତ୍ରରେ କେତେକ ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଛି। ଆସୋଚାମ ପକ୍ଷରୁ ହୋଇଥିବା

## ପ୍ରଥମ ପୃଷ୍ଠାରୁ...

ଏକ ଅଧ୍ୟୟନ ମୁତାବକ, ସରକାର ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ବିଶେଷ ଅଗ୍ରାଧିକାର ଦେଇପାରନ୍ତି ବୋଲି କୁହାଯାଉଛି। କରୋନା ଟିକାକରଣ ନେଇ ନୂଆ ଘୋଷଣା, ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୃଢ଼ୀକରଣ, ଟେଲି ମେଡିସିନ ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ ମିଳିପାରେ। ସେହିଭଳି ସରକାର ଭିତ୍ତିଭୂମିକୁ ଆହୁରି ଦୃଢ଼ କରିବା ଲାଗି ବଜେଟରେ ପଦକ୍ଷେପ ନେବେ ବୋଲି ଶିଳ୍ପଜଗତ ପକ୍ଷରୁ ଆଶା କରାଯାଉଛି। ଷ୍ଟାଣ୍ଡାର୍ଡ ଡିଡକ୍ସନ ୧ ଲକ୍ଷକୁ ବଢ଼ାଇବା, ମଧ୍ୟବିତ୍ତଙ୍କ ଲାଗି ସୁଲଭ ମୂଲ୍ୟରେ ବାସଗୃହ ଋଣ, ସ୍ୱାସ୍ଥ୍ୟ ସୁବିଧା, ମେଡିକ୍ଲେମ୍ ସୀମା ବୃଦ୍ଧି, ବରିଷ୍ଠ ନାଗରିକଙ୍କ ପାଇଁ ସଞ୍ଚୟ ଉପରେ ଅଧିକ ସୁଧ ଏବଂ ଯୁବପିଢ଼ିଙ୍କ ଲାଗି ନିଯୁକ୍ତି ଉପରେ ବିଭିନ୍ନ ପଦକ୍ଷେପ ଆସିପାରେ। ଏତଦ୍‌ବ୍ୟତୀତ ଶିଳ୍ପକ୍ଷେତ୍ର, ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଯୋଗାଣ ସହ ସରକାର ପ୍ରାୟ ୨୦ ବିଲ୍ ସମ୍ପର୍କରେ ବଜେଟରେ ଘୋଷଣା କରିପାରନ୍ତି । ବଜେଟରେ କେଉଁ କ୍ଷେତ୍ରକୁ କ'ଣ ମିଳୁଛି ତାହା ଦେଖିବାକୁ ବାକି ରହିଲା।

## ଏଥର ହାଉସ୍‌ଫୁଲ୍...

ଅନ୍‌ଲାଇନ ଟିକେଟ୍ ବୁକିଂକୁ ପ୍ରାଥମିକତା ଦିଆଯାଇଛି। ଅଫଲାଇନ ଟିକେଟ ପାଇଁ ଅଧିକ କାଉଣ୍ଟର ରହିବ। ଭିଡ଼ କମାଇବା ନିମନ୍ତେ ଦୁଇଟି ଶୋ' ମଧ୍ୟରେ କିଛି ସମୟ ବ୍ୟବଧାନ ରଖାଯିବ। ପ୍ରବେଶ ଓ ପ୍ରସ୍ଥାନ ପଥରେ ସାନିଟାଇଜର ରଖାଯିବା ସହ ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ। ଦର୍ଶକମାନେ ଆରୋଗ୍ୟ ସେତୁ ଆପ୍ଲିକେଶନ ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ହଲ୍‌ରେ ଲୋକେ ଫୁଡ୍ ଷ୍ଟଲରୁ ଖାଦ୍ୟ କିଣିପାରିବେ। ଏଲିଭେଟର, ସିଢ଼ି ବା ଲିଫ୍ଟରେ ଲୋକଙ୍କ ଭିଡ଼ ନିୟନ୍ତ୍ରଣ କରାଯିବ। ଇଣ୍ଟରମିଶନବେଳେ ହଲ୍ ବାହାରରେ ଚଳାଚଳ ଉପରେ ରୋକ ଲଗାଯିବ। ସାମାଜିକ ଦୂରତା ରଖି ଗୋଟିଏ ପରେ ଗୋଟିଏ ଧାଡ଼ିର ଲୋକେ ଏହି ସମୟରେ ବାହାରକୁ ଆସିବା ଏବଂ ଇଣ୍ଟରଭାଲ ସମୟକୁ ବଢ଼ାଯାଇପରେ ବୋଲି ଏସ୍‌ଓପିରେ ଦର୍ଶାଯାଇଛି। ଯଦି କେହି କୋଭିଡ୍-୧୯ ସଂକ୍ରମିତ ଚିହ୍ନଟ ହୁଅନ୍ତି ତେବେ ସମସ୍ତ ହଲ୍ ପରିସରକୁ ବିଶୋଧନ କରାଯିବ। ସୂଚନାଯୋଗ୍ୟ କରୋନା ଯୋଗୁ ଗତ ମାର୍ଚ୍ଚରୁ ସିନେମା ହଲ୍ ବନ୍ଦ ରହିଥିଲା। ଅକ୍ଟୋବରରେ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ହଲ୍ ଚାଲିପାରିବ ବୋଲି କନ୍ଦ୍ର ସରକାର ଅନୁମତି ଦେଇଥିଲେ।

## ପିକ୍‌ଅପ୍ ଭ୍ୟାନ୍ ...

ଖବରପାଇ ଚାନ୍ଦିଲି ଫାଣ୍ଡି ଓ କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଆହତଙ୍କୁ ପ୍ରଥମେ ସ୍ଥାନୀୟ ମୂର୍ତ୍ତାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୩ ଜଣଙ୍କୁ ଛତିଶଗଡ଼ ଜଗଦଲପୁର ନିକଟ ଡୁମୁରିପାଲି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା କୋଟପାଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ କହିଛନ୍ତି। ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ବୁଧ ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ପ୍ରତ୍ୟେକ କାର୍ଯ୍ୟର ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇଲେ ମଧ୍ୟ ସମାଲୋଚନା ଶୁଣିବାକୁ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁମିଳନ, ଦୂରଯାତ୍ରା, ଶୁଭକାର୍ଯ୍ୟରେ ସହଯୋଗ କରିପାରନ୍ତି।

**ବୃଷ**

ଚତୁର୍ଥଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ଆତ୍ମପ୍ରଶଂସା ଶୁଣି ଭାବ ବିଭୋର ହେବେ। ସମ୍ପର୍କୀୟଙ୍କ ଈର୍ଷାର ବଶବର୍ତ୍ତୀ ହୋଇ ପରୋକ୍ଷ ସମାଲୋଚିତ ହେବେ। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦେହରେ ବସା ବାନ୍ଧି ରହିଥିବା ପୁରୁଣା ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**

ଅଷ୍ଟମସ୍ଥ ରବିଙ୍କ ଯୋଗୁ ନିକଟତମ ବ୍ୟକ୍ତିଙ୍କ ସାହାଯ୍ୟ ସିନା ପାଇବେ ନାହିଁ, କିନ୍ତୁ କୌଣସି କାମ ଅଟକି ରହିବ ନାହିଁ। ଅଚାନକ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ**

ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ପାଇବା ସଙ୍ଗକୁ ମାନସିକ ସନ୍ତୁଳନ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ରତର ହୋଇପାରେ। ରାସ୍ତାରେ ଯିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ।

**ସିଂହ**

ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଲେ ହେଁ ଦିନ ଗୋଟାଏ ପରେ ସବୁ ବଦଳି ଯିବ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ପଡ଼ିବ। ବ୍ୟବସାୟ, ମାଙ୍ଗଳିକ କାମ, ଆଲୋଚନା ସଭା, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ଶନିକ୍ଷେତ୍ରସ୍ଥ ଶୁକ୍ରଙ୍କ ପ୍ରଭାବରୁ କଫଜନିତ ପୀଡା ପାଇପାରନ୍ତି।

**କନ୍ୟା**

ମାନସିକ ଅସ୍ଥିରତା ଅନୁଭବ କଲେ ମଧ୍ୟ କାମଗୁଡିକ ବ୍ୟତିକ୍ରମ ଭିତରେ ହିଁ ସମ୍ପନ୍ନ ହେବ। ମାଙ୍ଗଳିକ କାମ ସକାଶେ ଘରେ ବନ୍ଧୁ ମିଳନ, ଆମୋଦପ୍ରମୋଦର ସୁଅ ଛୁଟିବ। ଅଫିସ୍‌ରେ କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**

ଚନ୍ଦ୍ର ଓ ବୁଧ ବିଷମ ସପ୍ତକ ହେତୁ ବୃଥା ଭାବନାରୁ ଦୂରେଇ ରୁହନ୍ତୁ। ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏଁ ସମାଧାନ ହୋଇଯିବ। ସୁବିଧା ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ। ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ। ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ।

**ବିଛା**

ରାଶିରେ କେତୁଙ୍କ କୁପ୍ରଭାବରୁ ମନ ଠିକ୍ ନ ଥିବା କାରଣରୁ କୌଣସି କଥାକୁ ଠିକ୍ ଭାବେ ଶୁଣିବେ ନାହିଁ କିମ୍ବା ବୁଝିପାରିବେ ନାହିଁ। ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ୍ୟ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ବାଣିଜ୍ୟ, ପରିବହନ, ପ୍ରକାଶନ, ପ୍ରଶାସନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ।

**ଧନୁ**

ଦ୍ୱିତୀୟସ୍ଥ ଏକାଧିକଗ୍ରହ ହେତୁ ନିଜେ କଷ୍ଟ ସ୍ୱୀକାର କରି ଅନ୍ୟମାନଙ୍କ ମୁହଁରେ ହସ ଉକୁଟାଇବାର ଚେଷ୍ଟା କରିବେ। ପ୍ରବଳ ବିରୁଦ୍ଧାତ୍ମକ ପରିବେଶ ସତ୍ତ୍ୱେ ସମସ୍ୟା ସମାଧାନରେ ସମର୍ଥ ହେବେ। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**

ରାଜଯୋଗ ପ୍ରଭାବରୁ ଆଜି ଗତକାଲିର ସ୍ଥଗିତ କାମ ସକାଶେ ପ୍ରଭାତରୁ ହିଁ କାମରେ ଲାଗି ପଡିବାକୁ ବାଧ ହେବେ। ବନ୍ଧୁଙ୍କ ଭିତରେ ନିଜ ଲୋକଟିର କଥା ଶୁଣିବାକୁ ବେଳ ପାଇବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ ।

**କୁମ୍ଭ**

ବକ୍ରୀ ବୁଧଙ୍କ ହେତୁ ଅସାବଧାନତା ଓ ଅନ୍ୟମନସ୍କତାରୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ପାରିବାରିକ ଦିଗଟି ଉଠାପକା ରୀତିରେ ଗଡି ଚାଲିବ।

**ମୀନ**

ଆଜି ଆକସ୍ମିକ ଭାବେ ଜଣେ ନୀଚ ଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲି ପାରିବେ ନାହିଁ। ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିଙ୍କ ସମାଲୋଚନାର ପାତ୍ର ହେବାକୁ ପଡିପାରେ। ଦ୍ୱାଦଶସ୍ଥ ବୁଧଙ୍କ ହେତୁ ଖର୍ଚ୍ଚ ପରିମାଣ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

ଆଜି ମାଘ କୃଷ୍ଣ ଚତୁର୍ଥୀ ସୋମବାର, ଫେବୃୟାରୀ ୧ ତାରିଖ, ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ମିଥୁନ ରାଶିର ଘାତବାର। ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୫ମି. ଗତେ ୦୭.୫୪ମି. ମଧ୍ୟେ, ଘ.୧୦.୫୩ମି. ଗତେ ଘ.୦୧.୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୨୧ମି. ଗତେ ଘ.୦୪.୫୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୪୯ମି. ଗତେ ଘ.୦୯.୧୨ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**HIRE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804

Hire 100vehicles for Monthly basis Scorpio (white), Mahindra TUV-300 (white) for two year in various district of Odisha Govt. Offices. 7275784432, 9140062536, 9625269828, 7704809001. D-59874




**SALE**

Only 2Nos. of premium duplex 7BHK left near KIIT Jagannath Mandir 1.15crore negotiable. 9937095445. D-70420

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Few plot Available@99/ sqft.(Spot Registration and Possession ) At Trahiachuta Asram, 9km. from Balakatibazar, 17km. from Bhubaneswar Railwaystation (Blacktop Roadside, Best Option for quick Return) WhatsApp- 9437622363, Call- 7653994600. D-69682

**Hanspal Mahaveer Colonyରେ ପିଚୁ ରୋଡ୍‌କୁ ଲାଗି 1500sqft. @ 11,25,000ରେ ଦିଆଯାଉଅଛି। 9437522338, 9853615651.** D-19781

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। **9437287595, 7978747764.** D-19667

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**Plot for sale near Oxford College, Bhingarpur, Kuranga 25' Road (Ready for Construction) 9861302460, 6370354458.** D-70161

**Re-Sale old and new flat, duplex, Triplex and plot avaiable in around Bhubaneswar contact: 8455036260.** D-19778

ଡମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

**ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952.** D-70154

**To-let for open space godown at Hanspal NH-side area 25000sqft. with boundarywall, Gate, Office room, Toilet, Kitchen, Electricity and Water supply available Contact: 8455036260.** D-19777

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

**ନନ୍ଦନକାନନଠାରୁ 1K.M. ପଦାସାହି ମୌଜା yellowzone ସ୍ଥିତିବାନ plot physical 35' ରାସ୍ତାଥାଇ ତୁରନ୍ତ ବିକ୍ରିହେବ। 9583430150, 9777231503.** D-70169

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

Patiaରେ gharabari yellowzone plot 1800/, KIIT ପାଖରେ 1000/- BDA TP Scheme 300/-, 7991006699, 7978124465. D-70419

**PURCHASE**

**Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982.** D-70175




**For construction only in your plot inside Bhubaneswar area, contact MRC- 9937064680.** D-27287




House rooms for girls hostel purposes for College Institute. 8917525377. D-19784




Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789




Swarna SPA newly open positively health benefits with expert therapist. 9556978408. D-70508

Refreshing your mind & body with best therapy at Lotus SPA. 8018234866. D-70417

Ayurvedic full body massage by experienced (M/F) therapist. 7008773793, 8018656899. D-59976

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**LEGAL NOTICE**

In The Court of The II Additional Family Judge At Bangalore, M.C. No. 2800/ 2019
Between:
Mr. Susanta Kumar Sahu — Petitioner
And:
Smt. Deeptimayee Dash — Respondent

Notice to the Respondent

To,
Smt. Deeptimayee Dash, aged about 30years, D/o- Shri Ramakrishna Dash residing at Khairaputi Village, P.O.- Khairaputi, P.S.- Mudulipada, District- Malkangiri, Orissa- 764045

Where as, the above named petitioner has filed the above petition against the respondent for the decree of divorce of the marriage and such other relief. You are hereby summoned to appear in person or through a pleader duly instructed before II Additional Judge Family Court, Bengaluru.

Take notice that in default of your appear appearance on the 04.03.2021 day 2021 at 11.00AM. The petition will be heard and determined in your absence placing you as ex-parte.

Issued under my hand and seal of this court on this 30th day of January 2021.

Advocate for petitioner
Sunitha. M (Vijaya Lakshmi.M), Advocate, No. 75,1st floor, opp. Yediyur Ganesha Temple Jayanagar 6th block, Bengaluru-560070

By order of the Court
Shiresthedhar, Family Court, Bengaluru. D-66657

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୩୨,୯୩,୬୩୬ | ୨୨,୩୨,୮୯୮ | ୭,୪୯,୩୦,୧୯୦ |
| ଭାରତ | ୧,୦୭,୫୨,୮୨୨ | ୧,୫୪,୩୯୪ | ୧,୦୪,୨୨,୩୯୨ |
| ଓଡ଼ିଶା | ୩,୩୫,୦୭୨ | ୧୯୦୭(+୫୩) | ୩,୩୧,୯୬୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

ବନ୍ତଲା,୩୧।୧(ଡି.ଏନ୍.ଏ.): ଅନୁଗୋଳ ଜିଲା ବନ୍ତଲା ଥାନା ବନ୍ତଲା ବଜାର ହାଟବନ୍ଧ ତଳୁ ରବିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବନ୍ତଲା ବଜାରର କାଶୀନାଥ ବେହେରା। ତାଙ୍କ ଗୋଡ଼ ବନ୍ଧାଯାଇଥିବା ବେଳେ ଧାରୁଆ ଅସ୍ତ୍ରରେ ଶରୀରର ବିଭିନ୍ନ ସ୍ଥାନକୁ ଚୋଟ ମରାଯାଇଛି। ଶନିବାର ରାତି ୮ଟାରେ ଘରୁ ଆସିଥିବା କାଶୀନାଥଙ୍କୁ ସକାଳ ଯାଏ ଖୋଜାଖୋଜି କରାଯାଇଥିଲେ ହେଁ ପତ୍ତା ମିଳି ନ ଥିଲା ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ମୃତକଙ୍କ ଭାଇ ଅଶୋକ ବେହେରା ଏ ନେଇ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩/୨୧ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ବନ୍ତଲା ପୋଲିସ ସହ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଓ ଢେଙ୍କାନାଳର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ହତ୍ୟା ପରେ ମୃତଦେହକୁ ୧୦୦ ମିଟର ଦୂରକୁ ଘୋଷାଡ଼ି ନିଆଯାଇ ଫିଙ୍ଗି ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ଏଥିରେ ୩ ରୁ ୪ ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ବନ୍ତଲା ଥାନା ଆଇଆଇସି ଗୀତାଞ୍ଜଳି ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ୩ ଦିନ ଶୀତ ଲହରି: ୪ରୁ ୫ ଡିଗ୍ରୀ ଖସିବ ପାରଦ

ଭୁବନେଶ୍ୱର,୩୧।୧(ବ୍ୟୁରୋ): ପୁଣି ଶୀତ ଲେଉଟିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ଆସନ୍ତା ୩ ଦିନ ଯାଏ କେତେକ ଜିଲାରେ ଶୀତ ଲହରି ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବୌଦ୍ଧ ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ସେହିପରି ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼, ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ଅନୁଗୋଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଥଣ୍ଡା ବାୟୁ ପ୍ରବାହ ହେବ। ବୁଧବାର ମଧ ଉକ୍ତ ଜିଲାଗୁଡିକରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ରାଜ୍ୟର ୧୧ଟି ସହରର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୮.୮, ସମ୍ବଲପୁର ୧୦.୩, ସୁନ୍ଦରଗଡ଼ ୧୦, ହୀରାକୁଦ ୧୧.୧, ଭବାନୀପାଟଣା ୧୨.୮, ବଲାଙ୍ଗୀର ୧୦, ଫୁଲବାଣୀ ୧୦, ସୋନପୁର ୧୦.୮, ଦାରିଙ୍ଗବାଡି ୧୧ ଏବଂ ବୌଦ୍ଧରେ ୧୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ଜବାବ ତଲବ

## ଯାଜପୁର ଜିଲା ଆରୁହା କଳାପଥର ଖାଦାନରେ ବେଆଇନ ଉତ୍ତୋଳନ

ଯାଜପୁର ଅଫିସ,୩୧।୧

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ପାହାଡ଼ରୁ ନିର୍ଦ୍ଧାରିତ ଲିଜ୍ ଏରିଆଠାରୁ ବହୁ ଗୁଣ ଅଧିକ ମୂଲ୍ୟବାନ କଳାପଥର ଉତ୍ତୋଳନ ହୋଇଛି। ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି। ଏଥିରେ ସ୍ଥାନୀୟ ପୋଲିସ ଓ ଧର୍ମଶାଳା ତହସିଲଦାର ସହଯୋଗୀ ହୋଇଛନ୍ତି। ଏଭଳି ଅଭିଯୋଗ କ୍ରମେ ଓଡ଼ିଶା ଲୋକାୟୁକ୍ତରେ ୧୩୫୫/୨୦୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ଗତ ୧୯ ତାରିଖରେ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର ଓ ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କୁ ୬ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ କଳାପଥର ଉତ୍ତୋଳନ ନେଇ ଲିଜ୍‌ଧାରୀଙ୍କୁ ୫୮.୬୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ ହୋଇଥିଲା। ଏହାବାଦ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ୨୫ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ଆରୁହା ପାହାଡ଼ରେ ମାପଚୁପ କରାଗଲେ ବେଆଇନ ଉତ୍ତୋଳନ ଉପରୋକ୍ତ ପରିମାଣଠାରୁ ବହୁ ଅଧିକ ହେବ ବୋଲି ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ପ୍ରକାଶ କରିଛନ୍ତି।

ଲୋକାୟୁକ୍ତରେ ହୋଇଥିବା ଅଭିଯୋଗ ଅନୁସାରେ ୧।୯।୨୦୧୭ରେ ଆରୁହା କଳାପଥର ଖାଦାନ-୧ ଲିଜ୍ ପାଇଁ ଧର୍ମଶାଳା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଏମ୍‌ଏମ୍‌ସି ନିୟମ-୨୦୧୬ ଅନୁସାରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତ୍ରିନାଥ ଜେନାଙ୍କୁ ୫ ବର୍ଷିଆ(୨୦୧୭-୧୮ରୁ ୨୦୨୧-୨୨) ପର୍ଯ୍ୟନ୍ତ ଲିଜ ପ୍ରଦାନ କରାଯାଇଥିଲା। ଜମି ରେକର୍ଡ ଅନୁସାରେ ଆରୁହା ପାହାଡ଼ରେ ୧୫୩.୬୩୦ ଏକର କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୩ ଏକର ଖାଦାନ ଲିଜ୍ ଦିଆଯାଇଥିବାବେଳେ ଧର୍ମଶାଳା ତହସିଲଦାର ଓ ସ୍ଥାନୀୟ ପୋଲିସର ସହଯୋଗରେ ପ୍ରାୟ ୧୦୦ ଏକର ପର୍ଯ୍ୟନ୍ତ କଳାପଥର ବେଆଇନ ଭାବେ ଉତ୍ତୋଳନ କରାଯାଉଛି। ଏହି ଖବର ଧର୍ମଶାଳା ତହସିଦାରଙ୍କ ବ୍ୟତୀତ ଜିଲାପାଳଙ୍କୁ ମଧ୍ୟ ଜଣା ଅଛି। ତେଣୁ ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ରାଜସ୍ୱ କ୍ଷତିର ଭରଣା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ ବେହୁରା ୧୦।୧୨।୨୦୨୦ରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଲୋକାୟୁକ୍ତ ଜବାବତଲବ କରିଛନ୍ତି। କିନ୍ତୁ ଲିଜ୍‌ଧାରୀ ତ୍ରିନାଥ ଜେନା କୁହନ୍ତି, ଏଯାଏ ତାଙ୍କୁ କୌଣସି ନୋଟିସ ମିଳିନାହିଁ। ଅଭିଯୋଗ ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା। ସେ ଯେକୌଣସି ତଦନ୍ତ ଓ ମାପଚୁପ ପାଇଁ ପ୍ରସ୍ତୁତ ଅଛନ୍ତି। ସେ ୩ ଏକର ଲିଜ୍ ପାଇଥିଲେ ହେଁ ଅନ୍ୟମାନେ ବେଆଇନ ଭାବେ ପାର୍ଶ୍ୱ ଅଞ୍ଚଳରୁ କଳାପଥର ଉତ୍ତୋଳନ କରୁଛନ୍ତି। ଏନେଇ ସେ ତହସିଲଦାରଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ତହସିଲଦାର ନିକଟରେ ପୋଲିସ ସହାୟତାରେ ଏକାଧିକ ବେଆଇନ କଳାପଥର ଖାଦାନରେ ଚଢାଉ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପତ୍ର ସେ ମଧ୍ୟ ପାଇନାହାନ୍ତି। ନିର୍ଦ୍ଦେଶ ପତ୍ର ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଆରୁହା କଳାପଥର ଖାଦାନ

### ଧର୍ମଶାଳା ତହସିଲଦାର, ଲିଜ୍‌ଧାରୀ ମଧ୍ୟ ଜବାବ ଦେବେ

# ମାସେ ବଢ଼ିଲା ଇ-ଇପିକ୍ ଡାଉନ୍‌ଲୋଡ୍ ଅବଧି

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଭାରତର ନିର୍ବାଚନ ଆୟୋଗ ଗତ ୨୫ ତାରିଖ ଜାତୀୟ ଭୋଟର ଦିବସରେ ନୂଆ ମତଦାତାଙ୍କ ପାଇଁ ଇଲେକ୍‌ଟ୍ରୋନିକ୍ସ ଭୋଟର ପରିଚୟପତ୍ର(ଇ-ଇପିକ୍)ର ଶୁଭାରମ୍ଭ କରିଥିଲେ। ଏହା ଏକ ଡିଜିଟାଲ ଭୋଟର ପରିଚୟ ହୋଇଥିବାରୁ ସେମାନେ ଏହାକୁ ଭୋଟର ହେଲ୍ପଲାଇନ ମୋବାଇଲ ଆପ୍ କିମ୍ବା ଭୋଟର ପୋର୍ଟାଲ.ଇସିଆଇ.ଇନ୍ ଅଥବା ଏନ୍‌ଭିଏସ୍‌ପି.ଇନ୍ ଜରିଆରେ ଡାଉନ୍‌ଲୋଡ୍ କରିପାରିବେ। ଇସିଙ୍କ ନିର୍ଦ୍ଦେଶାନୁସାରେ ଯେଉଁମାନଙ୍କ ଭୋଟର ତାଲିକା ସହ ନିଜ ମୋବାଇଲ ନମ୍ବର ପଞ୍ଜୀକୃତ ହୋଇଥିବ ସେମାନଙ୍କ ଲାଗି ଏହି ବ୍ୟବସ୍ଥା କରାଯାଇଛି। ସେମାନେ ଜାନୁୟାରୀ ୨୫ରୁ ୩୧ ପର୍ଯ୍ୟନ୍ତ ନିଜ ମୋବାଇଲ ମାଧ୍ୟମରେ ଇ-ଇପିକ୍ ଡାଉନ୍‌ଲୋଡ୍ କରିପାରିବେ ବୋଲି ଘୋଷଣା ହୋଇଥିଲା। ମାତ୍ର ଏବେ ଏହାର ଅବଧିକୁ ଅଧିକ ଏକ ମାସ ବୃଦ୍ଧି କରାଯାଇଛି। ଇ-ଇପିକ୍ ପ୍ରତି ନୂତନ ଭୋଟରଙ୍କ ଆଗ୍ରହ ବଢୁଥିବା ଦେଖି ନିର୍ବାଚନ ଆୟୋଗ ଏହାର ଡାଉନ୍‌ଲୋଡ୍‌ର ସମୟସୀମା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବହୁ ନୂତନ ଭୋଟର ଇ-ଇପିକ୍ ବା ଡିଜିଟାଲ ଫଟୋ ପରିଚୟପତ୍ର ନିଜ ମୋବାଇଲ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ଡାଉନ୍‌ଲୋଡ୍ କରି ନ ଥିବାରୁ ଏଥିଲାଗି ଅଧିକ ସମୟ ଦେବାକୁ ବିଭିନ୍ନ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଥିଲେ। ଏସବୁକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ପ୍ରାଥମିକତା ଭିତ୍ତିରେ ୨୦୨୧ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକାରେ ନୂତନଭାବେ ପଞ୍ଜୀକୃତ ହୋଇଥିବା ଭୋଟରଙ୍କ ନିମନ୍ତେ ଇ-ଇପିକ୍ ଡାଉନ୍‌ଲୋଡ୍ କରିବା ସମୟସୀମାକୁ ବୃଦ୍ଧି କରିଛନ୍ତି। ସେହିପରି ଏସ୍‌ଏସ୍‌ଆର୍-୨୦୨୧ ପୂର୍ବରୁ ପଞ୍ଜୀକୃତ ଭୋଟରମାନେ ଯେଉଁମାନଙ୍କ ମୋବାଇଲ ନମ୍ବର ସଂଯୋଗ ହୋଇଥିବ, ସେମାନଙ୍କ ପାଇଁ ମଧ୍ୟ ଇ-ଇପିକ୍ ବା ଡିଜିଟାଲ ଫଟୋ ପରିଚୟ ଡାଉନ୍‌ଲୋଡ୍ କରିବାର ସମୟ ଅଲଗା ଭାବେ ପରେ ନିର୍ବାଚନ ଆୟୋଗଙ୍କ ତରଫରୁ ଜଣାଇ ଦିଆଯିବ ବୋଲି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀମାନେ ସମ୍ପୃକ୍ତ ଜିଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବା ସହ ଇ-ଇପିକ୍‌ର ସୁଯୋଗ ନେବା ନିମନ୍ତେ ସମସ୍ତ ନୂତନ ଭୋଟରଙ୍କୁ ଉତ୍ସାହିତ କରିବାକୁ ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

# ପିଲାଙ୍କ ପୁଷ୍ଟି ଚିନ୍ତା: ମିଳିବ ହାପିନେସ୍ କିଟ୍

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମିଳିବ ହାପିନେସ୍ କିଟ୍। ଏଥିରେ ଅଟା, ଚଣା, ହଳଦୀଗୁଣ୍ଡ, ଡାଲଚିନି, ଚିନାବାଦାମ ଓ ଗୁଡ଼ ଭଳି ଇମ୍ୟୁନିଟି ବୁଷ୍ଟର ସାମଗ୍ରୀ ରହିବ। ପିଲାଙ୍କ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ଏହାଛଡ଼ା ପେନ୍, ପେନ୍‌ସିଲ, ନୋଟ୍‌ପ୍ୟାଡ୍, ସାନିଟାରି ନାପ୍‌କିନ, ଟୁଥ୍ ପେଷ୍ଟ ରହିବ। କରୋନା ସମୟରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉନାହିଁ। ମା'ବାପାଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯାଉଛି। ସ୍କୁଲକୁ ଆସିବା ପୂର୍ବରୁ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ଲାଗି ଉକ୍ତ କିଟ୍ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ ଏବଂ ସୁନ୍ଦରଗଡ଼ ଜିଲାର ୧୯୧୬ ସ୍କୁଲର ୮୩ ହଜାର ପିଲାଙ୍କୁ ଏହି କିଟ୍ ଅକ୍ଷୟପାତ୍ର ଫାଉଣ୍ଡେଶନ ଜରିଆରେ ପ୍ରଦାନ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସବୁ ସ୍କୁଲକୁ ଦିଆଯିବ। ଫେବୃୟାରୀ ପ୍ରଥମ ସପ୍ତାହରୁ ଏହି କିଟ୍ ବଣ୍ଟନ ଆରମ୍ଭ ହେବ।

# ଟ୍ରେନ୍ ଧକ୍କାରେ ୩ ହରିଣ ମୃତ

## ଧଳତଙ୍ଗଗଡ଼ ଜଙ୍ଗଲରେ ବନ୍ୟଜନ୍ତୁ ଅସୁରକ୍ଷିତ

ଜଗତ୍‌ସିଂହପୁର ଅଫିସ/ ରଘୁନାଥପୁର(ଡି.ଏନ୍.ଏ.) ୩୧।୧

ଜଗତ୍‌ସିଂହପୁର ଜିଲାର ଧଳତଙ୍ଗଗଡ଼ ଜଙ୍ଗଲ ନିକଟସ୍ଥ କଟକ-ପାରାଦୀପ ରେଳପଥର ତିନିପୋଲିଆରେ ରବିବାର ଟ୍ରେନ୍ ଧକ୍କାରେ ୩ ହରିଣଙ୍କ ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କଠାରୁ ସୂଚନାପାଇ ବିଭାଗୀୟ ରେଞ୍ଜ ଅଫିସର ବଳରାମ ସାହୁ, ଫରେଷ୍ଟର ରାଜେନ୍ଦ୍ର ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ହରିଣଙ୍କ ମୃତଦେହ ଜବତ କରିଛନ୍ତି। ପରେ ଡିଏଫ୍‌ଓ ସୁଦର୍ଶନ ପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯିବା ପରେ ଗୋବିନ୍ଦାପୋଖରୀସ୍ଥିତ ରେଞ୍ଜ ଅଫିସ ନିକଟରେ ମୃତ ହରିଣଙ୍କୁ ପୋତିଦିଆଯାଇଛି। ରେଞ୍ଜ ଅଫିସର ସାହୁଙ୍କ କହିବାନୁଯାୟୀ, ହରିଣ ମୁଗବିରି ଫସଲ ଖାଇବାକୁ ସଂରକ୍ଷିତ ଜଙ୍ଗଲ ନିକଟ ଟ୍ରେନ ଲାଇନ ଡେଇଁ ଗଲାବେଳେ ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଛି।

ଧଳତଙ୍ଗଗଡ଼ ପର୍ଯ୍ୟଟନ କ୍ଷେତ୍ର ହରିଣଙ୍କ ଯୋଗୁ ବେଶ୍ ପରିଚିତ। ଏଠାରେ ହରିଣ ଓ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ଏକ ବିଟ୍ ହାଉସ୍ କରାଯାଇଛି। ମାତ୍ର ଧଳତଙ୍ଗଗଡ଼ ଜଙ୍ଗଲରେ ବନ୍ୟଜନ୍ତୁ ଅସୁରକ୍ଷିତ ଥିବା ରବିବାର ୩ ହରିଣଙ୍କ ମୃତ୍ୟୁ ଘଟଣାରୁ ସଷ୍ଟ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଖାଦ୍ୟ ଓ ପାନୀୟ ଜଳ ଅଭାବରୁ ହରିଣ ଜଙ୍ଗଲ ବାହାରକୁ ଯାଉଛନ୍ତି । ଅତୀତରେ ମଧ ୨୦ରୁ ଊର୍ଦ୍ଧ୍ୱ ହରିଣ ରେଳ ଦୁର୍ଘଟଣା, କୁକୁର କାମୁଡ଼ା ଓ ଶିକାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ତେଣୁ ଜଙ୍ଗଲରେ ମିଡୋ (ହରିଣଙ୍କ ଖାଦ୍ୟ ସଂଗ୍ରହ ପାଇଁ ଘାସ ଚାଷ) ଓ ଅଧିକ ପୋଖରୀ ଖନନ କରାଯିବା ସହ ଚାରିପଟେ ବାଡ଼ ନିର୍ମାଣ କରାଯିବା ଜରୁରୀ। ତାହା ନ ହେଲେ ଏଠାରେ ଆଗାମୀ ଦିନରେ ହରିଣ ବଂଶ ଲୋପ ପାଇଯିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ରେଞ୍ଜ ଅଫିସର ସାହୁ କହିଛନ୍ତି, ପୂର୍ବରୁ ଉକ୍ତ ଅଞ୍ଚଳରେ ଟ୍ରେନ ଧୀରେ ଚଳାଇବାକୁ ରେଲ୍‌ୱେକୁ ଚିଠି କରାଯାଇଛି । କିନ୍ତୁ କୌଣସି ପ୍ରତିକାର ହୋଇନାହିଁ। ଏଥିସହ ଜଙ୍ଗଲ ପରିସୀମା ୭ କିଲୋମିଟର ପର୍ଯ୍ୟନ୍ତ ୧୦ ଫୁଟ ଉଚ୍ଚର ପାଚେରି କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଚିଠି ଲେଖାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ନିଷ୍ପତ୍ତି ହୋଇନାହିଁ। ଜଙ୍ଗଲ ପରିସରରେ ୫ଟି ପୋଖରୀ ଥିବାବେଳେ ୨ଟି ଶୁଖିଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ଏକାଧିକ ସ୍ଥାନରେ କୁଣ୍ଡ ରଖାଯାଇଛି।

# କପିଳାସ ପ୍ରାଣୀ ଉଦ୍ୟାନ ପ୍ରବେଶ ଫି' ବଢ଼ିଲା

ଢେଙ୍କାନାଳ ଅଫିସ, ୩୧।୧

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ପାଇଁ ରହିଥିବା ପ୍ରବେଶ ଫି' ୨୦ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଶୁଳ୍କ ୧୦ଟଙ୍କା ଥିଲା। ୫ବର୍ଷରୁ କମ୍ ବୟସ ଶିଶୁଙ୍କ ଲାଗି ପ୍ରବେଶ ଦେୟମୁକ୍ତ ରହିଛି। ସୋମବାରଠାରୁ ଏହା କାର୍ଯ୍ୟକାରୀ ହେବ। ଗତ ଜାନୁୟାରୀ ୨୫ରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୭୨୨ରେ ଏ ନେଇ ଅବଗତ କରାଯାଇଥିବା ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଏରସମା,୩୧।୧(ସ୍ୱ.ପ୍ର.)

ଏରସମା ଥାନା ଅଞ୍ଚଳରୁ ଅପହରଣ କରାଯାଇଥିବା ୧୬ ବର୍ଷୀୟା ନାବାଳିକାଙ୍କୁ ରବିବାର ପାରାଦୀପରୁ ଉଦ୍ଧାର କରାଯାଇଛି। ଏନେଇ କୁଜଙ୍ଗ ଥାନା ଅନ୍ତର୍ଗତ ପୋଡାନଈ ଗ୍ରାମର ମୃତ୍ୟୁଞ୍ଜୟ ମଲ୍ଲିକ (୨୭)ଙ୍କୁ ଗିରଫ କରାଯାଇଛି। ୨ ଜାନୁୟାରୀରେ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଅପହରଣ କରିନେଇଥିଲେ ବୋଲି ପରିବାର ସଦସ୍ୟ ଏରସମା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧/୨୧) ରୁଜୁ ହୋଇଥିଲା। କିନ୍ତୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଳମ୍ବ କରାଯାଉଥିବା ଦର୍ଶାଇ ଏରସମାସ୍ଥିତ ରେବିକା ମହିଳା ସଂଘ ସଦସ୍ୟା ଶନିବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଅପହୃତାଙ୍କୁ ୪ ଦିନ ମଧ୍ୟରେ ଉଦ୍ଧାର କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମହାନଦୀ ପ୍ରସଙ୍ଗରେ ପୁଣି ତେଜିଲା ରାଜନୀତି

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ମହାନଦୀ ଜଳ ବିବାଦ ନେଇ ପୁଣି ରାଜନୀତି ଜୋର୍ ଧରିଛି। ମହାନଦୀ ଜଳ ବିବାଦ ନେଇ ଗଠିତ ଟ୍ରିବ୍ୟୁନାଲ ଗଠନର ଅବଧି ଶେଷ ହେବାକୁ ୨ମାସ ବାକି ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଭାଜପା ନେତା ବିଜୟ ମହାପାତ୍ର କେତେକ ପ୍ରଶ୍ନ ଉଠାଇଛନ୍ତି। ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜୟ କହିଛନ୍ତି, ମହାନଦୀକୁ ନେଇ କ'ଣ ଶୁଣାଣି ଚାଲିଛି ତାହା ଜଣାପଡୁନାହିଁ। ପୂର୍ବରୁ ମହାନଦୀ ପାଇଁ ସ୍ୱର ଉଠାଉଥିବା ସରକାର, ବିରୋଧୀ ଏବଂ ବିଭିନ୍ନ ସଙ୍ଗଠନ ବର୍ତ୍ତମାନ ଚୁପ୍ କାହିଁକି ଅଛନ୍ତି ବୋଲି ବିଜୟ ପ୍ରଶ୍ନ ଉଠାଇଛନ୍ତି। ଏହା ମଧ୍ୟରେ ଟ୍ରିବ୍ୟୁନାଲ ଗଠନକୁ ୩ ବର୍ଷ ବିତିଗଲାଣି। ରାଜ୍ୟ ସରକାର ହୀରାକୁଦର ତଳମୁଣ୍ଡରେ ଘୋଷଣା କରିଥିବା ୬ଟି ପ୍ରକଳ୍ପ କୁଆଡ଼େ ଗଲା। ପାର୍ଲାମେଣ୍ଟରେ ଏ ପ୍ରସଙ୍ଗ ଉଠିବା ଦରକାର। ନଚେତ୍ ଆଗକୁ ପରିସ୍ଥିତି ଭୟାନକ ହେବ ବୋଲି ବିଜୟ ଚେତାଇ ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଧାନସଭାରେ ଦଳ ପକ୍ଷରୁ ଏହି ପ୍ରସଙ୍ଗ ଉଠାଯିବ। ମହାନଦୀ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡକାନ୍ତୁ। ଏହି ପ୍ରସଙ୍ଗରେ ଉଭୟ ଭାଜପା ଓ ବିଜେଡି ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି ବୋଲି ତାରା ଅଭିଯୋଗ ଆଣିଛନ୍ତି। ଭାଜପା ଓ କଂଗ୍ରେସ ନେତାଙ୍କ ମତ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଟ୍ରିବ୍ୟୁନାଲଙ୍କ ରାୟ ଓଡ଼ିଶା ସପକ୍ଷରେ ଯିବ। ଓଡ଼ିଶାକୁ ତା'ର ହକ୍‌ର ପାଣି ମିଳିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

# ଝରାଫୁଲ ମୃତ୍ୟୁ ରହସ୍ୟ ହଟିପାରୁନି

## ହତ୍ୟା ନା ବିଷକ୍ରିୟା: ପୋଲିସଙ୍କୁ ଭିସେରା ଭରସା

ଭୁବନେଶ୍ୱର (ବ୍ୟୁରୋ)/ ରସୁଲପୁର, ୩୧।୧(ଡି.ଏନ.ଏ.)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ମୟୂରଭଞ୍ଜର ଝରାଫୁଲ ନାୟକଙ୍କ ମୃତ୍ୟୁକୁ ୫ ଦିନ ବିତିଛି। ଇତିମଧ୍ୟରେ ତାଙ୍କ ପ୍ରେମିକ ରାକେଶ ସ୍ୱାଇଁ ଗିରଫ ହୋଇଥିଲେ ମଧ୍ୟ ଏହି ରହସ୍ୟଜନକ ମୃତ୍ୟୁ ଉପରୁ ପର୍ଦ୍ଦା ହଟୁନି। ଫୁଡ୍ ପଏଜନ୍‌ରେ ଝରାଫୁଲଙ୍କ ମୃତ୍ୟୁ ଘଟିଥିବା ରାକେଶ ପୋଲିସକୁ କହୁଥିବାବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପୂରା ଘଟଣା ଅଡୁଆ ସୂତାରେ ଗୁଡ଼ାଇହେବା ଭଳି ଲାଗୁଛି। ଏହା ତଦନ୍ତକୁ ଆହୁରି ଜଟିଳ କରିଦେଉଥିବାବେଳେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଆରମ୍ଭରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କୁହାଯାଉଥିଲେ ମଧ୍ୟ ରାକେଶଙ୍କ କଥା କେତେ ସତ କେତେ ମିଛ ଜାଣିବା ପାଇଁ ୫ଦିନ ହେବ ପୋଲିସ ନୟାନ୍ତ ହୋଇଛି। ଝରାଫୁଲ ବାଣୀବିହାର ନିକଟରେ ବସ୍‌ରୁ ଓହ୍ଲାଇ ରାକେଶଙ୍କ ସହ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀସ୍ଥିତ ବିରିଆନି ଦୋକାନକୁ ଯିବା ଓ ଖଣ୍ଡଗିରି ଧର୍ମବିହାରସ୍ଥିତ ଗେଷ୍ଟ ହାଉସ୍‌ରେ ରାତି ବିତାଇବା ପର୍ଯ୍ୟନ୍ତ ସବୁକିଛି ଛାନ୍‌ଭିନ୍ କରିଛି ଯାଜପୁର ଜିଲା ପୋଲିସର ୨ ଟିମ୍ ଏବଂ ଭୁବନେଶ୍ୱର କମିଶନରେଟ୍ ପୋଲିସ। ତେବେ ରାତିରେ ଏପରି କ'ଣ ଘଟିଲା ଯେ ଝରାଫୁଲର ଜୀବନ ଚାଲିଗଲା, ତାହାର ପ୍ରକୃତ କାରଣ ଏଯାଏ ଖୋଜିପାଉନି। ଏପଟେ ଭୁବନେଶ୍ୱରରୁ ସ୍କୁଟିରେ ମୃତଦେହକୁ ନେଇ ଯାଜପୁରରେ ଫିଙ୍ଗିବା ପର୍ଯ୍ୟନ୍ତ ସହଯୋଗ କରିଥିବା ଅନ୍ୟତମ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି। ଉକ୍ତ ସ୍କୁଟିର ବି ପତ୍ତା ମିଳୁନି। ଏପରିସ୍ଥଳେ ପୋଲିସ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟକୁ ଚାହିଁ ବସିଛି। ତେବେ ଭିସେରା ରିପୋର୍ଟରୁ ତାଙ୍କ ଶରୀରରେ ବିଷକ୍ରିୟା ହୋଇଥିଲା କି ନାହିଁ ଅଧିକ ସ୍ପଷ୍ଟ ହେବ ବୋଲି ଫରେନ୍‌ସିକ୍ ଟିମ୍‌ର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷେ ଝରାଫୁଲଙ୍କ ମୃତ୍ୟୁ ଘଟିବା କଥା ରାକେଶ ଜାଣିବା ପରେ ଡାକ୍ତରଖାନା, ସ୍ଥାନୀୟ ପୋଲିସ କିମ୍ବା ତାଙ୍କ ପରିବାର ଲୋକଙ୍କୁ ନ ଜଣାଇ ମୃତଦେହକୁ ମୟୂରଭଞ୍ଜ କାହିଁକି ନେଇ ଯାଉଥିଲେ, ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୁବନେଶ୍ୱରରେ ରହସ୍ୟ ଲୁଚି ରହିଥିଲେ ମଧ୍ୟ କମିଶନରେଟ ପୋଲିସ ମାମଲାକୁ କାହିଁକି ନିଜ ଅଧୀନକୁ ଆଣୁନାହିଁ ତାହାକୁ ନେଇ ଆଉଏକ ପ୍ରଶ୍ନ ଉଠୁଛି।

### ଖସିବାକୁ ଯୋଜନା କରିଥିଲେ ରାକେଶ

ଗତ ୨୬ ତାରିଖରେ ଝରାଫୁଲ ଗାଁକୁ ଯିବା ପାଇଁ ବସ୍‌ରେ ବସିବା ପରେ ପରିବାର ଲୋକଙ୍କ ସହ ଆଉ ସମ୍ପର୍କ କରି ନ ଥିଲେ। ପରିବାର ଲୋକେ ତାଙ୍କ ପହଞ୍ଚିବା ବାଟକୁ ଚାହିଁ ବସିଥିବାବେଳେ ସେ ବସ୍‌ରୁ ଓହ୍ଲାଇ ପ୍ରେମିକ ରାକେଶଙ୍କ ସହ ବୁଲାବୁଲି କରି ରାତିରେ ଗେଷ୍ଟ ହାଉସ୍‌ରେ ରହିଥିଲେ। ବିଳମ୍ବିତ ରାତିରେ ରାକେଶ ଝରାଫୁଲଙ୍କ ଫୋନରୁ ତାଙ୍କ ଭାଇଙ୍କୁ ମେସେଜ୍ କରିଥିଲେ ଏବଂ ସେତେବେଳକୁ ଝରାଫୁଲଙ୍କ ମୃତ୍ୟୁ ଘଟିସାରିଥିବା ଅନୁମାନ କରାଯାଉଛି। ୨୭ ତାରିଖ ସକାଳେ ନିଜ ସହଯୋଗୀଙ୍କ ସହ ମିଶି ଝରାଫୁଲଙ୍କ ମୃତ ଶରୀରକୁ ମୟୂରଭଞ୍ଜ ନେଉଥିଲେ। ତେବେ ମୃତଦେହ ମୟୂରଭଞ୍ଜରେ ମିଳିଥିଲେ ଏହା ଭିନ୍ନ ମୋଡ଼ ନେଇଥାନ୍ତା। ପୋଲିସର ଦୃଷ୍ଟି ରାକେଶଙ୍କ ଉପରୁ ହଟି ଅନ୍ୟଆଡେ ପଳାଇଥାନ୍ତା। ତେଣୁ ଏହା ରାକେଶର ସୁପରିକଳ୍ପିତ ଯୋଜନା ଥିଲା ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ରାତିରେ ଝରାଫୁଲଙ୍କ ମୃତ୍ୟୁ ଘଟିଥିବା ରାକେଶ ଜାଣି ସାରିବା ପରେ ଏ ସମସ୍ତ ଯୋଜନା କରିଥିଲେ ବୋଲି କୁହାଯାଉଛି।

### ଯାଜପୁର ପୋଲିସର ସମ୍ମାନହାନି ଭୟ

ଝରାଫୁଲଙ୍କ ମୃତ୍ୟୁ ରହସ୍ୟ ଉପରୁ ପର୍ଦ୍ଦା ହଟାଇବା ପାଇଁ ତଦନ୍ତକାରୀ ଅଧିକାରୀ ଯାଜପୁର ରୋଡ୍ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠନ କରାଯାଇଛି। ୨ ଟିମ୍ ମୃତଦେହ ପଡ଼ିଥିବା ସ୍ଥାନ, ଝରାଫୁଲ ଓ ରାକେଶ ରାତ୍ରିଯାପନ କରିଥିବା ଗେଷ୍ଟହାଉସ୍, ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ରାକେଶଙ୍କ ଘର, ତାଙ୍କ ସମ୍ପର୍କୀୟ ଭାଇଙ୍କ ଘର ଆଦି ସ୍ଥାନରେ ଚଢାଉ କରି ତଥ୍ୟ ସଂଗ୍ରହ କରିଛି। ଉକ୍ତ ସ୍ଥାନଗୁଡିକରୁ ରାକେଶ ଏବଂ ଝରାଫୁଲଙ୍କ ବ୍ୟବହୃତ ସାମଗ୍ରୀକୁ ସାଇଣ୍ଟିଫିକ୍ ଟିମ୍ ଓ ତଦନ୍ତ ଅଧିକାରୀ ଜବତ କରିଛନ୍ତି। ସେ ସବୁକୁ ସୋମବାର ଫରେନ୍‌ସିକ୍ ଲାବରେଟୋରିକୁ ପୋଲିସ ପଠାଇବ ବୋଲି ଜଣାପଡିଛି। ଏହାସହ ରାକେଶଙ୍କ ସହଯୋଗୀଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଥିବା ପୋଲିସ କହୁଛି। ସମ୍ମାନହାନି ଭୟ ଥିବାରୁ ଯାଜପୁର ଜିଲା ପୋଲିସ ପକ୍ଷରୁ ଘଟଣାର ତଦନ୍ତକୁ ବିଶେଷଭାବେ ଗୁରୁତ୍ୱ ଦିଆଯାଉଛି। କାରଣ ୨୦୧୯ରେ ଧର୍ମଶାଳା ବ୍ଲକ ହରିଦାସପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଯାଜପୁର ଜିଲା ପୋଲିସ ଅପଦସ୍ଥ ହେବା ସହ ତତ୍କାଳୀନ ଏସ୍‌ପି ଚରଣସିଂ ମୀନା ବିବାଦୀୟ ହୋଇପଡ଼ିଥିଲେ। ତେଣୁ ଝରାଫୁଲ ମୃତ୍ୟୁ ଘଟଣାରେ ବଦନାମ ନ ହେବା ପାଇଁ ଯାଜପୁର ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡ଼ୁଛି। ତଦନ୍ତ ପ୍ରକ୍ରିୟାକୁ ଯଥାସମ୍ଭବ ଗୋପନ ରଖାଯିବାକୁ ପୋଲିସ ଚେଷ୍ଟା କରୁଛି। ଏସ୍‌ପିଙ୍କଠାରୁ ଆରମ୍ଭ କରି ତଦନ୍ତକାରୀ ଟିମ୍ ଅଧିକାରୀମାନେ ଗଣମାଧ୍ୟମକୁ ମାପିଚୁପି ତଥ୍ୟ ଓ ପ୍ରତିକ୍ରିୟା ଦେଉଛନ୍ତି। ଇତିମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଥିବା ଆଲୋଚନା ହେଉଛି। ସେହିପରି ଅଭିଯୁକ୍ତ ରାକେଶଙ୍କ ସହଯୋଗୀ ଗିରଫ ହୋଇସାରିଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏହାକୁ ପୋଲିସ ଖଣ୍ଡନ କରୁଛି।



### ଝରାଫୁଲଙ୍କ ସିମ୍ ଭାଙ୍ଗି ଦେବା ପାଇଁ ତାଗିଦ କରିଥିଲେ ବାପା

ଝରାଫୁଲଙ୍କ ମୃତ୍ୟୁକୁ ନେଇ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ରାକେଶଙ୍କ ସହ ଝରାଫୁଲ ସବୁବେଳେ ଫୋନ୍‌ରେ କଥା ହେଉଥିଲେ। ଏହା ଜାଣିବା ପରେ ଝରାଫୁଲଙ୍କଠାରୁ ବାପା ମୋବାଇଲ ଫୋନ୍ ଛଡ଼ାଇ ନେଇ ସେଥିରୁ ସବୁକିଛି ଡିଲିଟ୍ କରିଦେଇଥିଲେ। ଏମିତିକି ମୋବାଇଲ୍ ଫୋନ ସିମ୍‌କୁ ଭାଙ୍ଗି ଦେଇଥିଲେ। ଏଥିସହିତ ରାକେଶ ସହ ଦେଖା ନ କରିବାକୁ ତାଙ୍କୁ ବାରମ୍ବାର ତାଗିଦ୍ ମଧ୍ୟ କରିଥିଲେ। ହେଲେ ଝରାଫୁଲ ରାକେଶଙ୍କ ଫୋନ୍ ନମ୍ବର ମନେରଖିଥିଲେ। ଏହାର କିଛିଦିନ ପରେ ସେ ରାକେଶଙ୍କୁ ଯୋଗାଯୋଗ କରିବା ସହ ମିଳାମିଶା କରିଥିଲେ ବୋଲି ରବିବାର ଝରାଫୁଲଙ୍କ ବାପା ରମାକାନ୍ତ କହିଛନ୍ତି।

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡ଼ିଦେବା । —ଶ୍ରୀମା

# ନିଆଁରେ ଇନ୍ଧନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩୧ ଜାନୁୟାରୀରେ ତାଙ୍କର ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ଫାସ୍‌ଟାଗ ବିଷୟରେ କହିଛନ୍ତି । ନିକଟରେ ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗ ରାଜଧାନୀ କଲିକତାରୁ ଅପର୍ଣ୍ଣା ଦାସ ନାମ୍ନୀ ଜନୈକା ବ୍ୟକ୍ତି ନମୋ ଆପ୍‌ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀଙ୍କୁ ଫାସ୍‌ଟାଗ୍ ଉପରେ କିଛି କହିବାକୁ ଅନୁରୋଧ କରିଥିଲେ । ସାଧାରଣରେ ଜାତୀୟ ରାଜପଥର ନିର୍ଦ୍ଧାରିତ କିଲୋମିଟର ଦୂରତାରେ ବସାଯାଉଥିବା ଟୋଲ୍ ଟିକସ ଫାଟକ ଅତିକ୍ରମ କରିବା ପାଇଁ ସରକାର ଫାସ୍‌ଟାଗ୍ ବ୍ୟବସ୍ଥା କରିଛନ୍ତି । ଏଥିରେ ଯାନବାହନ ମାଲିକ ପ୍ରଥମେ ହିସାବ କରି ସରକାରଙ୍କ ପାଖରେ ଟଙ୍କା ବାନ୍ଧିବେ । ସେତିକି ମୂଲ୍ୟର ଏକ କାର୍ଡ ମିଳିବ, ଯାହାକି ଗାଡ଼ିର ସାମ୍ନା କାଚ ଉପରେ ଲଗାଯାଇପାରିବ । ଟୋଲ୍ ଫାଟକରେ ଥିବା କାର୍ଡ ପଢ଼ିବା ଯନ୍ତ୍ର ଜମା କରାଯାଇଥିବା ଟଙ୍କାରୁ ସେହି ଫାଟକ ମୂଲ୍ୟର ଅର୍ଥ କାଟିନେବା ପରେ ଗାଡ଼ି ଆଗକୁ ବଢ଼ିବା ପାଇଁ ଫାଟକ ଖୋଲିବ । ଏଥିପାଇଁ ମଣିଷର ପ୍ରୟୋଜନ ହେବ ନାହିଁ । ଅର୍ଥାତ୍ ଆଜିର ପରିସ୍ଥିତିରେ ଫାଟକଗୁଡ଼ିକରେ ବସୁଥିବା ଯୁବକଙ୍କ ରୋଜଗାରର ବାଟ ବନ୍ଦ ହେବ । ଏହା ବ୍ୟତୀତ ସବୁ ଟିକସ ବୃଦ୍ଧି ପାଇବା ଭଳି ଯାନବାହନ ମାଲିକମାନେ, ରାସ୍ତା ବ୍ୟବହାର ପୂର୍ବରୁ, ସରକାରଙ୍କ ପାଖରେ ଆଗରୁ ଅର୍ଥ ବାନ୍ଧିବେ । ଏହାସହିତ ଯଦି କାର୍ଡ ପଢ଼ିବା ମେଶିନରେ ତ୍ରୁଟି ହୁଏ, ତେବେ ସେ ସମ୍ପର୍କରେ ବାହନଚାଳକ ଜାଣିବା ଅସମ୍ଭବ । ୧୦୦ ଟଙ୍କା ଜାଗାରେ ୨୦୦ ଟଙ୍କା କଟିଗଲେ କେହି କିଛି କରିପାରିବେ ନାହିଁ । ଏଥିରେ କଟିଥିବା ଟଙ୍କାର ରସିଦ ମିଳିବାର ବ୍ୟବସ୍ଥା ନାହିଁ । ଏଥିସହିତ ଫାସ୍‌ଟାଗରେ କୌଣସି ଆବେଦନର ବ୍ୟବସ୍ଥା ମଧ୍ୟ ରଖାଯାଇ ନାହିଁ । ଦେଖିବାକୁ ଗଲେ ଫାସ୍‌ଟାଗ ସରକାରଙ୍କ ପାଇଁ ଅନ୍ୟ ଏକ ବିପୁଳ ଅର୍ଥ ଆଦାୟର ମାର୍ଗ । ଏଠାରେ ଉଲ୍ଲେଖଯୋଗ୍ୟ, ଗାଡ଼ି ପଞ୍ଜୀକରଣ କଲାବେଳେ ୧୫ ବର୍ଷ ପାଇଁ ରୋଡ୍ ଟ୍ୟାକ୍ସ ଦେବା ବାଧ୍ୟତାମୂଳକ । ତେବେ ଫାସ୍‌ଟାଗ ପ୍ରହସନକୁ ଯଥାର୍ଥ ବୋଲି ଦେଖାଇବା ପାଇଁ ପଶ୍ଚିମବଙ୍ଗରୁ ଏଭଳି ଏକ ନିବେଦନ ଆସିଥିବା ପଛର ଉଦ୍ଦେଶ୍ୟ ହେଉଛି, ସେଠାରେ ଜନସାଧାରଣ ଏହି ବ୍ୟବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଓଡ଼ିଶାରେ ସେଭଳି ଅସନ୍ତୋଷ ପ୍ରକାଶ ପାଇବାର ନଜିର ନାହିଁ, କାରଣ ଆମେ ସବୁ ସହିଯାଉଛେ ।

ଫାସ୍‌ଟାଗ୍ ବ୍ୟବସ୍ଥାକୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀ ମନ୍ କି ବାତ୍‌ରେ ଏହାର ଉପକାରିତା ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ପୂର୍ବରୁ ଟୋଲ୍ ପ୍ଲାଜା ଅତିକ୍ରମ କରିବା ସକାଶେ ଗୋଟେ ଗାଡ଼ିକୁ ପାଖାପାଖି ୭ରୁ ୮ ମିନିଟ୍ ଲାଗୁଥିଲା । ଗାଡ଼ିରେ ଫାସ୍‌ଟାଗ୍ ଲାଗିଯିବା ପରେ ଏହା ଦେଢ଼ରୁ ଦୁଇ ମିନିଟ୍ ଭିତରେ ଟୋଲ୍ ପ୍ଲାଜା ଅତିକ୍ରମ କରିବା ସହିତ ଇନ୍ଧନ ମଧ୍ୟ ବଞ୍ଚାଇପାରିବ । ଏଥିସହିତ କରଦାତାଙ୍କ ୨୧ ହଜାର କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଭଳି ହିସାବ କେଉଁ ମାଧ୍ୟମରେ ଯୋଗାଡ଼ କରାଯାଇଛି, ତାହାର ଆଧାର ହୁଏତ କେହି ଜାଣି ନ ଥିବେ । ଏହା ବ୍ୟତୀତ ମୁଣ୍ଡାମୁଣ୍ଡି ୨୧ ହଜାର କୋଟି ଟଙ୍କା (୨୦ ନୁହେଁ କି ୨୨ ନୁହେଁ) ଦୈନିକ, ମାସିକ ନା ବାର୍ଷିକ ତାହା ସ୍ପଷ୍ଟ କରାଯାଇ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ, ଭାରତରେ ପ୍ରତି ୧୦ ବର୍ଷରେ ଜନଗଣନା କରାଯାଏ । ସେହି ଦଶନ୍ଧି ମଧ୍ୟରେ ଅନେକ କୋଟି ପିଲା ଜନ୍ମହେବା ସହିତ ଅନେକ କୋଟିଙ୍କ ମୃତ୍ୟୁ ଘଟିଥାଏ । ସେଥିରୁ କିଛି କୋଟି ସଡ଼କ ଦୁର୍ଘଟଣାରେ ମରନ୍ତି । ଏହି ଦଶନ୍ଧିପୁରୁଣା ଜନଗଣନାକୁ ଆଧାର କରି ଆମ ଦେଶର ସବୁ ପ୍ରକାର ନୀତି, ଯୋଜନା, ଆଇନକାନୁନ ସମେତ ରାସ୍ତା ଓ ପୋଲର ଚଉଡ଼ା କେତେ ହେବ ତାହା ନିର୍ଦ୍ଧାରଣ କରାଯାଇଥାଏ । ଏପରି ମୌଳିକ ତଥ୍ୟ ପାଇପାରୁ ନ ଥିବା ସରକାର କେମିତି ୨୧ ହଜାର କୋଟି ଟଙ୍କା କରଦାତାଙ୍କ ବଞ୍ଚିଯିବ ବୋଲି ଦାବି କରୁଛନ୍ତି, ତାହା ବୁଝିବା ସାଧାରଣରେ କଷ୍ଟକର । ଅବଶ୍ୟ ଆଜିର ସରକାରଙ୍କ ପାଇଁ ସବୁ କଥା ଭିନ୍ନ ହୋଇଯାଉଛି । ଅସତ୍ୟକୁ ବିଶ୍ୱାସ ନ କଲେ ଦୋଷ ନାଗରିକର ।

ଏକ ନୂଆ ବ୍ୟବସ୍ଥା, ଯାହା ଦ୍ୱାରା ଲୋକଙ୍କ କଲ୍ୟାଣ ହୋଇପାରିଥାଏ ତାହା ନିଶ୍ଚିତ ଭାବେ ଗ୍ରହଣଯୋଗ୍ୟ । ହେଲେ ବର୍ଷ ବର୍ଷ ଧରି ଟୋଲ୍ ପ୍ଲାଜା ରାଜପଥ ଉପରେ ଦଣ୍ଡାୟମାନ କରିବାର କି ଆବଶ୍ୟକତା ରହିଛି ବୋଲି ହେଉଥିବା ଯୁକ୍ତିକୁ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଚିନ୍ତା କରିବା ଦରକାର । ଏହା ମଧ୍ୟ ଅଭିଯୋଗ ହୋଇଥାଏ ଯେ, କେତେକ ସରକାରୀ ଅଧିକାରୀ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜାକୁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇ ଦୀର୍ଘଦିନ ଚଲାଇ ରଖି ଫାଇଦା ଉଠାଇଥାଆନ୍ତି । ରାସ୍ତା ନିର୍ମାଣ ଲାଗି ବ୍ୟୟ କରାଯାଇଥିବା ଅର୍ଥ ଭରଣା କରାଯାଇପାରିଥିଲେ ମଧ୍ୟ ଲାଭ ଦିଗକୁ ଦେଖି ଟୋଲ୍ ପ୍ଲାଜାକୁ ବଞ୍ଚାଇ ରଖାଯାଉଛି । ଗାଡ଼ି ମାଲିକ ହୁଅନ୍ତୁ ବା ଯାତ୍ରୀ, କେବଳ ରାସ୍ତାରେ ଗଲା ବେଳେ ଟୋଲ୍ ପ୍ଲାଜାରେ ଭିଡ଼ ହେଲେ ସାମାନ୍ୟ ଅସନ୍ତୋଷ ବ୍ୟକ୍ତ କରିଥାଆନ୍ତି । ଏହା ପରେ ଯେଉଁ କଥାକୁ ସେହି କଥା । ଏଭଳି ପ୍ରଚ୍ଛଦପଟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ଆଲୋଚନା ପରିସରକୁ ଅଣାଯିବା ଦରକାର । ରାଜସ୍ଥାନରେ ଇନ୍ଧନ ଦର ଲିଟର ପିଛା ୧୦୦ ଟଙ୍କା ଛୁଇଁଥିବା ବେଳେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ମୂଲ୍ୟ ୯୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ହୋଇଯାଇଛି । ଏହାଦ୍ୱାରା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି । ଲୋକେ ଅତିଷ୍ଠ ହୋଇପଡ଼ିଲେଣି । ଏ ବିଷୟରେ ସମସ୍ତେ ଆଲୋଚନା କରୁଥିଲେ ମଧ୍ୟ ଏକଜୁଟ ହୋଇ ପ୍ରତିବାଦ କରିବା ଦେଖାଯାଉ ନାହିଁ । କେନ୍ଦ୍ର ସରକାର ଏ ବିଷୟ ଜାଣୁଥିଲେ ମଧ୍ୟ ନିଦାବିଷ୍ଟ ପାଲଟିଛନ୍ତି । ଏଠାରେ କୁହାଯାଇପାରେ ଯେ, ନମୋ ଆପ୍‌ରେ ପୋଷ୍ଟିଂ କରାଯାଉଥିବା ଅନେକ ବିଷୟକୁ 'ମନ୍ କି ବାତ୍'ରେ ସ୍ଥାନିତ କରାଯାଉ ନାହିଁ । ସରକାରଙ୍କୁ ସୁହାଇଲା ଭଳି କେତେକ ବିଷୟ ଚୟନ କରାଯାଉଛି । 'ନୂତନ ଭାରତ' ତୁଳନାରେ ପୁରାତନ ଭାରତରେ ନାଗରିକମାନେ ଅଧିକ ସଚେତନ, ସକ୍ରିୟ ଏବଂ ଗଣତନ୍ତ୍ର ବିଶ୍ୱାସୀ ଥିବା ଭଳି ମନେହେଉଛି । ପୂର୍ବରୁ ତେଲ ଦର ବୃଦ୍ଧି ହେଲେ ରାଜନୈତିକ ଦଳଗୁଡ଼ିକ ସହିତ ସାଧାରଣ ନାଗରିକ ଆନ୍ଦୋଳନକୁ ଓହ୍ଲାଇ ଆସୁଥିଲେ । ଅନେକ ଉଦାହରଣ ରହିଛି, ଯେଉଁଥିରୁ ପ୍ରମାଣ ମିଳୁଛି ଯେ, ଆନ୍ଦୋଳନ ତୀବ୍ରତର ହେଲେ ପୂର୍ବ ସରକାରମାନେ ଘୋଷଣାକୁ ଫେରସ୍ତ ବା ରୋଲ୍‌ବ୍ୟାକ୍ କରିଛନ୍ତି । ନୂଆ ଭାରତରେ ସେଭଳି ଲୋକଙ୍କ କଥା ଶୁଣିବାର ଉଦାହରଣ ଦେଖିବାକୁ ମିଳୁନାହିଁ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | 0 | 3 | B | 2 | 8 | | | | | |
| 7 | | | A | | 4 | | | | E | | | | | |
| | | E | 7 | 9 | | A | | | | 6 | D | | | 1 |
| C | | 9 | 5 | 8 | | | | | | A | | | 3 | |
| | 8 | | | | | | | | | 9 | 1 | | 5 | B |
| 1 | | 5 | | 7 | | | | | | | | | A | |
| 0 | | 7 | | 5 | | 8 | | 3 | | | | | E | |
| | 6 | | | | 8 | 1 | | | | | | 9 | | C |
| | | 8 | | | B | | 0 | E | 4 | | | | | |
| E | | 2 | | A | | D | 6 | 5 | | 1 | | | | 7 |
| | | 3 | 0 | | 6 | E | 2 | | | | | | | 9 |
| 6 | | | B | 4 | | | | D | | | 3 | | 1 | 5 |
| | 2 | | | 3 | 9 | | 5 | | | | 4 | | | |
| | E | 1 | | | | 4 | | C | | 2 | | | 7 | A |
| | | | C | | | | | 1 | | | | | | 4 |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 0 | E | C | A | 2 | 7 | B | 4 | 8 | 9 | D | 3 | 1 |
| E | C | 1 | B | 4 | 8 | A | 6 | D | 2 | 3 | 7 | 0 | 9 | 5 |
| 4 | D | 8 | 2 | 6 | 3 | 0 | 5 | 9 | B | 1 | A | 7 | C | E |
| 7 | 9 | 3 | 0 | 1 | D | C | 8 | 4 | 6 | E | 5 | B | 2 | A |
| B | 2 | A | 9 | 7 | 5 | 1 | E | 3 | D | C | 0 | 8 | 6 | 4 |
| 2 | 5 | 6 | 3 | 9 | 4 | B | 0 | 7 | 1 | A | E | C | D | 8 |
| 0 | B | C | D | E | 7 | 4 | 1 | 8 | 9 | 5 | 2 | 3 | A | 6 |
| 8 | 4 | 7 | 5 | B | 0 | E | D | A | C | 6 | 3 | 2 | 1 | 9 |
| A | 3 | 9 | 1 | 8 | 6 | 5 | C | 2 | 0 | 7 | D | E | 4 | B |
| 1 | E | D | C | A | 2 | 9 | 3 | 6 | 8 | B | 4 | 5 | 7 | 0 |
| D | 0 | B | 4 | 2 | C | 8 | A | 5 | 7 | 9 | 6 | 1 | E | 3 |
| 9 | 7 | 4 | A | 5 | B | D | 2 | E | 3 | 0 | 1 | 6 | 8 | C |
| 3 | 8 | E | 6 | D | 9 | 7 | B | 1 | 5 | 4 | C | A | 0 | 2 |
| C | A | 5 | 7 | 3 | 1 | 6 | 9 | 0 | E | 2 | 8 | 4 | B | D |
| 6 | 1 | 2 | 8 | 0 | E | 3 | 4 | C | A | D | B | 9 | 5 | 7 |

ଗତ କାଲିର ଉତ୍ତର

# ଅଗ୍ରଦୂତ ନବ ପ୍ରଭାତର



ଡ. ହୃଷୀକେଶ ମଲ୍ଲିକ

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶାର ରାଜନୀତି ଓ ସାହିତ୍ୟକୁ ସମୟର ଅକୃପଣ ବରଦାନ । ଏପରି ଏକ ସମୟରେ ସେ ଓଡ଼ିଶାର ମୁମୂର୍ଷୁପ୍ରାୟ ଜାତୀୟ ଜୀବନରେ ସଂଜୀବନୀ ସଦୃଶ ହୋଇ ଉଭା ହୋଇଥିଲେ, ଯେତେବେଳେ ତାଙ୍କ ନେତୃତ୍ୱର କାଂକ୍ଷିତ କୌଣସି ବିକଳ୍ପ ନ ଥିଲା । ରାଜତନ୍ତ୍ରର ଯଥେଚ୍ଛାଚାରିତାରେ ଓଡ଼ିଶାର ଦରିଦ୍ର ଜନଗଣ ଯେତେବେଳେ ମୂକପ୍ରାୟ ହୋଇ କେବଳ ଈଶ୍ୱରାଶ୍ରିତ ହୋଇ ବଞ୍ଚିବାରେ ଅନନ୍ୟୋପାୟ, ଠିକ୍ ସେତେବେଳେ ଭଗବତୀଙ୍କ ଆଶ୍ୱସ୍ତିଭରା ସ୍ୱର ଓଡ଼ିଶାର ପ୍ରାଦେଶିକ ରାଜନୀତିରେ ନୂଆ ଭରସା ଆଣି ଦେଇଥିଲା । ସମାଜ ବ୍ୟବସ୍ଥାରେ ଯାହା ପଚମାନ, ଅମାନବୀୟ ଓ ଅବିଚାରିତା, ତା'ରି ବାଟ ରୋଧ କରି ସଦମ୍ଭରେ ଠିଆ ହୋଇଥିଲା ଯେଉଁ ଯୁବ ସତ୍ତାଟି ତା'ରି ନାଁ ଥିଲା ଭଗବତୀ ଚରଣ । କେବଳ ସମାଜ ବା ଶାସନ ବ୍ୟବସ୍ଥା ନୁହେଁ, ଓଡ଼ିଆ ଭାଷା ଓ ସାହିତ୍ୟକୁ ଯେତେବେଳେ ଏକ ସ୍ଥିତାବସ୍ଥା ଜଡ଼ପ୍ରାୟ କରି ରଖିଥିଲା, ଠିକ୍ ସେହି ସମୟରେ ଆବିର୍ଭାବ ଘଟିଥିଲା ଓଡ଼ିଆ ବାଣୀ–ବିତାନରେ ଭଗବତୀଙ୍କର । ଓଡ଼ିଆ ସାହିତ୍ୟରେ ନାନା ଦିଗରୁ ସେ ହିଁ ଥିଲେ ନୂଆ ଇସ୍ତାହାର ।

୧୯୦୮ ମସିହା ଫେବୃୟାରୀ ପହିଲାରେ ଅବିଭକ୍ତ ପୁରୀ ଜିଲାର ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁରରେ ଜନ୍ମଗ୍ରହଣ କରିଥିଲେ ଭଗବତୀ । ଦିବ୍ୟସିଂହ ଓ କାଳିନ୍ଦୀଚରଣଙ୍କର ସେ ଥିଲେ ସାନ ଭାଇ । ୧୯୨୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ ପାଶ୍ ପରେ ସେ ରେଭେନ୍ସା କଲେଜରେ ଭର୍ତ୍ତି ହେଲେ । କଲେଜରେ ତାଙ୍କର ବିଷୟ ଥିଲା ବାଧ୍ୟତାମୂଳକ ଇଂଲିଶ୍ ସାଙ୍ଗକୁ ଓଡ଼ିଆ ଭାଷା–ସାହିତ୍ୟ, ଅର୍ଥନୀତି, ତର୍କଶାସ୍ତ୍ର ଓ ଇତିହାସ– ଯାହା ପରେ ତାଙ୍କୁ ସମାଜ ଓ ସାହିତ୍ୟ ଉଭୟରେ ଜଣେ ମୌଳିକ ଚିନ୍ତକ ଭାବେ ପ୍ରତିଷ୍ଠା ଦେଇଥିଲା । ଜେଲରେ ଥିବା ବେଳେ ସେ ଯେଉଁ 'ବିଶ୍ୱ ଇତିହାସ' ଲେଖିଥିଲେ ମେହନତୀ ମଣିଷର ଆଖିନେଇ, ତା'ର ଭିତ୍ତିପତ୍ତନ କରିଥିଲା ଭଗବତୀଙ୍କର ଏହି ମୁକ୍ତପାଠୀ ଛାତ୍ରଜୀବନ ।

ବାଲ୍ୟ ଓ କୈଶୋରରେ ଯିଏ ଥିଲେ ଗୋଲାପ ପରି କୋମଳ, ସରଳ ଓ ସୌରଭମୟ, ସେଇ ଦିନେ କମାଣ ପରି ଟାଣ ହୋଇ ଉଠିଥିଲେ ତାଙ୍କ କ୍ରମପରିଣତ ଯୁବ–ଜୀବନରେ । ୧୭ ଜୁନ୍ ୧୯୨୮ରେ ଗୋପବନ୍ଧୁଙ୍କ ପ୍ରୟାଣ ପରେ ଯେଉଁ ଶୂନ୍ୟତା ଓଡ଼ିଶାର ସମାଜ, ରାଜନୀତି ଓ ସାମ୍ବାଦିକତାରେ ସୃଷ୍ଟି ହେଲା, ତା'ର ସମୁଚିତ ପରିପୂରଣ ଘଟିଲା ଭଗବତୀଙ୍କ ବିବର୍ତ୍ତିତ ଚିନ୍ତନ ଓ ମନନରେ । ମାର୍କ୍ସଙ୍କ 'କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ' ସମଗ୍ର ପୃଥିବୀରେ ଯେଉଁ ନୂଆ ଜାଗରଣ ଗଢ଼ିତୋଳିଲା, ସେଇ ଅନ୍ତର୍ଜାତୀୟ ସମାଜବାଦୀ ଚିନ୍ତନରେ ଭାରତବର୍ଷର ଯେଉଁ କେତେଜଣ ଅଗ୍ରଗାମୀ ଜନନେତା ପ୍ରଭାବିତ ହୋଇ ମାନବମୁକ୍ତିର ଆଗ୍ନେୟ ଅଧ୍ୟାୟ ରଚି ବସିଲେ, ତା'ର ପୁରୋଭାଗରେ ଶୋଭା ପାଇଲେ ଭଗବତୀ । ହେଉ ଛାତ୍ର ଆନ୍ଦୋଳନ, କୃଷକ ଆନ୍ଦୋଳନ ବା ଗଡ଼ଜାତ ପ୍ରଜା ଆନ୍ଦୋଳନ– ତା'ର ନିର୍ଭରଯୋଗ୍ୟ କର୍ଣ୍ଣଧାର ହୋଇ ଆପଣାଭିତରେ ବିଗୁଲ୍ ପରି ବାଜି ଉଠିଲେ ସେ ।



୨୯ ନଭେମ୍ବର ୧୯୩୫ରେ ଆରମ୍ଭ ହୋଇ ଛ'ଦିନ ପାଇଁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଭଗବତୀଙ୍କ ନେତୃତ୍ୱରେ 'ନବ ଯୁଗ ସାହିତ୍ୟ ସଂସଦ'ର ଯେଉଁ ଅଧିବେଶନ ବସିଥିଲା, ତାହା ଓଡ଼ିଆ ଅସ୍ମିତାରେ ଥିଲା ଏକ ଦିଗବାରେଣୀ ଅଧ୍ୟାୟ । ଏହି ଅଧିବେଶନରେ କବି ଅନନ୍ତ ପଟ୍ଟନାୟକଙ୍କ ରଚିତ 'ନବୀନ ଯୁଗର ତରୁଣ ଜାଗରେ' ଶୀର୍ଷକ କବିତାଟିକୁ ଗାନ କରିଥିଲେ ମାଳତୀ ଚୌଧୁରୀ, ଅଶୋକ ରାଓ ଓ ଖୋକନ ଜୋଆରଦାର । ସେଥିରେ ଦୁଇଟି ଧାଡ଼ିଥିଲା ଏହିପରି: ''ଲୁପ୍ତ ହେଉରେ ଜାତି ଉପଜାତି ଖଣ୍ଡିତ ଜାତିଦେଶ/ ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖଜ୍ୱାଳା/ଜାଗ ବନ୍ଧନହରା ।'' ଅର୍ଥାତ୍ ଭଗବତୀଙ୍କ ରାଜନୈତିକ ଆଦର୍ଶ ଥିଲା ପ୍ରାଦେଶିକତାରୁ ମୁକ୍ତ ମହାଜାତୀୟତାର ଆଦର୍ଶ । ଏ ଆଦର୍ଶ କୌଣସି ଦେଶ ବା ଭାଷାରେ ଆବଦ୍ଧ ମାନବଗୋଷ୍ଠୀର ମୁକ୍ତିକାମନାରେ ସୀମିତ ନ ଥିଲା, ଥିଲା ମହାମାନବର ଶଙ୍ଖ ଧ୍ୱନି– ଯା'ର ପ୍ରମୁଖ ଶଙ୍ଖୁଆ ଥିଲେ ଭଗବତୀ । ଭାରତର ସମାଜ–ରାଜନୀତି ଓ ସାହିତ୍ୟର ପ୍ରେକ୍ଷାପଟରେ ଭଗବତୀ କର୍ତ୍ତୃକ ନୂଆ ଚେତନାଟିର ଉଦୟକୁ ପ୍ରଶଂସା କରି 'ନବଭାରତ'ର ସଂପାଦକ ପଣ୍ଡିତ ନୀଳକଣ୍ଠ ଦାସ ମନ୍ତବ୍ୟ କରିଥିଲେ ''ନୂତନ ଭାବ ଓ ନୂତନ ଚିନ୍ତାର ସ୍ରୋତ ସମାଜ ଉପରେ ବୁହାଇ ଦେଇ ଜାତିର ଶ୍ରୀବୃଦ୍ଧି କାମନା କରିବା ଯଥାର୍ଥ ଯୁବପ୍ରାଣର ପରିଚୟ ଦେଉଅଛି । ଜଗତ ବିକାଶମୟ । ଏହି ନୂତନତା ବିନା ବିକାଶ ବିନାଶରେ ପରିଣତ ହୁଏ । ସମାଜର ଦୃଢ଼ ବଦ୍ଧମୂଳ ଧାରଣା ସବୁ ଭେଦ କରି ନୂତନ କରି ଗଢ଼ିବାର ଦିନ ପୁଣି ଭାରତରେ ଆସିଛି ।'' (''ଯୁଗସ୍ରଷ୍ଟା ବିପ୍ଳବୀ ଭଗବତୀ ଚରଣ'': ଆଶିଷ ମହାପାତ୍ର, ପୃ:୯୮)

ବୟସରେ ତରୁଣ ହେଲେ ବି ନାନାକ୍ଷେତ୍ରରେ ବେଶ୍ ଚାରିଆଖିଆ ଥିଲେ ଭଗବତୀ । ହେଉ ବିବାହ ସମସ୍ୟା, ଅସ୍ପୃଶ୍ୟତା, ରାଜାରାଜୁଡ଼ାର ଅନ୍ଧାରି ଶାସନ ବା ସାହିତ୍ୟର ବିଚାରବିବେଚନ–ସବୁଥିରେ ସେ ନିଜ ସମୟର ବହୁ ଆଗରେ ଥିଲେ । ଥିଲେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା, ନବଯୁଗ ସାହିତ୍ୟ ସଂସଦର ଦୂରଦର୍ଶୀ ଉଦ୍‌ଗାତା, 'ଆଧୁନିକ' ପତ୍ରିକାର ଭବ୍ୟ ସଂପାଦକ । ଦେଶ ଓ ଦଶର ସେବା ପାଇଁ ସର୍ବସ୍ୱ ସମର୍ପି ଦେବାକୁ ପ୍ରତିନିୟତ ଆକୁଳ ହୋଇ ଉଠୁଥିବା ଜନନେତା ପ୍ରାକ୍–ସ୍ୱାଧୀନ ଭାରତରେ ତାଙ୍କ ପରି ଥିଲେ କ୍ୱଚିତ୍ । 'ସ୍ୱରାଜ'ର ଭାଷା କହିଲେ ସେ ବୁଝୁଥିଲେ କୃଷକ ଜାଗରଣ । ଇଟାଲୀ ଓ ଜର୍ମାନୀର ସାମ୍ରାଜ୍ୟବାଦୀ କାୟାବିସ୍ତାର ଓ ଏକ ଦୁଃଖଦ ଘଟଣାକ୍ରମେ ଜର୍ମାନ୍‌ର ରୁଷ୍ ଆକ୍ରମଣ ସତ୍ତ୍ୱେ ଭଗବତୀ ସବାଶେଷ ଜିତାପଟ ଯେ ମଣିଷର–ଏହି ବିଶ୍ୱାସରେ ବଦ୍ଧମୂଳ ଥିଲେ । କହିବା ବାହୁଲ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମ୍ରାଜ୍ୟବାଦୀ ଶକ୍ତିର ଶୋଚନୀୟ ପରାଜୟ ଘଟି ମିତ୍ରଶକ୍ତିର ବିଜୟ ହୋଇଥିଲା ଓ ସମଗ୍ର ବିଶ୍ୱରେ ମାନବମୁକ୍ତିର ଆଶା ଉଜ୍ଜ୍ୱଳ ହୋଇ ଉଠିଥିଲା ।

ଓଡ଼ିଆ ସାହିତ୍ୟର ଏକ ସନ୍ଧିକ୍ଷଣରେ ଭଗବତୀଙ୍କ ରଚିତ ସାହିତ୍ୟର ଯୁଗାନ୍ତକାରୀ ଚିନ୍ତା ତାଙ୍କୁ ଏକ ନୂଆ ଯୁଗର ଘଟକ ସାବ୍ୟସ୍ତ କରିଥିଲା । ଫକୀର ମୋହନଙ୍କ ''ଛ'ମାଣ ଆଠଗୁଣ୍ଠ''ରୁ ଯେଉଁ ଯୁଗଟିର ସିନ୍ଦୂରା ଫାଟିଥିଲା ଓଡ଼ିଆ ସାହିତ୍ୟରେ, ତା'ର ଶେଷ ଦୀପ୍ତି ପ୍ରଭାମୟ ହୋଇ ଉଠିଥିଲା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ୧୯୩୧ରେ ରଚିତ କାଳଜୟୀ ଉପନ୍ୟାସ 'ମାଟିର ମଣିଷ'ରେ । ତା'ପର ଯୁଗଟିର ଓଁକାର ଧ୍ୱନି ଥିଲେ ନିଃସନ୍ଦେହରେ ଭଗବତୀ ଚରଣ । 'ସାହିତ୍ୟ ପାଇଁ ସାହିତ୍ୟ' ଯୁଗଟିରେ ଅସ୍ତରାଗରୁ ଆଭା ନେଇ ଓଡ଼ିଆ ସାହିତ୍ୟରେ 'ମଣିଷ ପାଇଁ ସାହିତ୍ୟ'ର ଯେଉଁ ଯୁଗଟି ଅଭିଷିକ୍ତ ହୋଇଥିଲା ତା'ରି ପୁନେଇଁ ଜହ୍ନ ଥିଲେ ଅବଧାରିତ ଭାବେ ଭଗବତୀ । ସେ ତାଙ୍କ ସଂକ୍ଷିପ୍ତ ଜୀବଦ୍ଦଶାରେ ମାତ୍ର ୧୨ଟି ଗଳ୍ପ ଲେଖିଥିଲେ, ଯହିଁର ଲଲାଟ ତିଳକ ଥିଲା ୧୯୩୫ରେ ରଚିତ ଲେଖକଙ୍କର ପ୍ରସିଦ୍ଧ ଦୁଇଟି ଗଳ୍ପ 'ଶିକାର' ଓ 'ହାତୁଡ଼ି ଓ ଦାଆ' । ମଣିଷକୁ ମୁକ୍ତି ଦେବ ତା'ର ଆତ୍ମ ସାମର୍ଥ୍ୟ, ଧର୍ମ ନୁହେଁ– ଏହି ପ୍ରତ୍ୟୟରେ ସେ ଅଟଳ ଥିଲେ । ସାହିତ୍ୟ–ଇତିହାସକାର ଡକ୍ଟର ନଟବର ସାମନ୍ତରାୟ ଲେଖିଥିଲେ: ''ଦାସୋତ୍ତର (ଗୋପବନ୍ଧୁ ଦାସ) ଓଡ଼ିଶାରେ ଏକ ଅଗ୍ନି ସ୍ଫୁଲିଙ୍ଗ ସଦୃଶ ଦିନେ ଯେ ଓଡ଼ିଶାର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ବିପ୍ଳବର ଅଗ୍ନି ଜାଳି ଦେଇଥିଲେ, ସେ କେବଳ ଏ ଦେଶର ଯୁବ ଶକ୍ତିକୁ ନୂତନ ସାହିତ୍ୟ ସୃଷ୍ଟି ପାଇଁ ଉପଯୁକ୍ତ ଉତ୍ସାହ ଦେଇପାରନ୍ତି ।''

୧୯୪୩ ଅକ୍ଟୋବର ୨୩ ତାରିଖରେ ରକ୍ତ ଆମାଶୟରେ ପୀଡ଼ିତ ହୋଇ ମାତ୍ର ୩୫ ବର୍ଷ ବୟସରେ ଆମ ଗହଣରୁ ବିଦାୟ ନେଇଗଲେ ଭଗବତୀ । ମାନସିଂହ ଲେଖିଲେ: ''ସେ ବାହାରକୁ ଥିଲେ ନିରୀହ, ନିରହଂକାର, ଆସ୍ଫାଳନହୀନ ତରୁଣ, ତାଙ୍କ ବାଣୀରେ ନ ଥିଲା କୌଣସି ପ୍ରକାରର ଛଦ୍ମତା । ତାଙ୍କର ଅକାଳ ମୃତ୍ୟୁ ଓଡ଼ିଆ ଜାତି ପ୍ରତି ହୋଇ ରହିଲା ଏକ ଅପୂରଣୀୟ ସାଂସ୍କୃତିକ କ୍ଷତି ।'' ଭଗବତୀ ଯୁଗର ସବୁଠୁଁ ମହତ୍ତର କବି ସଚ୍ଚି ରାଉତରାୟ ତାଙ୍କ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ଯେଉଁ କବିତାଟି ଲେଖିଥିଲେ, ତା'ର କିୟଦଂଶ ଥିଲା ଏହିପରି: '' ଯିବ ଯେବେ ଯାଅ ତେବେ, ଘେନି ଯାଅ ମୋ' ରକ୍ତ ପ୍ରଣାମ/ ଉଷାର ଭୂମିକା ଯାଅ ଦେଖି/ ନୂତନ ପ୍ରଭାତ ଆସି ତବ ପଦେ ଆଗ ଯିବ ଲେଖି/ ଆପଣା ସ୍ୱାକ୍ଷର/ ବିଦାୟ, ବିଦାୟ ସାଥୀ ଅଗ୍ରଦୂତ ନବ ପ୍ରଭାତର ।'' (ମୁକ୍ତିଯୁଦ୍ଧ ; ୨୭ ନଭେମ୍ବର ୧୯୪୭ ସଂଖ୍ୟା) । ପୀଡ଼ିତ ମଣିଷର ଭାଗ୍ୟରେ ନୂଆ ସୂର୍ଯ୍ୟ ଉଇଁବା ଆଗରୁ ଯେଉଁ ରଶ୍ମିଦୀପ୍ତ ନକ୍ଷତ୍ରଟି ଅକାଳରେ ଅସ୍ତମିତ ହୋଇଗଲା, ସେଇ ନକ୍ଷତ୍ରଙ୍କୁ ତାଙ୍କ ପୁଣ୍ୟ ଜନ୍ମତିଥିରେ 'ଧରିତ୍ରୀ'ର ଶତକୋଟି ପ୍ରଣାମ !

ମୋ: ୯୮୫୩୨୮୭୭୫୫

# ସ୍ୱଚ୍ଛ ପରିବେଶ ହିଁ ସ୍ୱଚ୍ଛ ମାନବ ସମ୍ବଳ



ଡ. ଲକ୍ଷ୍ମଣ ସାହୁ

ଦେଶରେ ପ୍ରଦୂଷଣକୁ ରୋକିବା ପାଇଁ କୌଣସି ନିୟମର ଅଭାବ ନାହିଁ, କିନ୍ତୁ ଏକ ଅଂଶଗ୍ରହଣକାରୀ ଆଭିମୁଖ୍ୟ ଏବଂ ପ୍ରାକୃତିକ ପରିବେଶ ସହିତ ଦ୍ୱିପାକ୍ଷିକ ଭୂମିକା ଥିବାବେଳେ ଏହା କାର୍ଯ୍ୟକାରୀ ହେବା ସମ୍ଭବ ହେବ ଏବଂ ଏହାକୁ ଏକ ଉତ୍ତମ ଶାସନ ପଦକ୍ଷେପ ବୋଲି କୁହାଯାଏ । ଏଭଳି ଉତ୍ତମ ଶାସନ ଏକ ଗମ୍ଭୀର ଚେତନା ଏବଂ ଚିନ୍ତା ; ଯାହା କେବଳ ନାଗରିକଙ୍କୁ ବିକାଶ ପ୍ରଦାନ କରେ ନାହିଁ, ବରଂ ସମସ୍ୟାର ଏକ ଅନ୍ତର୍ଭୁକ୍ତ ଆଭିମୁଖ୍ୟ ମଧ୍ୟ ବଣ୍ଟନ କରେ । ଅଗ୍ରଣୀ ସମାଜ ଚିନ୍ତକମାନେ କହିଛନ୍ତି ଯେ, ଯଦି ଆମର ସଭ୍ୟତା ନଷ୍ଟ ହୋଇଯାଏ ତେବେ ଏହା ପ୍ରଶାସନର ଅବହେଳା ହେତୁ ହେବ । ଏହା ଧ୍ରୁବ ସତ୍ୟ ଯେ ଗୋଟିଏ ଉତ୍ତମ ସରକାର, ଯାହା ଉତ୍ତମ ପ୍ରଶାସନ ଏବଂ ଉତ୍ତମ ଶାସନ ଯେତେବେଳେ ଉଭୟ ଭଲ ପାଲଟି ଯାଏ, ସେତେବେଳେ ତାହା ସାମାଜିକ ସଶକ୍ତୀକରଣ ଏବଂ ଜନ କଲ୍ୟାଣର ପ୍ରତୀକ ହୋଇଯାଏ । ଉତ୍ତମ ବିକାଶର ଆବଶ୍ୟକତା ପରିପୂରଣ ସହିତ ସମୟାନୁସାରେ ଅନ୍ତର୍ଭୁକ୍ତ ବିକାଶଠାରୁ ଆରମ୍ଭ କରି ପ୍ରଦୂଷଣ ମୁକ୍ତି ପର୍ଯ୍ୟନ୍ତ କାର୍ଯ୍ୟ କରି ଚାଲିଥାଏ । କିନ୍ତୁ ସମୟ ଗଡ଼ିବା ସହିତ, ବେଳେ ବେଳେ ନାନାଦି ସମସ୍ୟା ଉପୁଜିଥିବା ହେତୁ, ଉତ୍ତମ ଶାସନ ପ୍ରତି ବ୍ୟାପକ ଚ୍ୟାଲେଞ୍ଜ ସୃଷ୍ଟି କରେ । ସାମ୍ପ୍ରତିକ ପରିସ୍ଥିତିରେ ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ତୃତୀୟ ବୃହତ୍ତମ ବିପଦ ପାଲଟିଛି । କେବଳ ବାୟୁ ପ୍ରଦୂଷଣ ହେତୁ ୨୦୧୭ରେ ଭାରତରେ ୧୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଘରୋଇ ବାୟୁରେ ଏକ ତୃତୀୟାଂଶରୁ ଅଧିକ ମୃତ୍ୟୁ ଘଟିଛି ପ୍ରଦୂଷଣ କାରଣରୁ ।

ଏକଥା ମଧ୍ୟ ସ୍ପଷ୍ଟ ଯେ, ପ୍ରଦୂଷଣ ବିଷୟରେ ଚିନ୍ତା କେବଳ ବାହ୍ୟ ନୁହେଁ, ଆଭ୍ୟନ୍ତରୀଣ କାରଣ ମଧ୍ୟ ହୋଇପାରେ । ତେବେ ଚାଇନା ଭଳି ବିଶ୍ୱର ଅନ୍ୟ ଦେଶରେ ମଧ୍ୟ ଭାରତ ଭଳି ସମାନ ପରିସ୍ଥିତି ଉପୁଜିଛି । ପାକିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ, ନାଇଜେରିଆ ଏବଂ ଆମେରିକା ସମେତ ଅନ୍ୟ ଦେଶରେ ବାୟୁ ପ୍ରଦୂଷଣ ହେତୁ ମୃତ୍ୟୁ ସଂଖ୍ୟା ଲକ୍ଷ ଲକ୍ଷରେ ରହିଛି, କିନ୍ତୁ ଭାରତ ଏବଂ ଚାଇନା ତୁଳନାରେ ଏହା ଅନେକ ଗୁଣ କମ୍ । ଯେତେବେଳେ ସମସ୍ୟା ବଡ଼ ହୁଏ, ଏହାର ମୁକାବିଲା କରିବାକୁ ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ ହୁଏ ଓ ସମ୍ବେଦନଶୀଳ ହେବାକୁ ପଡ଼େ । ଜନସାଧାରଣଙ୍କ ସଶକ୍ତୀକରଣ ପାଇଁ ଦାୟୀ ସରକାରଙ୍କ ଉତ୍ତମ ଶାସନ ଉପରେ ପ୍ରଦୂଷଣ ଭାରୀ ପଡ଼େ । ଯଦିଓ କେତେ ଦଶନ୍ଧି ଧରି ଜନସାଧାରଣଙ୍କ ମତରେ ଏହା ବୁଝିବାକୁ ପଡୁଛି ଯେ ଦେଶ ତଥା ବାହାରେ ପ୍ରଦୂଷଣର ମୁକାବିଲା ପାଇଁ ଭଲ ରଣନୀତି ଏବଂ କାର୍ଯ୍ୟକ୍ରମ ଆବଶ୍ୟକ, କିନ୍ତୁ ଏହି ପ୍ରସଙ୍ଗରେ ସଫଳତା ଯଥେଷ୍ଟ ଦୂରରେ । ଏହା କେବଳ କୌଣସି ରାଜ୍ୟ କି ଦେଶର ସମସ୍ୟା ନୁହେଁ, ଏହା ବିଶ୍ୱସ୍ତରର ପ୍ରଦୂଷଣମୂଳକ କେବଳ ଏକ ବଡ ସମସ୍ୟା ନୁହେଁ, ବରଂ ବିଶ୍ୱ ଏହାର ପ୍ରଭାବରେ ଧ୍ୱଂସାଭିମୁଖୀ ମହା ବିପଦରେ ରହିଛି । ପ୍ରତ୍ୟେକ ମୁହୂର୍ତ୍ତରେ ବିଭିନ୍ନ କାରଣରୁ ଜଳବାୟୁ ପ୍ରଦୂଷିତ ହେଉଛି । ସାଧାରଣ ମଣିଷ ଏଥିପାଇଁ କେବେ ସଚେତନ ହେଉନାହାନ୍ତି । ସଚେତନତାର ଅଭାବ ଓ ଯାହା ସାମାଜିକ ଗଣମାଧ୍ୟମଗୁଡ଼ିକ ମାଧ୍ୟମରେ ପ୍ରକାଶ ପାଉଛି, ତାହା କେତେ ଦୂର ସତ୍ୟ ନା ଆଂଶିକ ନା ମିଛ ଖବର । ସରକାରୀ ସ୍ତରରୁ ଆରମ୍ଭ ବେସରକାରୀ ପର୍ଯ୍ୟନ୍ତ ଯଥା ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତି ପ୍ରଦୂଷଣ ରୋକିବା ପାଇଁ କାର୍ଯ୍ୟ କରିଛନ୍ତି । ଏପରି କି କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୃକ୍ଷରୋପଣଠାରୁ ଆରମ୍ଭ କରି ପରିମଳ ସଫା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଦେଖାଯାଏ । ସତରେ ତାହା କେତେକାଂଶରେ ସତ୍ୟ ନା ଆତ୍ମ ପ୍ରଚାର କହିହେବ ନାହିଁ । ତଥାପି ବହୁ ନିରବଚ୍ଛିନ୍ନ ଭାବରେ ଯେଉଁ କେତୋଟି ଅନୁଷ୍ଠାନ କାର୍ଯ୍ୟ କରିଆସୁଛନ୍ତି ସେମାନେ ଧନ୍ୟବାଦର ପାତ୍ର ।

ଭାରତ ସରକାର ମଧ୍ୟ ନାଗରିକମାନଙ୍କୁ ସ୍ୱଚ୍ଛ ପରିବେଶ ଏବଂ ପ୍ରଦୂଷଣମୁକ୍ତ ବାୟୁ ଏବଂ ଜଳ ଯୋଗାଇବା ପାଇଁ ସାମ୍ବିଧାନିକ ପ୍ରତିବଦ୍ଧତା ରଖିଛନ୍ତି । ସମ୍ବିଧାନର ଧାରା ୪୮ (କ) ପରିବେଶର ସୁରକ୍ଷା, ଏହାର ଉନ୍ନତି ଏବଂ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ବିଷୟରେ ଆଲୋଚନା କରେ । ଧାରା ୫୧ (କ) ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟଜନ୍ତୁ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ତଥା ଉନ୍ନତି ନାଗରିକମାନଙ୍କର କର୍ତ୍ତବ୍ୟକୁ ଦର୍ଶାଏ । ବାୟୁ ଏବଂ ଜଳ ପ୍ରଦୂଷଣ ଉପରେ ପୃଥକ୍ ନିୟମ ସମେତ ଅନେକ ପ୍ରଶାସନିକ ଏବଂ ନିୟାମକ ପଦକ୍ଷେପ ମଧ୍ୟ ଦୀର୍ଘ ସମୟ ଧରି ଚେଷ୍ଟା କରାଯାଇଛି । ଏଥି ସହିତ ଧାରା ୨୫୩ ଅନ୍ତର୍ଜାତୀୟ ଚୁକ୍ତିନାମା କାର୍ଯ୍ୟକାରୀ କରିବା ପାଇଁ ଆଇନ ପ୍ରଦାନ କରିଥାଏ । ଉପରୋକ୍ତ ସନ୍ଦର୍ଭଗୁଡ଼ିକ ପରିପକ୍ୱତାକୁ ଦର୍ଶାଏ ଯେ ସାମ୍ବିଧାନିକ ଏବଂ ବିଧିଗତ ସ୍ତରରେ ପଦକ୍ଷେପ ନିଆଯାଇଛି କିନ୍ତୁ ବିଭିନ୍ନ କ୍ଷେତ୍ରରେ ପ୍ରଦୂଷଣ ରୋକିବା ପାଇଁ କେତେକ ଦଶନ୍ଧି ଧରି ଉଦ୍ୟମ ସତ୍ତ୍ୱେ ଏହା ଏକ ଆହ୍ୱାନ ପାଲଟିଛି ।

ବାୟୁ ପ୍ରଦୂଷଣ (ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ ୧୯୮୧ର ଧାରା ୧୯ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ର ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଥାଏ । କିନ୍ତୁ ଏହାର ଅର୍ଥ ଅଧିକ ସୀମିତ ଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ପ୍ରଦୂଷଣକୁ ରୋକିବା ଏବଂ ପରିବେଶକୁ ପରିଷ୍କାର ରଖିବା ପାଇଁ ସମ୍ବିଧାନ, ଆଇନ ଏବଂ ସରକାରୀ ଏଜେନ୍ସି ସହିତ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ସରକାର ପଦକ୍ଷେପ ଗ୍ରହଣ କରିବା ଦରକାର ।

ଜୁନ୍ ୧୯୭୨ରେ ଷ୍ଟକ୍‌ହୋମ୍‌ରେ ଅନୁଷ୍ଠିତ ମାନବ ପରିବେଶ ଉପରେ ସାମୁକଟା ଜାତି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଭାରତ ଦ୍ୱାରା ବାୟୁ ପ୍ରଦୂଷଣ ଆଇନ ମଧ୍ୟ ପ୍ରଣୟନ କରାଯାଇଥିଲା । ମାନବ କଲ୍ୟାଣକୁ ତ୍ୱରାନ୍ୱିତ କରିବା ପାଇଁ ଏଭଳି ସାମ୍ବିଧାନିକ ବ୍ୟବସ୍ଥା ଏବଂ ପ୍ରଣୟନ ଉପରେ ନିର୍ଭର କରିବା ଜରୁରୀ, ଦେଶରେ ପ୍ରଦୂଷଣ ରୋକିବା ପାଇଁ କୌଣସି ନିୟମର ଅଭାବ ନାହିଁ, କିନ୍ତୁ ଏହା କାର୍ଯ୍ୟକାରୀ କରିବା ଏକ ଉତ୍ତମ ଶାସନର ଉତ୍ତମ ପଦକ୍ଷେପ ବୋଲି କୁହାଯାଇପାରିବ । ପ୍ରଦୂଷଣର ସମସ୍ତ ଉତ୍ସ, ବିସ୍ତୃତ ବୃକ୍ଷରୋପଣ ଯୋଜନା, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଉପରେ ଗବେଷଣା ଏବଂ ବାୟୁ ଗୁଣବତ୍ତା କିପରି ବଜାୟ ରଖାଯିବ, ସେଥିପାଇଁ ପାରସ୍ପରିକ ସହଯୋଗ ଏବଂ ସହଭାଗିତା ଆବଶ୍ୟକ ରହିଛି । ଏହା ଉପରେ ବିଶେଷ ଧ୍ୟାନ ଦିଆଯାଇ ପାରିଲେ ଉତ୍ତମ ଶାସନ ପାଇଁ ଏକ ବିସ୍ତୃତ ପନ୍ଥା ଭାବରେ ବିବେଚନା କରାଯାଇପାରିବ । ଏହିପରି ପଦକ୍ଷେପଗୁଡ଼ିକ ନିରନ୍ତର ହେବା ଉଚିତ । ଯେଉଁ ବାୟୁରେ ବାୟୁ ପ୍ରଦୂଷଣ ଅଛି, ତାହା ଜୀବନ ଗିଳିବା ସ୍ତର ଅତିକ୍ରମ କରିଛି । ଶାସନ ପାଇଁ ଏହା ଏକ ବଡ ଆହ୍ୱାନ । ସ୍ୱଚ୍ଛ ପରିବେଶ ଉତ୍ତମ ଶାସନ ସହିତ ସମକକ୍ଷ ଏବଂ ଯଦି ସେମାନେ ପ୍ରଦୂଷଣର ମୁକାବିଲା କରିବାରେ ବିଫଳ ହୁଅନ୍ତି ତେବେ ଏହା ଉତ୍ତମ ଶାସନକୁ ଦର୍ପଣ ଦେଖାଇବା ପରି ଘେନା ଯିବା ଅସଂଗତ ନୁହେଁ । ତେବେ ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ଉପରେ ସରକାରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସଜାଗ ରହି ଉତ୍ତମ କାର୍ଯ୍ୟ କଲେ କେତେକାଂଶରେ ସଫଳତା ମିଳିପାରିବ । ମନେରଖିବା ଆବଶ୍ୟକ ଯେ ସ୍ୱଚ୍ଛ ପରିବେଶ ହିଁ ସ୍ୱଚ୍ଛ ମାନବ ସମ୍ବଳ ଓ ସବଳ..!!!

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ, ମୋ: ୯୦୪୦୧୫୧୪୭୫

## ଏଇ ଭାରତରେ

ବାଉଁଶରୁ ବର୍ଷକୁ ଆୟ ୧ କୋଟି ଟଙ୍କା । ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, ହେଲେ ଏହା ସମ୍ଭବ ହୋଇଛି ମହାରାଷ୍ଟ୍ରର ଚାଷୀ ରାଜଶେଖର ପାଟିଲଙ୍କ ଉଦ୍ୟମରେ । ଓସମାନବାଦ ଜିଲାର ନିପାନି ଗ୍ରାମର ଏହି ଚାଷୀ ଜଣକ ୫୦ ପ୍ରଜାତିର ବାଉଁଶ ଚାଷ କରୁଛନ୍ତି । କେବଳ ଆୟ ୧ କୋଟି ଛୁଇଁନି, ବରଂ ସେ ଏଥିପାଇଁ ୪୦ଟି ପୁରସ୍କାର ପାଇଛନ୍ତି । ରାଜଶେଖରଙ୍କ ଉତ୍ପାଦିତ ବାଉଁଶ, ରାଜଶେଖର ପାଟିଲ ବାମ୍ବୋ' ମାର୍କାରେ ବିକ୍ରି ହେଉଛି । ତାଙ୍କ ବୟସ ଏବେ ୫୦ । ଋଣରେ ବୁଡ଼ିଯାଇଥିବା ତାଙ୍କ ପରିବାରକୁ ମୁକୁଳାଇବା ପାଇଁ ସେ କୃଷିକୁ ଆପଣାଇଥିଲେ । କୃଷିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ରାଜଶେଖର । ଅତ୍ୟନ୍ତ କଷ୍ଟସାଧ୍ୟ କୁହାଯାଉଥିବା ବାଉଁଶ ଚାଷ କରିବାକୁ ଆଗକୁ ଆସିଥିଲେ ୧୯୯୨ରେ ଓ ସଫଳତା ପାଇଥିଲେ ମାତ୍ର କେତୋଟି ବର୍ଷରେ । ଋଣ ପୂରା ଶୁଝିଦେଇଥିଲେ । ତା'ପରେ ତାଙ୍କ ଆୟ ବଢ଼ିଚାଲିଲା । ଲୋକମାନଙ୍କୁ ବି ଏଥିରେ ନିଯୁକ୍ତି ଦେଲେ । ଗୋଟିଏ ପରେ ଗୋଟିଏ ପ୍ରଜାତିର ବାଉଁଶ ଯୋଡି ଚାଲିଲେ ଚାଷରେ । ୫୦ଟି ପ୍ରଜାତି ବାଉଁଶ ଚାଷ କରୁଥିବା ରାଜଶେଖରଙ୍କ ପ୍ରେରଣା ହେଉଛନ୍ତି ଗାନ୍ଧିବାଦୀ ଆନ୍ନା ହାଜାରେ । ଗୋଟିଏ ଗାଁକୁ କିଭଳି ସ୍ୱାବଲମ୍ବୀ କରାଯାଇପାରେ ତାହା ସେ ଆନ୍ନାଙ୍କଠାରୁ ଶିକ୍ଷା କରି ନିଜ ଗାଁ ନିପାନିକୁ ଜଳ ସମସ୍ୟାରୁ ମୁକ୍ତ କରିପାରିଛନ୍ତି । ରାଜଶେଖର ୫୪ ଏକର ଜମିରେ ବାଉଁଶ ଚାଷ କରୁଛନ୍ତି ଓ ଏବେ ସେଥିରେ ଆଉ ୧୬ ଏକର ଯୋଡିଛନ୍ତି । ଚାଷରେ ୧୦୦ ଜଣ ଶ୍ରମିକ ଓ ଅନ୍ୟାନ୍ୟ ବାବଦରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୬

- ଶ୍ରୀଲଙ୍କା ରାଜଧାନୀ କଲମ୍ବୋସ୍ଥିତ ବନ୍ଦର ଇଲାକାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ସିଲୋନ ଅଟ୍ଟାଳିକାରେ ବିସ୍ଫୋରଣ ଘଟି ୩୦୦ରୁ ଊର୍ଦ୍ଧ୍ୱ ମୃତ ।
- ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୟୁନିଟର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଡିଆଇଜି ଏନ୍.ଆର୍. ଦାସଙ୍କୁ ଉତ୍କୃଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତିଙ୍କ ପୋଲିସ ପଦକରେ ସମ୍ମାନିତ କରାଯାଇଛି ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି । –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ମହାଶୟ,

ରାଜ୍ୟରେ ଆଇନଶୃଙ୍ଖଳା ବ୍ୟାହତ ହେବାକୁ ଲାଗିଲାଣି । ଏପରି କି ଗଣବଳାତ୍କାର, ନାବାଳିକା ହତ୍ୟା, ଗୁଳିକାଣ୍ଡ ତଥା ରାଜନୈତିକ ହିଂସାକାଣ୍ଡ ଚରମସୀମାରେ ପହଞ୍ଚିଲାଣି । ରାଜନୈତିକ ତିକ୍ତତା ପ୍ରତି ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଅଧିକ ବ୍ୟାପକ ହୋଇଯିବ । ସମାଜକୁ ବିଶୃଙ୍ଖଳାରୁ ମୁକ୍ତ କରିବା ପ୍ରତି ଗୁରୁତ୍ୱ ଦିଆଯାଉ । କେବଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ବଞ୍ଚିବାର ଅଧିକାର ସମସ୍ତଙ୍କର ରହିଛି । ଏଥିରେ କେହିହେଲେ ପ୍ରତିବନ୍ଧକ କିମ୍ବା ଅପବ୍ୟବହାର ନ କରୁ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୋଭିଡ୍ ପରିଚାଳନା ପାଇଁ ଓଡ଼ିଶା ପୋଲିସ ସମ୍ମାନିତ**

ଭୁବନେଶ୍ୱର,୩୧।୧(ବ୍ୟୁରୋ): କୋଭିଡ୍ ମୁକାବିଲା ଓ ପରିଚାଳନା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ପାଇଁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଓଡ଼ିଶା ପୋଲିସକୁ ସମ୍ମାନିତ କରାଯାଇଛି। ରବିବାର ଜାତୀୟ ମହିଳା କମିଶନର ୨୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ଏହି ସମ୍ମାନ ଦିଆଯାଇଛି। ଓଡିଶା ପୋଲିସ ପକ୍ଷରୁ ପକ୍ଷରୁ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସମ୍ମାନ ଗ୍ରହଣ କରିଛନ୍ତି। ଏନେଇ ଓଡିଶା ପୋଲିସ୍ ଟୁଇଟ୍ କରି ସୂଚନା ଦେଇଛି।

# ଗଣବଳାତ୍କାର ପରେ ଇଟାରେ ଛେଚିଥିଲେ

- ଜେଲ ଗଲେ ୨ ଅଭିଯୁକ୍ତ
- ଏସ୍‌ସିବିରେ ପୀଡିତା ଚିକିତ୍ସିତ

**ଗୋପାଳପୁର,୩୧।୧:** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲାରେ ରବିବାର ରତ୍ନୁ ବେହେରା (୩୦) ଓ ହେମନ୍ତ ବେହେରା (୨୬)ଙ୍କୁ ଗିରଫ କରିଛି। କେସ୍ ନଂ.୨୭/୨୧ରେ ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ନାବାଳିକା ଓ ତାଙ୍କ ସାନଭାଇ କଲୋନୀ ଶେଷମୁଣ୍ଡକୁ ଶୌଚ ପାଇଁ ଯାଉଥିଲେ। ରତ୍ନୁ ଓ ହେମନ୍ତ ତାଙ୍କୁ ପିଛା କରିଥିଲେ। ନିଛାଟିଆ ସ୍ଥାନରେ ନାବାଳିକାଙ୍କୁ ଉଠାଇ ନେଇ ପରିତ୍ୟକ୍ତ ଓଡିଆର୍‌ପି ଗୃହ ମଧରେ ଦୁହେଁ ବଳାତ୍କାର କରିଥିଲେ। ନାବାଳିକା ଚିତ୍କାର କରିବାରୁ ଇଟାରେ ମୁଣ୍ଡ, ମୁହଁ ଓ କାନକୁ ଦୁର୍ବୃତ୍ତମାନେ ଛେଚି ହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ସାନଭାଇ ଗାଁ ଭିତରକୁ ଯାଇ ଘଟଣା ସମ୍ପର୍କରେ ଲୋକଙ୍କୁ ଜଣାଇବାରୁ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୁମୂର୍ଷୁ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରିଥିଲେ। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରତ୍ନୁ ଓ ହେମନ୍ତ ଖସିବାକୁ ଉଦ୍ୟମ କରୁଥିବାବେଳେ ଲୋକେ ଉଭୟଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣାସ୍ଥଳରୁ ରକ୍ତଭିଜା ଇଟା, ପୋଷାକ, ୩ଟି ଦାନ୍ତ ଜବତ କରି ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଇଥିଲା। ପୀଡ଼ିତାଙ୍କ ଅଜା ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ତଦନ୍ତ କରିବା ସହ ପୀଡ଼ିତାଙ୍କ ପରିବାରକୁ ଭେଟି ସୁରକ୍ଷା ଯୋଗାଇ ଦେବା ସହ ଆଶ୍ୱାସନା ଦେଇଥିଲେ। ପୋଲିସ ତଦନ୍ତବେଳେ ମେଡିକାଲ ରିପୋର୍ଟକୁ ଆଧାର କରି ଏହା ଏକ ଗଣବଳାତ୍କାର ବୋଲି ସ୍ପଷ୍ଟ ହୋଇଥିଲା। ରବିବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି।

# ଶିଳ୍ପୀ ଗ୍ରାମ ବିକାଶ ବାଟବଣା

## ମଞ୍ଜୁର ୪.୮୮ କୋଟି, ଖର୍ଚ୍ଚ ହୋଇଛି ୨୭.୨୬ ଲକ୍ଷ

**ଯାଜପୁର ଅଫିସ,୩୧।୧**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ନେଇ ଓଡ଼ିଶାର ଅନେକ ଗାଁର ସ୍ୱତନ୍ତ୍ର ପରିଚୟ ରହିଛି। ସେଥିମଧ୍ୟରୁ କେତେକ ଗାଁକୁ ଶିଳ୍ପୀଗ୍ରାମ ଭାବେ ବିକାଶ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବିଶେଷ କରି ହସ୍ତଶିଳ୍ପ ଇଣ୍ଡଷ୍ଟ୍ରିଜ୍‌କୁ ପ୍ରୋତ୍ସାହନ(ପିଏଚ୍‌ଆଇ) ପାଇଁ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୪ କୋଟି ୮୮ ଲକ୍ଷ ୯୯ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ଏ ଦିଗରେ ୨୭ ଲକ୍ଷ ୨୬ ହଜାର ୪୭୯ ଟଙ୍କା ବିନିଯୋଗ ହୋଇଥିବାବେଳେ ୪ କୋଟି ୬୧ ଲକ୍ଷ ୭୨ ହଜାର ୫୨୧ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମ ସଚିବଙ୍କୁ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ଗତ ୨୨ ତାରିଖରେ ଦେଇଥିବା ବିନିଯୋଗ ପତ୍ର (ୟୁସି) ତାଲିକାରୁ ଏହା ସ୍ପଷ୍ଟ ହୋଇଛି। ଅର୍ଥ ମଞ୍ଜୁର ହେବାର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ପ୍ରକଳ୍ପ ଅଗ୍ରଗତି ହୋଇ ପାରି ନ ଥିବାରୁ ହସ୍ତଶିଳ୍ପ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି।

ଯାଜପୁର ଜିଲା ରସୁଲପୁର ବ୍ଲକ ଗୋପାଳପୁର ଗ୍ରାମକୁ ଶିଳ୍ପୀଗ୍ରାମ ଭାବେ ହସ୍ତତନ୍ତ, କୁଟୀରଶିଳ୍ପକୁ ପ୍ରୋତ୍ସାହିତ କରିବା ସହ ଏହାର ବିପଣନ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୧୯ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଯୋଗଦେଇ ବୟନଶିଳ୍ପ ଓ ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀ ବିକ୍ରୟ, ନୂତନ ଡିଜାଇନର କପଡ଼ା ଓ ସାମଗ୍ରୀ ପ୍ରସ୍ତୁତ,


ଶୁଖୁଆପଡ଼ାର ପଥର ଶିଳ୍ପୀ କାରିଗରମାନେ।

ବୁଣାକାରମାନଙ୍କ ଉନ୍ନତି, ହସ୍ତତନ୍ତର ବିକାଶ ଦିଗରେ ପ୍ରାୟ ୩ ଏକର ଜାଗାରେ ଏକ ସାମଗ୍ରିକ ବିକାଶ ନିମିତ୍ତ ଭିତ୍ତିଭୂମିର ନିର୍ମାଣ, ଟସର ଇତ୍ୟାଦି କଞ୍ଚା ମାଲ ପାଇଁ ଅର୍ଜୁନ ଓ ଅଶନ ବୃକ୍ଷରୋପଣ, ବିପଣନ ସ୍ଥାନରେ ସୁଦୃଶ୍ୟ ନାମଫଳକ ବ୍ୟବସ୍ଥା ସହ ଏହାକୁ ଆକର୍ଷଣୀୟ ଭାବେ ସଜାଇବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗୋପାଳପୁରକୁ ଶିଳ୍ପୀଗ୍ରାମ ଭାବେ ଗଢ଼ିବା ତ ଦୂରର କଥା, ଏବେ ସେଠାକାର ବୁଣାକାରମାନଙ୍କ ରୋଜଗାର ପନ୍ଥା ବନ୍ଦ ହୋଇଯାଇଛି। ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟସର ବସ୍ତ୍ର ପଡ଼ିରହିଛି ବୋଲି ବୁଣାକାରମାନେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ପଥର କାରିଗରି ପାଇଁ ପ୍ରଖ୍ୟାତ ଯାଜପୁର ଜିଲା ବଡ଼ଚଣା ବ୍ଲକର ଶୁଖୁଆପଡ଼ା ଏବଂ ବୌଦ୍ଧ କୀର୍ତ୍ତିରାଜିସମ୍ପନ୍ନ କଟକ ଜିଲାର ଲଳିତଗିରିକୁ ଶିଳ୍ପୀ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଥିଲେ ହେଁ କେବଳ କାଗଜପତ୍ର ଓ ସୂଚନା ଫଳକରେ ଯୋଜନା ସୀମିତ ରହିଛି। ସେହିପରି ୨୦୧୮ ଅଗଷ୍ଟ ୭ରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଧର୍ମଶାଳା ବ୍ଲକର ମଙ୍ଗରାଜପୁର(ଟେରାକୋଟା), ଅରଙ୍ଗାବାଦ (ଚାନ୍ଦୁଆ) ଏବଂ ସୁକିନ୍ଦା ବ୍ଲକ ଟୋଲକାନି (ଗୋଲ୍ଡେନ ଗ୍ରାସ୍)କୁ ଶିଳ୍ପୀ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ଲାଗି ପ୍ରସ୍ତାବ ଦିଆଯାଇଥିଲା। ତାହା ବି କାଗଜ କଲମରେ ସୀମିତ ରହିଛି।

ଅନ୍ୟପକ୍ଷରେ ପଟଚିତ୍ର ପାଇଁ ବିଶ୍ୱ ବିଖ୍ୟାତ ପୁରୀ ଜିଲା ରଘୁରାଜପୁର ଶିଳ୍ପୀଗ୍ରାମ ଭାବେ ମାନ୍ୟତା ପାଇଛି। ଏହାର ବିକାଶ ପାଇଁ ୨୦୧୫ ଫେବୃୟାରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କା ମଞ୍ଜୁର ହୋଇଛି। ୨ଟି ପର୍ଯ୍ୟାୟରେ ଉନ୍ନୟନ ପ୍ରକଳ୍ପ ନିର୍ମାଣ କରିବାକୁ ଇଡ୍‌କୋକୁ ୬ କୋଟି ଟଙ୍କା ପ୍ରଦାନ କରଯାଇଥିବାବେଳେ ତାହା ଖର୍ଚ୍ଚ ହୋଇସାରିଛି। ବାକି ୪ କୋଟି ଟଙ୍କା ମିଳିବାରେ ବିଳମ୍ବ ହେଉଥିବାରୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ ବୋଲି ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ଦାଶ ସୂଚନା ଦେଇଛନ୍ତି। କେନ୍ଦ୍ର ବଜେଟରେ ବାକି ଅନୁଦାନ ରିଲିଜ ପାଇଁ ଦାବି କରିବା ନିମନ୍ତେ ବିଭାଗ ପକ୍ଷରୁ ଏମ୍‌ପିମାନଙ୍କୁ ସୂଚନା ଦିଆଯାଇଛି।

ଯାଜପୁର ଜିଲାରେ ୧୦୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ଏହି କଳାକୁ କୁଟୀରଶିଳ୍ପର ମାନ୍ୟତା ମିଳିଛି। ବୁଣାକାର ପରିବାର ଏକ ସମବାୟ ପରିବାର ଏବଂ ବୁଣାକାମ ଏକ ସମବାୟ ଶିଳ୍ପ। ଏହି ଶିଳ୍ପ ପାଇଁ ପରସ୍ପର ସାହାଯ୍ୟ ଓ ସହଯୋଗ ନିହାତି ଆବଶ୍ୟକ। ତେଣୁ ଯେଉଁଠି ବୁଣାକାର ପରିବାର ରୁହନ୍ତି ଗୋଷ୍ଠୀ ଜୀବନଯାପନ ପାଇଁ ବେଶ୍ ପସନ୍ଦ କରିଥାନ୍ତି। କିନ୍ତୁ ବିଡମ୍ବନା ଯେ, ଜିଲାର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ସାମାଜିକ ସ୍ଥିତି ଅତି ନ୍ୟୂନ। ସାମାଜିକ ଦୃଷ୍ଟିକୋଣରୁ ଏମାନେ ଭାରି ଅନୁନ୍ନତ ଓ ଅବହେଳିତ। ତେଣୁ ସରକାର ଯେଉଁଭଳି ଭାବରେ ଏହି ବୁଣାକାର ପରିବାରମାନଙ୍କ ପ୍ରତି ଦୃଷ୍ଟି ଦେବା କଥା ଏଯାଏ ତାହା ହୋଇନାହିଁ। ଏଥିଯୋଗୁ ବହୁ କାରିଗର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଆଞ୍ଚଳିକ ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ପ୍ରଭାତ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ଶିଳ୍ପୀଗ୍ରାମ ପାଇଁ ଆସିଥିବା ଅନୁଦାନ କରୋନା ଲାଗି ଖର୍ଚ୍ଚ ହୋଇ ପାରିଲା ନାହିଁ। ୨୦୧୯ରେ ବିଳମ୍ବରେ ଅନୁଦାନ ପହଞ୍ଚିଥିଲା। କାମ ଆରମ୍ଭ ହେବା ବେଳକୁ କରୋନା ବ୍ୟାପିବାରୁ ତାହା ଅଟକିଯାଇଛି। ଗତ ଡିସେମ୍ବରରୁ ପୁଣି ପ୍ରକ୍ରିୟା ଆରମ୍ଭ ହୋଇଛି।

# ସର୍ବକାଳୀନ ରେକର୍ଡ ସ୍ତରରେ ଜିଏସ୍‌ଟି ଆଦାୟ




## ଜାନୁୟାରୀରେ ସଂଗ୍ରହ ୧.୧୯ ଲକ୍ଷ କୋଟି ଟଙ୍କା

**ନୂଆଦିଲ୍ଲୀ,୩୧।୧**

ଜାନୁୟାରୀ ମାସରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ଏହି ମାସରେ ୧.୧୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୫ ମାସ ହେବ ଜିଏସ୍‌ଟି ଆଦାୟରେ ସୁଧାର ପରିଲକ୍ଷିତ ହେଉଛି। ଗତ ମାସ ତୁଳନାରେ ପରୋକ୍ଷ ଟିକସ ସଂଗ୍ରହ ୮% ବଢ଼ିଥିବା ନଜରକୁ ଆସିଛି। ଜାନୁୟାରୀରେ ଆଦାୟ ହୋଇଥିବା ମୋଟ ଟିକସ ମଧ୍ୟରେ ୨୧,୯୨୩ କୋଟି ଟଙ୍କାର କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି), ୨୯,୦୧୪ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ଏବଂ ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ବାବଦ ୬୦,୨୮୮ କୋଟି ଟଙ୍କା ସାମିଲ ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୯ ମାସ ଜିଏସ୍‌ଟି ସଂଗ୍ରହ ଲକ୍ଷେ କୋଟି ଟଙ୍କା ଟପିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ କରୋନା ଯୋଗୁ ରାଜସ୍ୱ ଆଦାୟ ଉପରେ ପ୍ରଭାବ ପଡ଼ିଛି।

# ଟାଲେଣ୍ଟ ଫେଷ୍ଟରେ କଳାକାରଙ୍କ ପ୍ରଦର୍ଶନ

**ପୁରୀ ଅଫିସ,୩୧।୧**

ଗତ ଦୁଇଦିନ ଧରି ଚାଲିଥିବା ଟାଲେଣ୍ଟ ଫେଷ୍ଟ-୨୦୨୧ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ। ପୁରୀ ଅନ୍ନପୂର୍ଣ୍ଣା ଥିଏଟରରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭାପତି ଦିବାକର ପାତ୍ର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ ମହାନ୍ତି ଓ ସବ୍ୟସାଚୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁନିଲ ମହାନ୍ତିଙ୍କୁ ଯୁବ ପ୍ରତିଭା ସମ୍ମାନ ଏବଂ ଟୁଡେ ଓଡ଼ିଶା ପ୍ରତିଷ୍ଠାତା ବିଶାଳ ମହାନ୍ତିଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି।


ପୁରୀ ଅନ୍ନପୂର୍ଣ୍ଣା ଥିଏଟରରେ ରବିବାର ଟାଲେଣ୍ଟ ଫେଷ୍ଟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମହିଳା କିରାଣି ବହିଷ୍କୃତ

## ମହଙ୍ଗା ପଡ଼ିଲା ଜାଲ୍ ଜାତି ପ୍ରମାଣପତ୍ର

**ମାଲକାନଗିରି,୩୧।୧(ଡି.ଏନ୍.ଏ.)**

ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ହାତେଇବା ମହଙ୍ଗା ପଡ଼ିଲା। ଜଣେ ବରିଷ୍ଠ ମହିଳା କିରାଣିଙ୍କୁ ୨୫ବର୍ଷ ପରେ ଚାକିରି ହରାଇବାକୁ ପଡ଼ିଛି। ଏଥିସହ ଚାକିରିକାଳ ମଧ୍ୟରେ ସରକାରଙ୍କଠାରୁ ନେଇଥିବା ଦରମା ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ବାସିନ୍ଦା ଲକ୍ଷ୍ମୀପ୍ରିୟା ବେହେରା ୧୯୯୬ରେ ମାଲକାନଗିରି ଜିଲାରେ କିରାଣିଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘ ବର୍ଷ ଚାକିରି ସମୟରେ ସେ ପଦୋନ୍ନତି ମଧ ପାଇଥିଲେ। ତେବେ ନିଯୁକ୍ତି ସମୟରେ ଦାଖଲ କରିଥିବା ଜାତିଗତ ପ୍ରମାଣପତ୍ର ନେଇ ସନ୍ଦେହ ହେବାରୁ ଏ ନେଇ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତବେଳେ ଲକ୍ଷ୍ମୀପ୍ରିୟା ଜାଲ୍ ଏସ୍‌ଟି ଜାତିଗତ ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ପାଇଥିବା ଜଣାପଡ଼ିଥିଲା। ଏହାପରେ ମାଲକାନଗିରି ଜିଲାପାଳ ୱାଇ. ବିଜୟ ଜାଣିବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି।


ଲକ୍ଷ୍ମୀପ୍ରିୟା ବେହେରା

ତେବେ ଲକ୍ଷ୍ମୀପ୍ରିୟା ଛୁଟିରେ ଥିବାରୁ ବରଖାସ୍ତ ନିର୍ଦ୍ଦେଶନାମା ତାଙ୍କ ସରକାରୀ ବାସଭବନ କାନ୍ଥରେ ଲଗାଯାଇଛି। ଲକ୍ଷ୍ମୀପ୍ରିୟାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ଏ ବିଷୟରେ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରକାଶଯୋଗ୍ୟ, ମାଲକାନଗିରି ଜିଲାରେ ୮ବର୍ଷ ତଳେ ଟଙ୍କା ନେଇ ମାଟ୍ରିକ୍, ଯୁକ୍ତ୨, ସି.ଟି., ବି.ଏଡ୍. ନିମନ୍ତେ ଜାଲ୍ ପ୍ରମାଣପତ୍ର ଯୋଗାଉଥିବା ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଅନେକ ନକଲି ପ୍ରମାଣପତ୍ର ମଧ ଜବତ କରାଯାଇଥିଲା। ସେ ସମୟରେ ଅନେକ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଆଧାରରେ ଚାକିରି କରିଥିବା ଜଣାପଡ଼ିଥିଲା। ପରେ କେତେଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବାବେଳେ ଅନେକେ ଫେରାର ଅଛନ୍ତି। ଜିଲାର ବିଭିନ୍ନ ବିଭାଗରେ ଯୋଗ୍ୟତା ନ ଥାଇ ଅନେକ ଲୋକ ଜାଲ୍ ପ୍ରମାଣପତ୍ରରେ ଚାକିରି କରିଥିବା ଚର୍ଚ୍ଚା ହେଉଛି। ତେଣୁ ସବୁ ବିଭାଗର ସମସ୍ତ କର୍ମଚାରୀଙ୍କ ଜାତିଗତ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ନିମନ୍ତେ ଆଦିବାସୀ ମହାସଂଘର ପୂର୍ବତନ ସଭାପତି ଘେନୁ ମୁଦୁଲି, ସରପଞ୍ଚ ଏରା ପଡ଼ିଆମି, ମଙ୍ଗୁ ଖିଲ ଓ ଅନ୍ୟାନ୍ୟ ଆଦିବାସୀ ସଂଘ ପକ୍ଷରୁ ଦାବି ହୋଇଛି।

# ‘ସୁବର୍ଣ୍ଣା’ ଉନ୍ମୋଚିତ



**ବାଲକାଟୀ, ୩୧।୧ (ଡି.ଏନ୍.ଏ.)**

ବାଲକାଟୀ ନିକଟ ହୀରାପୁରସ୍ଥିତ ପ୍ରସିଦ୍ଧ ଚଉଷଠୀ ଯୋଗିନୀ ପୀଠରେ ରବିବାର ଓଡ଼ିଆ ଅନ୍‌ସ୍କ୍ରିପ୍ଟେଡ୍ ଫାଉଣ୍ଡେଶନ ପକ୍ଷରୁ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁଙ୍କ ଦ୍ୱାରା ଓଡ଼ିଆ କଳା, ସ୍ଥାପତ୍ୟ ଓ ପରମ୍ପରାକୁ ନେଇ ପ୍ରସ୍ତୁତ ପୁସ୍ତକ ‘ସୁବର୍ଣ୍ଣା’ ଉନ୍ମୋଚିତ ହୋଇଛି। ଅତିଥି ଭାବେ ଡ. ଅବଦୁଲ ଓସିଦ୍ ଖାଁ, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଉର୍ମି ଡାନିଏଲ୍, ତପନ ମହାନ୍ତି, ବଙ୍କିମ୍ ଚନ୍ଦ୍ର ନାୟକ, ଡ. କାଳନ୍ଦୀ ଚରଣ ସାହୁ ଯୋଗଦେଇଥିଲେ। ହରିଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିହାରିକା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସାରଦା ଖଣିକୁ ୨,୦୫୬ କୋଟି ଜରିମାନା

## ଅନୁମତିଠାରୁ ଅତ୍ୟଧିକ ଖଣିଜପଥର ଉତ୍ତୋଳନ ଅଭିଯୋଗ

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧୀନ ଠାକୁରାଣୀ ବ୍ଲକ-ବିରେ ଥିବା କାଶିଆ ଲୁହାଖଣିରେ ବିନା ପରିବେଶୀୟ ଅନୁମତିରେ ଅତ୍ୟଧିକ ପରିମାଣର ଲୁହାପଥର ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକ ସଲିଲ ବେହେରା ଲିଜ୍‌ଧାରୀ ସଂସ୍ଥା ସାରଦା ଖଣି ପ୍ରାଇଭେଟ ଲିମିଟେଡକୁ ୨୦୫୬ କୋଟି ୩୮ ଲକ୍ଷ ୪୩ ହଜାର ୫୬୭ ଟଙ୍କା ଜରିମାନା ଦେବା ପାଇଁ ଆଦେଶ ଦେଇଛନ୍ତି। ଚିଠି ନଂ. ୪୩୭/୨୫।୧।୨୦୨୧ରେ କମ୍ପାନୀର ନିର୍ଦ୍ଦେଶକ ଅର୍ଜୁନ ସାରସ୍ୱତଙ୍କୁ ଚିଠି କରି ଏହି ଜରିମାନା ୧୫ ଦିନ ମଧ୍ୟରେ ସରକାରୀ ଜମା ଖାତାରେ ପଇଠ କରିବାକୁ କୁହାଯାଇଛି।

ଲିଜ୍‌ଧାରୀ ସଂସ୍ଥା ଗତ ୨୦୨୦ ଫେବୃୟାରୀ ଓ ମାର୍ଚ୍ଚ ମଧ୍ୟରେ ପରୀବେଶୀୟ ମଞ୍ଜୁରୀ ଠାରୁ ଅଧିକ ୪୨,୯୪,୫୯୩.୩୩୩ ମେଟ୍ରିକ ଟନ୍ ଲୁହାପଥର ଉତ୍ତୋଳନ କରିଥିଲା। ଇଣ୍ଡିୟାନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଦ୍ୱାରା ଫେବୃୟାରୀରେ ଉଚ୍ଚମାନର ଲୁହାପଥର ମୂଲ୍ୟ ୪,୬୯୧ ଟଙ୍କା ଓ ମାର୍ଚ୍ଚରେ ୪,୮୩୫ ଟଙ୍କା ଧାର୍ଯ୍ୟ ରହିଥିଲା। ସେହି ହିସାବରେ ଏହି ଜରିମାନା ଅର୍ଥ ଆକଳନ କରାଯାଇଥିବା ସୂଚନା ମିଳିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ବିନା ପରିବେଶୀୟ ଅନୁମତିରେ ଅଧିକ ଖଣିଜପଥର ଉତ୍ତୋଳନ ବେଆଇନ। ମାଇନିଂ ମିନେରାଲ ଡେଭେଲପମେଣ୍ଟ(ଏମ୍‌ଏମ୍‌ଡିଆର ଆକ୍ଟ) ଆଇନ ୧୯୫୭ର ଧାରା ୨୧(୫) ଅନୁଯାୟୀ ମଧ ଏହା ବେଆଇନ। ଏନେଇ ଖଣି ବିଭାଗ ଚିଠି ନଂ.୪୧୬୬/୬।୧୦।୨୦୨୦ ଓ ଚିଠି ନଂ. ୧୧୩/ ୭।୧।୨୦୨୧ରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ତେବେ କମ୍ପାନୀ ପକ୍ଷରୁ ମିଳିଥିବା ଉତ୍ତର ସନ୍ତୋଷଜନକ ନ ଥିବା ଦର୍ଶାଇ ଏହି ଜରିମାନା କରାଯାଇଛି। ଏସଂକ୍ରାନ୍ତରେ ଖଣି ଯୁଗ୍ମ ନିର୍ଦ୍ଦେଶକ ବେହେରାଙ୍କୁ ପଚାରିବାରୁ ବିନା ପରିବେଶୀୟ ଅନୁମତି(ଇସି)ରେ ଧାର୍ଯ୍ୟଠାରୁ ଅଧିକ ପରିମାଣର ଲୁହାପଥର ଖନନ କରାଯାଇଥିବାରୁ ଏଭଳି ଜରିମାନା କରାଯାଇଛି। ଜରିମାନା ଦାଖଲ ନ କଲେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡ଼ରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ!

New Year Dhamaka BUSINESS
Lucky Draw
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ। ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ।
CONTACT
8226999000

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଧାୟକଙ୍କ ୱାର୍ଡ ପରିଦର୍ଶନ

**କଟକ ଅଫିସ:** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ରବିବାର କଟକ ମହାନଗର ନିଗମ ଅଧୀନ ୧୯ ନଂ. ୱାର୍ଡ ଓଡ଼ିଆ ବଜାର, ତେଲୁଗୁ ବଜାର ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ତେଲୁଗୁ ବସ୍ତି ଅଞ୍ଚଳର ରାସ୍ତାଘାଟ, ଡ୍ରେନେଜ, ପରିମଳ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ପରିଦର୍ଶନରେ ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ମଜିଦ୍ ଖାଁ, ବି. କ୍ରିଷ୍ଣା ରାଓ ଓ ଇର୍ସାଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୩୧।୧(ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମର ଏକ କୁକୁଡା ଫାର୍ମରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ରବିବାର ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ(୫୨)। ତାଙ୍କ ଘର ନିକଟରେ ଥିବା କୁକୁଡା ଫାର୍ମର ଆଜବେଷ୍ଟସ୍ ପାଇପରେ ବେକରେ ଗାମୁଛା ବନ୍ଧା ଅବସ୍ଥାରେ ମୃତଦେହ ଝୁଲୁଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ କୃଷ୍ଣଚନ୍ଦ୍ର ଏଲ୍ଆଇସି ଏଜେଣ୍ଟ ଭାବେ କାମ କରୁଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ଚୌଦ୍ୱାର,୩୧।୧(ଡି.ଏନ.ଏ.):** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଗାଲ ଏଡ୍ ୱାର୍କସ(ଲ), ଉଦୟନାଥ ଚାରିଟେବଲ ଟ୍ରଷ୍ଟ ଓ ଚୌଦ୍ୱାର ପୋଲିସର ମିଳିତ ଆନୁକୂଲ୍ୟରେ ୫୫ନଂ. ଜାତୀୟ ରାଜପଥରେ ଗାଡି ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଯମ ଓ ଚିତ୍ରଗୁପ୍ତ ବେଶଧାରୀ ରାସ୍ତାରେ ଗାଡି ଚାଳକମାନଙ୍କୁ ଅଟକାଇ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଏଥି ସହିତ ଟ୍ରାଫିକ ନିୟମ ମାନି ଚଲାଉଥିବା ଗାଡି ଚାଳକଙ୍କୁ ଫୁଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଟ୍ରେନିଂ ସ୍କୁଲର ପୂର୍ବତନ ଅଧକ୍ଷ ନରେନ୍ଦ୍ର ନାଥ ଦାଶ, ବିଜୟ ସାହୁ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବରାଳ, ଏସ୍ଆଇ ବି.ବି.ହୋତା, ସସ୍ମିତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ମାନସ ସାହୁ, ପବିତ୍ର ମୋହନ ସାହୁ, ଚନ୍ଦ୍ରମୋହନ ସାହୁ, ଧନେଶ୍ୱର ସାହୁ, ପ୍ରକାଶ ନାୟକଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ଚୌଦ୍ୱାର,୩୧।୧(ଡି.ଏନ.ଏ.):** ଚୌଦ୍ୱାର ଚାରବାଟିଆ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍ଯାପିତ ହୋଇଯାଇଛି। ଜିଲା ବିଜେଡି ସମ୍ପାଦକ ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଉଦ୍ଯାପନୀ ଦିବସରେ ସମଗ୍ର ଅଞ୍ଚଳରେ ନଗରକୀର୍ତ୍ତନ ହୋଇଥିଲା। ମୀନକେତନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ଆଇଆଇସି ବିରଞ୍ଚି ନାରାୟଣ ପତି, ବିଷ୍ଣୁ ଚରଣ ପରିଡା, କରୁଣାକର ସାହୁ, ପ୍ରେମଚାନ୍ଦ ନାୟକ, ଅର୍ଜୁନ ପଣ୍ଡା, ବିରଜା ଦାସ, ରଞ୍ଜନ ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଗାନ୍ଧିଜୀଙ୍କ ତିରୋଧାନ ଦିବସ

**କଟକ ଅଫିସ, ୩୧।୧:** କଟକ ଦୋଳମୁଣ୍ଡାଇସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରଫୁଲ୍ଲ ବେହେରା, ଧର୍ମେଶ ନାୟକ, ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର ଖୁଣ୍ଟିଆ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ସ୍ମୃତି ରଞ୍ଜନ ନାୟକ, ଯୁଧିଷ୍ଠିର ବିଶ୍ୱାଳ, ସେକ୍ କରିମ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

# ଜବତ ଜେସିବି ଛଡ଼ାଇନେଲେ ପଥର ମାଫିଆ

**ବାଣପୁର, ୩୧।୧(ଡି.ଏନ୍.ଏ)**



ଜବତ ହୋଇଥିବା ଜେସିବି।

ଟାଙ୍ଗୀ ରେଞ୍ଜ ଅଧୀନ ଚକଡ଼ାପଥର ଡିପିଏଫ ଅଞ୍ଚଳରେ ପଥର ଖନନକୁ ନେଇ ରବିବାର ପଥର ମାଫିଆ ଓ ବନ ବିଭାଗର କର୍ମଚାରୀମାନେ ମୁହାଁମୁହିଁ ହୋଇଛନ୍ତି। ପଥର ମାଫିଆମାନେ ଏକ ଜବତ ଜେସିବିକୁ ବଳପୂର୍ବକ ଛଡ଼ାଇ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରବିବାର ବନ ବିଭାଗ ପକ୍ଷରୁ ପୂର୍ବ ଯୋଜନା ମୁତାବକ ଚକଡ଼ା ପଥର ଡିପିଏଫରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସେଠାରେ ଏକ ଜେସିବି ମାଟି କାଢ଼ି ସମତଳ କରି ପଥର କାଟିବା ପାଇଁ ପ୍ରସ୍ତୁତ ହେଉଥିଲା। ତେବେ ଉପସ୍ଥିତ ପଥରମାଫିଆମାନେ ଏହି ଚଢ଼ାଉ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ରାସ୍ତା ଉପରକୁ ଚାଲିଆସି ଜେସିବି ଛାଡ଼ି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତାହାକୁ ଜବତ କରିଥିଲେ। ପରେ ଜବତ ଜେସିବିକୁ ଅନ୍ୟ ଏକ ଚାବିରେ ଷ୍ଟାର୍ଟ କରି ଫେରୁଥିବାବେଳେ ନାଚୁଣୀ ନିକଟ ସଲପଡିହଠାରେ ପୋଲିସ ଉପସ୍ଥିତିରେ କେତେଜଣ ବ୍ୟକ୍ତି ପହଞ୍ଚି ବନ ବିଭାଗ କର୍ମଚାରୀଙ୍କଠାରୁ ଜୋରଜବରଦସ୍ତ ଜେସିବିକୁ ଛଡାଇ ନେଇଥିଲେ। ଏ ନେଇ ବନବିଭାଗ ପକ୍ଷରୁ ଏକ ମକଦ୍ଦମା ରୁଜ କରାଯାଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ସମ୍ପୃକ୍ତ ରେଞ୍ଜରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଉଲ୍ଲେଖ ଥାଉକି, ବାଣପୁର, ଗମ୍ଭାରୀମୁଣ୍ଡା, ବାଲୁଗାଁ, ନାଚୁଣି, ଟାଙ୍ଗୀ ଆଦି ଅଞ୍ଚଳରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାକୁ ପ୍ରଶାସନ ଚେଷ୍ଟା କଲେ ସୁଦ୍ଧା ମାଫିଆମାନେ ପଥରଖଣିରୁ ମାଙ୍କଡ଼ା ପଥର ଓ ମୋରମ ଆଦି ଲୁଟି ନେବାରେ ସଫଳ ହେଉଛନ୍ତି। ଏପରିକି ଏହାକୁ କେନ୍ଦ୍ରକରି ବେଳେବେଳେ ପଥୀର ମାଫିଆଙ୍କ ସହ ବନ ବଭାଗର କର୍ମଚାରୀଙ୍କୁ ମୁହାଁମୁହିଁ ହେବାକୁ ପଡୁଛି। ଏହା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

# ସାଇକେଲ ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା



ସାଇକ୍ଲୋଥନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

**କଟକ ଅଫିସ,୩୧।୧**

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ରବିବାର କଟକରେ ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଡିଜିପି ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ପ୍ରକାଶ ବେହେରା ଓ ନୟନ କିଶୋର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କଟକ କଲେଜ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହାପରେ ସେଠାରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରମାନେ ସାମିଲ ହୋଇଥିଲେ। ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ଏବଂ ଇନ୍ଧନ ସଂରକ୍ଷଣ ସଚେତନତା ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ପ୍ରତି ଘରକୁ ପାନୀୟଜଳ ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ



ପ୍ରକଳ୍ପ ଉଦ୍ଘାଟନୀ ଉତ୍ସବରେ ମନ୍ତ୍ରୀ, ଏମ୍ପିଙ୍କ ସହ ଅନ୍ୟଅତିଥି।

**କଣ୍ଟାପଡା, ୩୧।୧(ଡି.ଏନ୍.ଏ.)**

ସହର ଭଳି ଗ୍ରାମାଞ୍ଚଳର ପ୍ରତି ଘରକୁ ପାନୀୟଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବ୍ରାହ୍ମଣବାଟୀ ପଞ୍ଚାୟତର ଏକ ବହୁମୁଖୀ ପ୍ରକଳ୍ପ ଉଦ୍ଘାଟନ ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ରବିବାର ମନ୍ତ୍ରୀ ଜେନା କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ସାଇଲୋ ବଡବିଲସ୍ଥିତ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ, ବଡ଼ବିଲ ମାଇନର କେନାଲ ଉପରେ ନିର୍ମିତ ପୋଲ, ମିଶନଶକ୍ତି ଗୃହ, ନିର୍ବାହୀ ଅଧିକାରୀଙ୍କ ସରକାରୀ ବାସଗୃହ, ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ଆଦି ଉଦ୍ଘାଟନ କରିଥିଲେ। ଏହି ଅବସରରେ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଏମ୍ପି ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ ମଲ୍ଲିକ, କଣ୍ଟାପଡା ବିଡିଓ ଶୁଭଶ୍ରୀ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣବାଟୀ ସରପଞ୍ଚ ଗାୟତ୍ରୀ ରାଉତରାୟ ଧନ୍ୟବାଦ ଦେଇଥିଲେ। ବ୍ରାହ୍ମଣବାଟୀ ପଞ୍ଚାୟତ ପକ୍ଷରୁ ସାନମଲେଇଠାରେ ଏକ ସ୍ୱଜଳଧାରା ପ୍ରକଳ୍ପ, ବଡବିଲ-ସୁଦସାଇଲୋ ରାସ୍ତା, ବଡମଲେଇ-କାଳିଆଗଡ ରାସ୍ତା ଓ ବଡବିଲ ହାଇସ୍କୁଲର ନୂତନ ଗୃହପାଇଁ ସରକାରୀ ଅନୁଦାନ ଯୋଗାଇ ଦେବାକୁ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

## ୪ ବଖରା ଜଳିଗଲା

**ବାଙ୍କୀ,୩୧।୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅଧୀନ ଖାଇରିପଙ୍ଗା ଗ୍ରାମରେ ଅଗ୍ନିକାଣ୍ଡ ଘଟି ବାବୁଲି ଜେନା ଓ ଦୀନବନ୍ଧୁ ଜେନାଙ୍କ ୪ ବଖରା ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ନଷ୍ଟ ହୋଇଛି। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

## ବୈଦେଶ୍ୱର କପ୍ କ୍ରିକେଟ: ଅତ୍ରି ଚାମ୍ପିୟନ

**ବାଙ୍କୀ,୩୧।୧(ବି.ପ୍ର.)**

ବାଙ୍କୀ ବ୍ଲକ ବୈଦେଶ୍ୱର ଅନ୍ତର୍ଗତ ଦିଶା ମିନି ଷ୍ଟାଡିୟମ ପରିସରରେ ୧୩ତମ ରାଜ୍ୟସ୍ତରୀୟ ବୈଦେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି କ୍ରିକେଟ କ୍ଲବ ଅତ୍ରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ପିସିସି ଓ ରାଇଜିଂଷ୍ଟାର କୁମାରବସ୍ତ ମଧ୍ୟରେ ଖେଳାଯାଇଥିଲା। ରାଇଜିଂଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୩୮ରନ୍ ସଂଗ୍ରହ କରିଥିଲା। ଜବାବରେ ପିସିସି ଅତ୍ରି ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ପପୁ ଚାନ୍ଦ ବିବେଚିତ ହୋଇଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବିଜୟୀ ପିସିସି କ୍ଲବକୁ ଚାମ୍ପିୟନ ଟ୍ରଫି ଓ କୁମାରବସ୍ତକୁ ରନର୍ସ ଅପ୍ କପ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଉର୍ମିଳା ସାହୁ, ସମିତିସଭ୍ୟା ସୁଲୋଚନା ରଣା ଓ ସାମାଜିକ କର୍ମୀ ସୁରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ଉପସଭାପତି ପ୍ରେମାନନ୍ଦ ବେହେରା ସଭା ପରିଚାଳନା କରିଥିଲେ। ଦିଶା ସଭାପତି ବିଶ୍ୱନାଥ ଦାସ ଧନ୍ୟବାଦ ଦେଇଥିଲେ।

## ହାଇସ୍କୁଲ କର୍ମଚାରୀଙ୍କ ପରଲୋକ

**ତିଗିରିଆ,୩୧।୧(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ପଙ୍କାଳ ଗ୍ରାମର ଜାଫତ୍ ଅଲ୍ଲୀ ଖାଁ (୪୮)ଙ୍କ ହୃଦଘାତରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସେ ପଙ୍କାଳ ବଜାରକୁ ଆସିଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଖାଁଙ୍କୁ ମୃତ ଘୋଷଣା କରିଥିଲେ।

# ବନ୍ଦ ହେଲା ନାବାଳିକା ବିବାହ

**କଟକ ଅଫିସ, ୩୧।୧**

ଜଗତ୍ପୁର ଥାନା ଅଧୀନ ଶିଖରପୁର ଅଞ୍ଚଳରେ ରବିବାର ପୋଲିସ ଓ ଚାଇଲ୍ଡଲାଇନ ପକ୍ଷରୁ ଚଢାଉ କରାଯାଇ ନାବାଳିକା ବିବାହକୁ ବନ୍ଦ କରାଯାଇଛି। ଏହାପରେ ନାବାଳିକାଙ୍କୁ ବିଡାନାସୀସ୍ଥିତ ବସୁନ୍ଧରାକୁ ପଠାଇ ଦିଆଯାଇଛି। ସୋମବାର ତାଙ୍କୁ ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ହାଜର କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଶିଖରପୁର ଅଞ୍ଚଳରେ ନାବାଳିକାଙ୍କ ବିବାହ ଅନୁଷ୍ଠିତ ହେଉଥିଲା। ଏହି ଖବର ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ୍ର ରାଜ୍ୟ ସଭାପତି ସସ୍ମିତା ଦାସ ଓ କଟକ ଚାଇଲ୍ଡଲାଇନ ସଂଯୋଜକ ନାରାୟଣ ଶୁକ୍ଳାଙ୍କ ପାଖରେ ପହଞ୍ଚିଥିଲା। ସେମାନେ ଏ ସମ୍ପର୍କରେ ଜଗତ୍ପୁର ପୋଲିସକୁ ଜଣାଇଥିଲେ। ଏହାପରେ ସେମାନେ ପୋଲିସ ଟିମ୍ ସହ ସେଠାରେ ଚଢାଉ କରି ବିବାହକୁ ବନ୍ଦ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ପଚରାଉଚରା ପରେ ବସୁନ୍ଧରାରେ ରଖାଯାଇଛି।

# ମହଙ୍ଗା ଭତ୍ତା, ସ୍ଥାୟୀ ନିଯୁକ୍ତି ଦାବିରେ ରାସ୍ତାକୁ ଓହ୍ଲାଇବେ କର୍ମଚାରୀ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୩୧।୧**

ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା, ସ୍ଥାୟୀ ନିଯୁକ୍ତି ଭଳି ବିଭିନ୍ନ ଦାବି ଉପରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରବିବାର ପୂର୍ବାହ୍ନରେ କଟକ ମାଛୁଆବଜାରସ୍ଥିତ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଲିଙ୍ଗରାଜ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥ ସାରଥି ଯୋଗଦେଇ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ୨୦୧୬ରୁ ବର୍ଦ୍ଧିତ ହାରରେ ଘରଭଡା ଭତ୍ତା, ୱାର୍କଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଛଟେଇ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ଆଦି ଦାବି ଉପରେ ସମୀକ୍ଷାମୂଳକ ରିପୋର୍ଟ ଆଗତ କରିଥିଲେ। ଏହି ରିପୋର୍ଟ ଉପରେ ବିଶ୍ୱମୋହନ ମହାପାତ୍ର, କାହ୍ନୁ ଚରଣ ମଲ୍ଲିକ, ପ୍ରଶାନ୍ତ ମହାନ୍ତି, ଶିବ ପ୍ରସାଦ ବେହେରା, ସଦାନନ୍ଦ ବେହେରା, ଅରୁଣ ବଳିଆରସିଂ, ଶକୁନ୍ତଳା ସ୍ୱାଇଁଙ୍କ ସହ ଅନ୍ୟମାନେ ଆଲୋଚନା କରିଥିଲେ। ଫେବୃୟାରୀରେ ସବୁ ଜିଲାରେ ବିକ୍ଷୋଭ ପ୍ରଦର୍ଶନ ସହ ମାର୍ଚ୍ଚରେ ବିଧାନସଭା ସମ୍ମୁଖରେ ସମାବେଶ କରିବାକୁ ଆସିଥିବା ପ୍ରସ୍ତାବକୁ ସେମାନେ ଅନୁମୋଦନ କରିଥିଲେ। ସରକାରୀ ସାଂସ୍କୃତିକ ବିଚାର ମଞ୍ଚର ସଭାପତି ଉଦୟନାଥ ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ଲିଙ୍ଗରାଜ ମହାନ୍ତିଙ୍କ ଦ୍ୱାରା ମୁନ୍ସୀ ପ୍ରେମଚାନ୍ଦଙ୍କ ଗବନ ଉପନ୍ୟାସର ଓଡ଼ିଆ ଅନୁବାଦିତ 'ଲାଞ୍ଚ' ପୁସ୍ତକକୁ ଖବରଦାତା ପ୍ରଦୀପ ସାହୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଦୁର୍ଗାଚରଣ ନାୟକ ଓ ମୁଖ୍ୟବକ୍ତା ଭାବେ ବେଣୁଧର ପାଢୀ ଯୋଗଦେଇଥିଲ। ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ପଲ୍ସ ପୋଲିଓ କାର୍ଯ୍ୟକ୍ରମ



ସିଟି ହସ୍ପିଟାଲରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେଉଛନ୍ତି।

**କଟକ ଅଫିସ/ ବାଙ୍କୀ ୩୧।୧(ସ୍ୱ.ପ୍ର./ବି.ପ୍ର.)**

କଟକ ସିଟି ହସ୍ପିଟାଲରେ ରବିବାର ପଲ୍ସ ପୋଲିସ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କ ଉପସ୍ଥିତିରେ ଜିଲାପାଳ ଭବାନୀ ଶଙ୍କର ଚୟନି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ସିଟି ହସ୍ପିଟାଲର ଡା. ଏସ୍.ଏନ୍. ଗିରି, ମମତା ମହାପାତ୍ର, ଡା. ଜ୍ୟୋତିର୍ମୟୀ ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ଦୀପକ ସାହୁ, ମନ୍ଦାକିନୀ ବେହେରା, ତ୍ରିଲୋଚନ ଭୂୟାଁ, ସନ୍ଧ୍ୟାରାଣୀ ପଣ୍ଡା, ଲୋକନାଥ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ, ଡମପଡା ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକରେ ପ୍ରଥମ ଦିନରେ ୧୫୪୨୧ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି।

# କଳିଙ୍ଗ ଟାଇଗର୍ସ ଚାମ୍ପିୟନ

**ଆଠଗଡ଼,୩୧।୧(ସ୍ୱ.ପ୍ର.)**



ଅତିଥିମାନେ ବିଜୟୀ ଦଳ ସଦସ୍ୟଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଆଠଗଡ଼ ମାଜେଷ୍ଟିକ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୭ତମ ପ୍ରଦୀପ- ପ୍ରଦୋଷ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ରାଇଜିଂଷ୍ଟାର, କୁମାରବସ୍ତ ଏବଂ କଳିଙ୍ଗ ଟାଇଗର୍ସ ମଧ୍ୟରେ ହୋଇଥିଲା।

**ପ୍ରଦୀପ- ପ୍ରଦୋଷ ମେମୋରିଆଲ କ୍ରିକେଟ**

ଟସ୍ ଜିତି କଳିଙ୍ଗ ଟାଇଗର୍ସ ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଇଜିଂଷ୍ଟାର ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ସ୍ୱାଧୀନ ପାଇକରାୟ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ମିଲନ ଖଟୁଆ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଆଠଗଡ଼ ବାର୍ ଆସୋସିଏଶନ୍ ସଭାପତି ସତ୍ୟେନ ପଣ୍ଡା, ଏନ୍ଏସି ବିଜେଡି ସଭାପତି ଶିଶିର କୁମାର ମାନସିଂହ ଏବଂ ଯୁବ ସଂଗଠକ ପ୍ରକାଶ କୁମାର ରାଉତ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ନଳିନୀକାନ୍ତ ପଣ୍ଡା, ବିପିନ ବିହାରୀ ଜେନା, ମିଲୁ ପଟ୍ଟନାୟକ ଏବଂ ଅରୂପ କୁମାର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# କବି ରାମଚନ୍ଦ୍ରଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ

**କଟକ ଅଫିସ, ୩୧।୧**



କବି ଡ. ରାମଚନ୍ଦ୍ର ବେହେରାଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟ ସ୍ମୃତି ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନମୋହନ ଦାସ ଏହାକୁ ଉଦ୍ଘାଟନ କରି କହିଥିଲେ, ସଚ୍ଚି ରାଉତରାୟ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ନୁହନ୍ତି, ଜଣେ ଜୀବନ ଧର୍ମୀ କବି। ସେହିପରି ମୁଖ୍ୟଅତିଥି ରମାକାନ୍ତ ରଥ କହିଥିଲେ, ସଚ୍ଚି ରାଉତରାୟଙ୍କ କାବ୍ୟ ପ୍ରତିଭା ଭାରତୀୟ ସାହିତ୍ୟରେ ବିରଳ। ସମ୍ମାନିତ ଅତିଥି ଭାବେ ସହଦେବ ସାହୁ ଯୋଗଦେଇ ସଚ୍ଚିଙ୍କୁ ବିଂଶ ଶତକର ମହାକବି ରୂପେ ଅଭିହିତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଜୟ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ କବି ଡ. ରାମଚନ୍ଦ୍ର ବେହେରାଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଫେସର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀହର୍ଷ ରାଉତରାୟ, ପ୍ରଫେସର ନିରୋଧ କୁମାର ଗୋଛାୟତ, ଡ. ବାବାଜୀ ଚରଣ ପଟ୍ଟନାୟକ, ଗୋପ ଦାସ, ଡ. ବୈଜୟନ୍ତୀ ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ପ୍ଲାଟିନମ୍ ଜୁବିଲି ପାଇଁ ବୈଠକ

ବାରଙ୍ଗ,(ଡି.ଏନ୍.ଏ.): ବାରଙ୍ଗସ୍ଥିତ ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ୭୫ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅବସରରେ ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଶିକ୍ଷକ ଦେବଦତ୍ତ ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷକ ଭାସ୍କରଚନ୍ଦ୍ର ସୁବୁଦ୍ଧି, ପ୍ରଫୁଲ୍ଲ କୁମାର ପାତ୍ର, ପ୍ରତାପ କୁମାର ରାୟ, ଚନ୍ଦ୍ରକାନ୍ତ ବେହେରା, ସେକ ରଫିକ, ପଦ୍ମଚରଣ ବଡଜେନା, ସ୍କୁଲ କମିଟି ସମ୍ପାଦକ ପ୍ରଭାତ ରାଉତରାୟ, ସଭାପତି ନୀଳକଣ୍ଠ ବାରିକ, ସରପଞ୍ଚ ମମତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ମାର୍ଚ୍ଚରେ ଏହାକୁ ପାଳନ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଏହି ଉତ୍ସବରେ ଯୋଡ଼ିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଆଦିବାସୀ ମେଳା, ଆଦିବାସୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଜୟଦେବ ବିହାର ରାସ୍ତା, ଅପରାହ୍ନ ୨ଟା।
- ଓଡ଼ିଆ ଫିଲ୍ମ 'ହାପି ଏଣ୍ଡିଂ' ର ମ୍ୟୁଜିକ ଉନ୍ମୋଚନ ସମାରୋହ, ଦ ନ୍ୟୁ ମାରିଅନ, ଜନପଥ, ସନ୍ଧ୍ୟା ୭ଟା।

# ଚିଲିକା ମଝିରେ ଫସିଲେ ୧୭ ପର୍ଯ୍ୟଟକ

**ବାଲୁଗାଁ,୩୧।୧(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ସୋରଣ ପେଣ୍ଠରୁ ରବିବାର ଚିଲିକା ପରିଭ୍ରମଣରେ ଯାଇଥିବା ୧୭ଜଣ ପର୍ଯ୍ୟଟକ, ୨ଜଣ ନାଉରିଆ ଫେରିବାବେଳେ ମଝି ଚିଲିକାରେ ଫସିଯାଇଛନ୍ତି। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୬ଘଣ୍ଟା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। କୁହୁଡ଼ି ନିକଟ ସୋରଣସ୍ଥିତ ଚିଲିକା ପେଣ୍ଠରୁ କେତେଜଣ ଶିଶୁଙ୍କ ସହ ୧୭ଜଣ ପର୍ଯ୍ୟଟକ ରବିବାର ସକାଳୁ ଏକ ଡଙ୍ଗା ଯୋଗେ ଚିଲିକା ଭ୍ରମଣରେ ବାହାରିଥିଲେ। କାଳୀଜାଇ ଦର୍ଶନ ଏବଂ ନଳବଣ ପରିଭ୍ରମଣ କରି ଯାତ୍ରୀମାନେ ଫେରୁଥିବା ବେଳେ ହଠାତ୍ ଡଙ୍ଗାର ମେଶିନ୍ ଅଚଳ ହୋଇପଡ଼ିଥିଲା। ସନ୍ଧ୍ୟା ସମୟ ୫ଟା ୩୦ ଏବଂ ଘନ କୁହୁଡ଼ି ହେତୁ ଦିଗ ବାରିବା ସେମାନଙ୍କ ପାଇଁ କଷ୍ଟ ହୋଇପଡ଼ିଥିଲା। ଶେଷରେ ଅନ୍ୟୋପାୟ ହୋଇ ଯାତ୍ରୀମାନେ ସେମାନଙ୍କ ପରିବାରବର୍ଗଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରିବାର ଲୋକଙ୍କଠାରୁ ସୂଚନା ପାଇ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆ ଫସିଥିବା ଯାତ୍ରୀଙ୍କୁ ତୁରନ୍ତ ଉଦ୍ଧାର ନିମନ୍ତେ ବାଲୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ନିତ୍ୟାନନ୍ଦ ଜେନା ସଦଳବଳ ବାଲୁଗାଁ ଜେଟିଠାରୁ ଏକ ଡ଼ଙ୍ଗା ଯୋଗେ ଯାତ୍ରୀଙ୍କୁ ଉଦ୍ଧାର ନିମନ୍ତେ ବାହାରିଥିଲେ। ତେବେ ଅନ୍ଧାର ଯୋଗୁ ଚିଲିକା ମଧ୍ୟରେ ଫସିରହିଥିବା ଯାତ୍ରୀଙ୍କୁ ସନ୍ଧାନ କରିବା କଷ୍ଟ ହୋଇଥିଲା। ଯାତ୍ରୀମାନେ ଚିତ୍କାର କରିବା ସହ ନିଆଁ ଏବଂ ଲାଇଟ୍ ଦେଖାଇ ଅଗ୍ନିଶମ ବିଭାଗକୁ ସଂକେତ ଦେବାରେ ପ୍ରାୟ ରାତି ୧୧ଟା ୩୦ରେ କର୍ମଚାରୀମାନେ ସେଠାରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ ।




ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରି ଅଣାଯାଉଛି ।

**୬ ଘଣ୍ଟା ପରେ ଉଦ୍ଧାର**

## ଶିଶୁପୁତ୍ର ଗୁପ୍ତାଙ୍ଗରେ ଚେଙ୍କ

ଗୋପ, ୩୧।୧(ଡି.ଏନ୍.ଏ.) : ଗୋପ ଥାନା ଅନ୍ତର୍ଗତ ହେଲାରି ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ୪ ବର୍ଷର ଶିଶୁପୁତ୍ରର ଗୁପ୍ତାଙ୍ଗ ସମେତ ଶରୀରର ଏକାଧିକ ସ୍ଥାନରେ ଚେଙ୍କ ଦିଆଯାଇଛି। ପାରିବାରିକ ବିପଦକୁ କେନ୍ଦ୍ରକରି ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳକ ଏପରି କାଣ୍ଡ ଘଟାଇଛନ୍ତି। ଏନେଇ ରବିବାର ସକାଳେ ଶିଶୁର ପରିବାର ପକ୍ଷରୁ ଅଭିଯୋଗ ପରେ ଗୋପ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ନାବାଳକ ଓ ତାଙ୍କ ପରିବାର ସଦସ୍ୟ ଗାଁ ଛାଡ଼ି ପଳାଇଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରିପାରିନି। ତେବେ ବାହାରେ ରହି ନାବାଳକଙ୍କ ପରିବାର ଲୋକେ ଶିଶୁ ପୁତ୍ରର ବାପାଙ୍କୁ ଧମକ ଦେଉଥିବା ସେ ପୋଲିସକୁ ଜଣାଇଛନ୍ତି। ଘଟଣାର ଆପୋଷ ସମାଧାନ ପାଇଁ ୨ପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଗଙ୍ଗାଧର ନାୟକ କହିଛନ୍ତି।

## ସାଇଡ୍ ନ ମିଳିବାରୁ ସ୍କୁଟି ଚାଳକଙ୍କୁ ମାଡ଼

ଭୁବନେଶ୍ୱର,୩୧।୧(ବ୍ୟୁରୋ): ସାଇଡ୍ ନ ମିଳିବାରୁ ଜଣେ ସ୍କୁଟି ଚାଳକଙ୍କୁ ୨ଜଣ ଯୁବକ ରାସ୍ତା ମଝିରେ ନିଶ୍ଚୁକ ମାଡ଼ ମାରିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ତନିସ୍କ ଶୋ'ରୁମ୍ ସାମ୍ନା କ୍ରସିଂ ନିକଟରେ ରବିବାର ଏହି ଘଟଣା ଘଟିଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣକାରୀ ଜଣେ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ଡମଣା-ପଟିଆ ରାସ୍ତାରେ ପ୍ରବଳ ଟ୍ରାଫିକ ଜାମ୍ ରହିଥିଲା। ତନିସ୍କ ଶୋ'ରୁମ୍ ନିକଟରେ ଜଣେ ସ୍କୁଟି ଚାଳକ ଟ୍ରାଫିକ ଜାମ୍ ଯୋଗୁ ଛିଡା ହୋଇଥିଲେ। ଏହି ସମୟରେ ପାର୍ଶ୍ୱରେ ଥିବା କ୍ରସିଂ ଆଡୁ ଏକ କାର ଆସିଥିଲା। କାର ହର୍ନ ମାରିଥିଲେ ମଧ୍ୟ ସ୍କୁଟି ଚାଳକ ସାଇଡ୍ ଦେଇପାରି ନ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କାର ମଧ୍ୟରୁ ସମ୍ପୃକ୍ତ ଦୁଇ ଯୁବକ ବାହାରି ଉକ୍ତ ସ୍କୁଟି ଚାଳକଙ୍କୁ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଅଟକାଇ ଥିଲେ ମଧ୍ୟ ଯୁବକଦ୍ୱୟ କିଛି ନ ଶୁଣି ଡିଭାଇଡରରେ ପକାଇ ମାଡ ମାରିଥିଲେ।

# ହାତୀ ନେଲା ବୃଦ୍ଧଙ୍କ ଜୀବନ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୩୧।୧(ଡି.ଏନ.ଏ):**

ଖୋର୍ଦ୍ଧା ବନଖଣ୍ଡର ଟାଙ୍ଗୀ ରେଞ୍ଜର ଜଙ୍କିଆ ଥାନା ଅଞ୍ଚଳରେ ରବିବାର ୨ଟି ହାତୀ ପଶିଯାଇ ଆତଙ୍କ ଖେଳାଇଛନ୍ତି। ଫଳରେ ଜମିକୁ ଯାଇଥିବା ଜଣେ ବୃଦ୍ଧ ହାତୀ ହାବୁଡ଼ରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଟାଙ୍କୋଳ ପଞ୍ଚାୟତ ଟାଙ୍କୋଳ ଦୁର୍ଗାମଣ୍ଡପ ସାହିର ବାଉରିବନ୍ଧୁ ସ୍ୱାଇଁ(୬୫)। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବାଉରି ସବୁଦିନ ଭଳି ରବିବାର ସକାଳେ କଲବଲିଆ ନଦୀ ପାଖରେ ଥିବା ମା ଉଗ୍ରତାରା ମନ୍ଦିର ନିକଟସ୍ଥ କାଜୁ ଜଙ୍ଗଲକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ବାଉରି ଘରକୁ ଆସି ନ ଥିବାରୁ ପରିବାର ଲୋକ ଖୋଜିବାକୁ ଯାଇଥିଲେ। ଜମିଆଡ଼େ ଯିବାବେଳେ ୨ଟି ହାତୀ ଥିବା ସହ ବାଉରି ନିକଟରେ ମରିପଡ଼ିଥିବାର ଦେଖିଥିଲେ। ହାତୀଦ୍ୱୟ ମୃତଦେହ ପାଖରେ ଛିଡ଼ା ହୋଇଥିବାବେଳେ ଭୟରେ ପରିବାର ଲୋକେ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିବା ସହ ବନ ବିଭାଗକୁ ଜଣାଇଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ବନ ବିଭାଗ କର୍ମଚାରୀ ପହଞ୍ଚି ନ ଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ସାଧୁଚରଣ ସିଂଙ୍କୁ ପଚାରିବାରେ ଆମେ ଖବର ପାଇଛୁ ଏବଂ ଘଟଣା ସ୍ଥଳକୁ ଯାଉଛୁ ବୋଲି କହିଛନ୍ତି। ଏହି ଟାଙ୍ଗୀ ରେଞ୍ଜ ମଧ୍ୟରେ ହାତୀ ଆକ୍ରମଣରେ ମୃତ୍ୟୁ ହେବା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ା ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ।

ଚନ୍ଦକା ଅଞ୍ଚଳରୁ ଖସି ଆସି ଏକ ୨୮ଟିକିଆ ହାତୀପଲ ଖୋର୍ଦ୍ଧା ବନଖଣ୍ଡରେ ରହିଛନ୍ତି। ଗତ କିଛି ମାସ ହେଲା ଖୋର୍ଦ୍ଧା ଓ ଟାଙ୍ଗି ବନାଞ୍ଚଳରେ ଏହି ହାତୀପଲ ଗାଁମୁହାଁ ହୋଇ ଉପଦ୍ରବ କରୁଛନ୍ତି। ଅନ୍ୟପଟେ ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନୀବରଦ୍ରଷ୍ଟା ସାଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜରିପୁଟ ଗ୍ରାମର ଚିତ୍ତରଞ୍ଜନ ସାମନ୍ତରାୟ ଓ ମନୋରଞ୍ଜନ ସାମନ୍ତରାୟଙ୍କ ୪ ଏକର ଚାଷଜମିରେ ଧାନ ଫସଲ ହାତୀ ନଷ୍ଟ କରିଥିବା କହିଛନ୍ତି। ଫଳରେ ଗ୍ରାମବାସୀ ହାତୀ ଫସଲ ଖାଇଯିବା ଭୟରେ ଧାନ ପାଚିବା ପୂର୍ବରୁ ତୋଳିବାକୁ ବାଧ୍ୟ ହେଉଥିବା କହିଛନ୍ତି।

## ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ
### ବ୍ୟାଟ୍ ଧରି ଗୋଡ଼ାଇଲେ, ଗାଡ଼ି ଭାଙ୍ଗିଲେ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):**

ମୁହଁରେ ମୁଖା ପିନ୍ଧି ହାତରେ ଏକ ବ୍ୟାଟ୍ ଧରି ଆତଙ୍କ ଖେଳାଉଥିଲେ ଜଣେ ଯୁବକ। ଲୋକଙ୍କୁ ଆକ୍ରମଣ କରିବାକୁ ଗୋଡାଇବା ସହ ଗାଡ଼ି ଦେଖିଲେ ବ୍ୟାଟ୍‌ରେ ପିଟୁଥିଲେ। ଯୁବକଙ୍କ ଏଭଳି କାଣ୍ଡରେ ୨ଟି ଗାଡ଼ି ଭାଙ୍ଗିରୁଜି ଯାଇଥିବାବେଳେ ଲୋକେ ହଠାତ୍ କିଛି ବୁଝି ନ ପାରି ଭୟରେ ଇଆଡେ ସିଆଡେ ଦୌଡିଥିଲେ। ରବିବାର ଖାରବେଳନଗର ଥାନା ଅଞ୍ଚଳ ରେଡ୍‌କ୍ରସ ଛକ ନିକଟରେ ଦିନ ପ୍ରାୟ ସାଢେ ୧୧ଟାରେ ଏମିତି ଘଟଣା ଦେଖିବାକୁ ମିଳିଥିଲା। କିଛି ସମୟ ଏପରି ଉତ୍ପାତ କରିବା ପରେ ଯୁବକ ଜଣକ ଶାନ୍ତ ହୋଇ ଘଟଣା ସ୍ଥଳରେ ବସି କାନ୍ଦିଥିଲେ। ଲୋକେ ତାଙ୍କ ଚାରିପଟେ ରୁଣ୍ଡ ହୋଇ ବୁଝିବାକୁ ଚେଷ୍ଟା କରିଥିଲେ। ପ୍ରେମରେ ବିଫଳ ହୋଇ ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ଏପରି କାଣ୍ଡ ଘଟାଇଥିବା ଜଣାପଡିଥିଲା।

ବହୁ ପଚରାଉଚରା ପରେ ସେ ଜଣେ ଯୁବତୀଙ୍କୁ ଜୀବନରୁ ଅଧିକ ଭଲପାଉଥିବା କହିଥିଲେ। ଉକ୍ତ ଯୁବତୀଙ୍କ ପାଇଁ ସେ ସବୁକିଛି କରୁଥିଲେ। ହେଲେ ଏବେ ଯୁବତୀ ଜଣକ ତାଙ୍କୁ ଧୋକା ଦେଇଛନ୍ତି। ତାଙ୍କ ବନ୍ଧୁଙ୍କ ସହ ମଧ୍ୟ ଯୁବତୀଙ୍କ ସମ୍ପର୍କ ରହିଛି। ଅନ୍ୟମାନଙ୍କ ସହ ପ୍ରେମିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଘୂରିବୁଲୁଥିବା କହି ପ୍ରବଳ କାନ୍ଦିଥିଲେ ଯୁବକ। ଖବରପାଇ ଖାରବେଳନଗର ଥାନା ପିସିଆର ଭ୍ୟାନ୍ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ତାଙ୍କ ନାଁ ବିକାଶ ନାୟକ ଓ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଅଞ୍ଚଳରେ। ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପରିବାର ଲୋକେ କହିଥିବା ପୋଲିସ କହିଛି। ପୂର୍ବରୁ ତାଙ୍କୁ ଡାକ୍ତରଖାନାରେ ଆଡମିଟ୍ କରାଯାଇ ଚିକିତ୍ସା କରାଯାଇଥିଲା। ତେବେ କୌଣସି ପ୍ରକାରେ ସେ ଭୁବନେଶ୍ୱର ପଳାଇଆସିଥିଲେ। ପରେ ବିକାଶଙ୍କ ପରିବାର ଲୋକେ ଥାନାରେ ପହଞ୍ଚି ତାଙ୍କୁ ଘରକୁ ନେଇଥିବା ଜଣାପଡିଛି।



ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ଶୁଖିଲା କେନାଲରେ ମହିଳାମାନେ ଶାଗ ତୋଳୁଛନ୍ତି । (ଫଟୋ- ବିକାଶ)

## ଭାଜପାର ମିଶ୍ରଣ ପର୍ବ

ସାଲେପୁର,୩୧।୧(ଡି.ଏନ୍.ଏ.)- ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମମତା ରାଉତ, ରମେଶ ଚନ୍ଦ୍ର ନାୟକ, ସରୋଜ କର, ସୌମ୍ୟ ରଞ୍ଜନ ପରିଡ଼ା ଓ ମମତାଜ୍ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯୁବନେତା ଦୀପକ ଲେଙ୍କା, ୱାର୍ଡ ସଭ୍ୟ ରବୀନ୍ଦ୍ର କୁମାର ଦଳାଇ, ଅଭୟ ଲେଙ୍କା, ରଞ୍ଜନ ବେହେରା, ଶ୍ୟାମସୁନ୍ଦର ରାଉତରାୟ, ସୁମିତ୍ରା ଲେଙ୍କା ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।

# ନନ୍ଦନକାନନରେ ବାଘଛୁଆ ଲବ, କୁଶ ଅସୁସ୍ଥ

**ବାରଙ୍ଗ,୩୧।୧(ଡି.ଏନ୍.ଏ.):**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷଣୀୟ ବାଘଛୁଆ ଲବ ଓ କୁଶ ଏବେ ଅସୁସ୍ଥ ହୋଇଛନ୍ତି। ଲବ ଏନ୍‌କ୍ଲୋଜର୨୦ରେ ରହିଥିବାବେଳେ କୁଶ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛି। ୨୦୨୦ ଜାନୁୟାରୀ ୯ରେ ବାଘୁଣୀ ସ୍ନେହା ଓ ସେଫ୍ ଔରସରୁ ସାଧାରଣ ବାଘ ଲବ ଓ କୁଶ ଜନ୍ମ କରିଥିଲେ। ଡିସେମ୍ବର ୨୯ ପ୍ରତିଷ୍ଠା ଦିବସରେ ଏହି ଛୁଆଦ୍ୱୟଙ୍କର ଅନ୍‌ଲାଇନରେ ଆସିଥିବା ନାମ ମଧ୍ୟରୁ ଅଧିକ ଥିବା ନାମକୁ ଅତିଥିମାନେ ନାମକରଣ କରିଥିଲେ। ଏନକ୍ଲୋଜରରେ ରହିଥିବାବେଳେ ଗତ ୨୬ତାରିଖରେ ଲବ ଛୋଟେଇବା ଆରମ୍ଭ କରିଥିଲା। ତା'ର ପଛପଟ ବାମ ଗୋଡ଼କୁ ଘୋଷାଡିବାରୁ ତା'ର ଚିକିତ୍ସା ଏଠାକାର ଡାକ୍ତରମାନେ ଆରମ୍ଭ କରିଥିଲେ। ଏବେ ସେ ସୁସ୍ଥ ହୋଇଆସୁଥିବାବେଳେ ତା'ର ଭାଇ କୁଶ ମଧ୍ୟ ଧୀରେ ଧୀରେ ଛୋଟାଇବା ଆରମ୍ଭ କରିଥିଲା। ଚିକିତ୍ସା ସତ୍ତ୍ୱେ ତା'ର ଗୋଡ଼ ଛୋଟେଇବା ନ କମିବାରୁ ତା'କୁ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ହେଲେ ଚିକିତ୍ସାବେଳେ କୁଶ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବାର ଜଣାପଡିଥିଲା। ପରେ ୨୮ତାରିଖରେ ସ୍ୱାସ୍ଥ୍ୟ କମିଟି ଆସି ତା'ର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରି ଚିକିତ୍ସା ନିମନ୍ତେ ପରାମର୍ଶ କରିଯାଇଥିଲେ। ତଥାପି ସେ ଠିକଭାବେ ଖାଦ୍ୟଗ୍ରହଣ କରୁ ନ ଥିବାବେଳେ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ହୋଇପାରି ନ ଥିବାର ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

## ନନ୍ଦନକାନନରେ ପର୍ଯ୍ୟଟକ କମିଲେ

ବାରଙ୍ଗ,୩୧।୧(ଡି.ଏନ୍.ଏ.): ନନ୍ଦନକାନନରେ ରବିବାର ପର୍ଯ୍ୟଟକ ସଂଖ୍ୟା କମିଯାଇଛି। ଗତ ୨୪ତାରିଖ ରବିବାରଠାରୁ ମାସ ଶେଷ ୩୧ତାରିଖ ରବିବାରରେ ନନ୍ଦନକାନନରେ ପର୍ଯ୍ୟଟକ ମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମିଥିବାବେଳେ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକ ସଂଖ୍ୟା ବଢ଼ିଛି। ରବିବାର ନନ୍ଦନକାନନକୁ ୧୩ହଜାର ୫୩୧ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୨୬୬ଜଣ ଅନଲାଇନରେ ପ୍ରବେଶ ଟିକେଟ କାଟିଥିଲେ। ସେହିଭଳି ଭାବେ ବଟାନିକାଲ ଗାର୍ଡେନକୁ ରବିବାର ୩୨୦୧ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବାର ନନ୍ଦନକାନନ ଉପ ନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ତେବେ ନନ୍ଦନକାନନକୁ ଗତ ରବିବାର ଠାରୁ ୧୩୭୬ଜଣ ପର୍ଯ୍ୟଟକ କମ ଆସିଥିବାବେଳେ ବଟାନିକାଲ ଗାର୍ଡେନକୁ ୫୦ଜଣ ପର୍ଯ୍ୟଟକ ଅଧିକ ଆସିଛନ୍ତି। ତେବେ ୨୪ତାରିଖ ରବିବାରରେ ନନ୍ଦନକାନନକୁ ୧୪ହଜାରେ ୯୦୭ଜଣ ପର୍ଯ୍ୟଟକ ଆସିଥିବାବେଳେ ବଟାନିକାଲ ଗାର୍ଡେନକୁ ୩୧୫୧ଜଣ ପର୍ଯ୍ୟଟକ ଆସିଥିଲେ।

# ସାମାଜିକ କର୍ମୀଙ୍କ ସେବା ସମାଜ ପାଇଁ ଦର୍ଶନ

**ଭୁବନେଶ୍ୱର, ୩୧।୧**

ଉତ୍କଳ ଫାଉଣ୍ଡେଶନର ଦ୍ୱିତୀୟ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ସମ୍ମିଳନୀ ଓ ଭକ୍ତଚରଣ ପ୍ରତିଭା ସମ୍ମାନ ସମାରୋହ ୟୁନିଟ୍-୩ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବିଧାୟକ ସୁର ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀଙ୍କ ସେବା ଓ ତ୍ୟାଗକୁ ପ୍ରଶଂସା କରିବା ସହ ଏହା ହିଁ ସମାଜ ପାଇଁ ଦର୍ଶନ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଭାଗ ଉପଦେଷ୍ଟା ଶଶିକୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ ସଞ୍ଜୟ ନାୟକ, ଉତ୍କଳ ଫାଉଣ୍ଡେଶନର ଭୁବନେଶ୍ୱର ଶାଖା ଅଧକ୍ଷ ସତ୍ୟବ୍ରତ ସାହୁ, ରାଜ୍ୟ ସଂଯୋଜକ ଜିତେନ୍ଦ୍ର ସାହୁ, ବରିଷ୍ଠ ଖବରଦାତା ପ୍ରତାପ ପ୍ରଧାନ, ରଞ୍ଜନ ଚୌଧୁରୀ ଓ ଆଇନଜୀବୀ ଭାରତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ଆବାହକ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଅଧକ୍ଷତା କରିଥିବାବେଳେ ଜାତୀୟ ଅଧକ୍ଷ ରାଜୀବ ଲୋଚନ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ସେହିପରି ମୋ ପରିବାରର ଅଧକ୍ଷ ଅରୂପ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ କୁମାର ଜେନା, ମୁଖ୍ୟବକ୍ତା ଓଡ଼ିଶା ବନ ନିଗମ ଅଧକ୍ଷ ଦେବାଶିଷ ମଲ୍ଲିକ, ସମ୍ମାନିତ ଅତିଥି ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ଉଠା ଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରି, ପୂର୍ବତନ କର୍ପୋରେଟର ମହାମାୟା ସ୍ୱାଇଁ, ଉତ୍କଳ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ କୁବେର ବିଶ୍ୱାଳ, ସଂଗଠନ ସମ୍ପାଦକ ଜିତେନ୍ଦ୍ର ସାହୁ ଓ ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ଡା. ରାଜାରାମ ଷଡଙ୍ଗୀ ଯୋଗଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇ ଅଧିବେଶନରେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଭାଧାରୀ ଓ ବ୍ୟକ୍ତିତ୍ୱଙ୍କୁ 'ଭକ୍ତଚରଣ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।



ରାଜ୍ୟସ୍ତରୀୟ ସାମାଜିକ କର୍ମୀ ସମ୍ମିଳନୀ ଓ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାମାନେ।

**ସାମାଜିକ କର୍ମୀ ସମ୍ମିଳନୀ ଓ ଭକ୍ତ ଚରଣ ପ୍ରତିଭା ସମ୍ମାନ ସମାରୋହ**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମିତ୍



@ ଦେବେନ୍ଦ୍ର



@ ମାନସ



@ ମିଥୁନ୍



@ ମିଟୁନ



@ ଶାଶ୍ୱତ



@ ବିଶ୍ୱଜିତା



@ ରଶ୍ମୀରଞ୍ଜନ

**ବଚସାରୁ ହତ୍ୟା: ଅଭିଯୁକ୍ତ ଗିରଫ**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି. ସିଂହପୁର ଅଧୀନ ଭୂମିଆଗୁଡାରେ ସାମାନ୍ୟ ବଚସାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଭୂମିଆଗୁଡ଼ାର ଭରତ ନାୟକ (୨୩)। ପୋଲିସ ଅଭିଯୁକ୍ତ ଡମ୍ବରୁ ଭୂମିଆ(୨୭)ଙ୍କୁ ଗିରଫ କରିଛି। ଶନିବାର ରାତିରେ ଡମ୍ବରୁ ମଦ୍ୟପାନ କରି ଗାଁରେ ପାଟିତୁଣ୍ଡ କରୁଥିଲେ। ଏପରି ନ କରିବାକୁ ଭରତ ତାଙ୍କୁ ବାରଣ କରବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଡମ୍ବରୁ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଭରତଙ୍କ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଣି ପିଆଇବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଭରତଙ୍କ ବାପା ରବିବାର ସକାଳୁ ବି.ସିଂହପୁର ଥାନାରେ ଏତଲା ଦେଇଥିଲେ।



## ସଂକ୍ଷେପରେ

### ୭ରେ ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମବଙ୍ଗ ଗସ୍ତ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୭ ତାରିଖରେ ପଶ୍ଚିମବଙ୍ଗ ଗସ୍ତରେ ଆସି ହଳଦିଆ ଠାରେ ଏକ ବିଶାଳ କାର୍ଯ୍ୟକ୍ରମରେ ଯୋଗଦେବେ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ଓ ସଡ଼କ ପରିବହନ ମନ୍ତ୍ରଣାଳୟ ଅଧୀନ ମୋଟ୍ ୪ ହଜାର ୭୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୪ଟି ବିକାଶମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ରବିବାର ପଶ୍ଚିମବଙ୍ଗଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ପଶ୍ଚିମବଙ୍ଗ ସମେତ ପୂର୍ବ ଭାରତର ସାମଗ୍ରିକ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୭ ତାରିଖରେ ପ୍ରଧାନମନ୍ତ୍ରୀ ୩ଟି ପ୍ରକଳ୍ପ ଯଥା ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ୍ ପାଇପଲାଇନ, ଭାରତ ପେଟ୍ରୋଲିୟମ କର୍ପୋରେଶନ(ବିପିସିଏଲ୍) ଦ୍ୱାରା ନିର୍ମିତ ଏଲ୍‌ପିଜି ଇମ୍ପୋର୍ଟ ଟର୍ମିନାଲ, ଜାତୀୟ ରାଜପଥ-୪୧ ହଳଦିଆର ରାଣୀଛକଠାରେ ୪ ଲେନ୍ ବିଶିଷ୍ଟ ଆର୍‌ଓବି-କମ୍-ଫ୍ଲାଏଓଭରର ଲୋକାର୍ପଣ କରିବା ସହ ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ହଳଦିଆ ରିଫାଇନେରିର ଦ୍ୱିତୀୟ କାଟାଲିଟିକ୍ ଡିୱାକ୍ସିଂ ୟୁନିଟ୍‌ର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଏହାସହ ପ୍ରଧାନମନ୍ତ୍ରୀ ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ୍ ପାଇପଲାଇନର ଲୋକାର୍ପଣ କରିବେ। ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପାଇପରେ ଗ୍ୟାସ୍ ଆସିବ। ଏହି ପ୍ରକଳ୍ପ ଦ୍ୱାରା ୧୫ ଲକ୍ଷ ମାନବ ଦିବସ ରୋଜଗାର ସୃଷ୍ଟି କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯୁବକଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ହରିଣ ଛାଲ ଜବତ



**ବାଙ୍କୀ,୩୧।୧(ସ୍ୱ.ପ୍ର.):** ଚନ୍ଦକା-ଡମପଡ଼ା ବନାଞ୍ଚଳ ଭଗିପୁର ସେକ୍ସନ ଅଧୀନ ଜଙ୍ଗଲରୁ ରବିବାର ପରିତ୍ୟକ୍ତ ଅବସ୍ଥାରେ ଏକ ହରିଣ ଛାଲକୁ ବନବିଭାଗ ଜବତ କରିଛି। ଅପରାହ୍ନରେ ପାଟ୍ରୋଲିଂ ସମୟରେ ଭଗିପୁର ଗ୍ରାମ ନିକଟରେ ଏହି ହରିଣ ଛାଲ ପଡ଼ିଥିବା ଦେଖି ଫରେଷ୍ଟର ପ୍ରମୋଦ ରାଉତ କାର୍ଯ୍ୟାଳୟକୁ ଆଣିଥିଲେ। କୌଣସି ଦୁର୍ବୃତ୍ତ ହରିଣକୁ ମାରିଦେବା ପରେ ଏହି ଛାଲକୁ ଜଙ୍ଗଲରେ ପିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି ବୋଲି ସେ କହିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ରାଉତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାଟ୍ରୋଲିଂ ସମୟରେ ସଞ୍ଜୀବ ବେହେରା, ବସନ୍ତ ନାୟକ ଓ ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଗଦାଧରପୁର କପ୍ କ୍ରିକେଟ: ମହାବୀର କ୍ଲବ ଚାମ୍ପିୟନ

**ତିଗିରିଆ,୩୧।୧(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧର ହାଇସ୍କୁଲ ଖେଳ ପଡ଼ିଆରେ ମା'ଭବାନୀ ସ୍ପୋର୍ଟସ୍ କ୍ଲବ ପକ୍ଷରୁ ଚାଲିଥିବା ୩୦ତମ ଗଦାଧରପୁର କପ୍ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମହାବୀର କ୍ରିକେଟ କ୍ଲବ ଯୋରନ୍ଦା (ଢେଙ୍କାନାଳ) ୨୦ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଯୋଗମାୟା କ୍ରିକେଟ କ୍ଲବ ମାର୍ଥାପୁର (ଢେଙ୍କାନାଳ) ଓ ମହାବୀର କ୍ଲବ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଯୋରନ୍ଦା ନିର୍ଦ୍ଧାରିତ ୨୩ ଓଭରରେ ୯ ଉଇକେଟ୍ ହରାଇ ୨୮୩ ରନ ସଂଗ୍ରହ କରିଥିଲା। ଜବାବରେ ମାର୍ଥାପୁର ୨୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୬୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥିଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି ତାପସ କୁମାର ପ୍ରଧାନ ଯୋଗଦେଇ ବିଜୟୀ ମହାବୀର କ୍ଲବକୁ ଚାମ୍ପିୟନ ଟ୍ରଫି ଓ ଯୋଗମାୟା କ୍ଲବକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇ, ଆତ୍ମା କମିଟି ଅଧକ୍ଷ ହରେନ୍ଦ୍ର ଦଳେଇ, ବ୍ଲକ ଉପାଧକ୍ଷ ଗୌରହରି ପରିଡା, ବଡ଼ନାଉପୁଟ ସରପଞ୍ଚ ସସ୍ମିତା ରାଉତ ଏବଂ ବାଙ୍କୀ ବ୍ଲକ ପୂର୍ବତନ ଉପାଧକ୍ଷ ରବୀନ୍ଦ୍ର କୁମାର ବଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସତ୍ୟଜିତ୍ ପୁହାଣ, ମ୍ୟାନ ଅଫ ଦି ସିରିଜି ଭାବେ ସୂର୍ଯ୍ୟକାନ୍ତ ମଲ୍ଲିକ ପୁରସ୍କୃତ ହୋଇଥିଲେ। ରମେଶ ସ୍ୱାଇଁ ଓ ନରେଶ ରାଉତ ମ୍ୟାଚ ପରିଚାଳନା କରିଥିଲେ।

# ଜିଦ୍‌ରେ ଅଟଳ ଉଭୟ ନିଯୋଗ

**ପୁରୀ ଅଫିସ, ୩୧।୧**



ବୈଠକରେ ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

## ସୁନାବେଶ ନୀତି ବିଳମ୍ବ ପ୍ରସଙ୍ଗ

- ଦ୍ୱିତୀୟ ବୈଠକରେ ବି ବାହାରିପାରିଲାନି ନିଷ୍କର୍ଷ
- ସମାଧାନର ରାସ୍ତା ଖୋଜୁଛି ପ୍ରଶାସନ

ପୌଷ ପୂର୍ଣ୍ଣିମାରେ ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ନୀତି ୫ଘଣ୍ଟା ବିଳମ୍ବ ହୋଇଥିଲା। ଏହାର କାରଣ ଖୋଜିବା ସହ ସମାଧାନ ଲାଗି ରବିବାର ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରଥମ ପର୍ଯ୍ୟାୟରେ ପୁଷ୍ପାଳକ ସେବାୟତଙ୍କ ସହ ବୈଠକ ସରିଥିବାବେଳେ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ଭଣ୍ଡାର ମେକାପ ନିଯୋଗ ସହ ଆଲୋଚନା ହୋଇଛି। ସେବାୟତମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଆଲୋଚନା କରିଛନ୍ତି। ତେବେ ଦୁଇ ନିଯୋଗ ନିଜ ନିଜ ଜିଦ୍‌ରେ ଅଟଳ ରହିବାରୁ ସମାଧାନର ବାଟ ବାହାରି ପାରିନାହିଁ। ବୈଠକ ପରେ ଭଣ୍ଡାର ମେକାପ ନାରାୟଣ ମେକାପ ଗଣମାଧ୍ୟମକୁ କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ୩ଜଣ ପାଳିଆ ପୁଷ୍ପାଳକଙ୍କୁ ହିଁ ଅଳଙ୍କାର ପ୍ରଦାନ କରାଯାଇଥାଏ। କେବଳ ଯଜମାନ ବେଶ ଦିନ ୫ ଜଣ ପାଳିଆ ପୁଷ୍ପାଳକ ରତ୍ନବେଦିରେ ଶ୍ରୀଜୀଉଙ୍କ ସେବା କରିବେ। ମାତ୍ର ଅନ୍ୟ ଦିନରେ କେବଳ ୩ ଜଣଙ୍କୁ ହିଁ ଅନୁମତି ରହିଛି। ଏଣୁ ସ୍ୱତ୍ୱଲିପି ଆଧାରରେ ଆମେ ନିର୍ଦ୍ଧାରିତ ପାଳିଆଙ୍କୁ ଅଳଙ୍କାର ପ୍ରଦାନ କରିବୁ। ଗତ ଗୁରୁବାର ପୌଷ ପୂର୍ଣ୍ଣିମାରେ ଅନୁଷ୍ଠିତ ସୁନାବେଶ ଦୈନିକ ଦିନର ସେବା ହୋଇଥିବାରୁ ଆମେ ୩ରୁ ଊର୍ଦ୍ଧ୍ୱ ପାଳିଆ ପୁଷ୍ପାଳକଙ୍କୁ ଅଳଙ୍କାର ଦେଇ ନ ଥିଲୁ। ଏହା ପ୍ରଶାସନକୁ ସ୍ପଷ୍ଟ ଭାବେ ଜଣାଇଛୁ।

ଇତିମଧ୍ୟରେ ଦୁଇ ନିଯୋଗର ସେବାୟତଙ୍କ ସହ ପ୍ରଶାସନର ପୃଥକ ପୃଥକ ଆଲୋଚନା ସରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ପୁଷ୍ପାଳକ ସେବାୟତଙ୍କ କହିବା ଅନୁଯାୟୀ, ସେମାନେ ଗୋଷ୍ଠୀ ସେବା କରିବେ। ଶ୍ରୀଜୀଉଙ୍କ ଅଳଙ୍କାରର ଓଜନ ଅଧିକ ହୋଇଥିବାରୁ ୨୫ ଫୁଟ ଉପରକୁ ଏହାକୁ ଉଠାଇବା ସହଜ ହେଉନାହିଁ। ତେଣୁ ଗୋଷ୍ଠୀ ସେବା ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ମେକାପ ନିଯୋଗ କହିଛି, କେବଳ ଯଜମାନ ସେବାରେ ହିଁ ୫ ଜଣ ପାଳିଆଙ୍କୁ ଅଳଙ୍କାର ହସ୍ତାନ୍ତର କରିବୁ। ଅନ୍ୟ ଦିନରେ ୩ ପାଳିଆଙ୍କୁ ଅଳଙ୍କାର ଦେବୁ। ତେବେ ଜିଲାପାଳ ସମର୍ଥ ବର୍ମା ଏହି ପ୍ରସଙ୍ଗରେ ମତ ରଖି କହିଛନ୍ତି, ଉଭୟ ପକ୍ଷର ଯୁକ୍ତି ଶୁଣି ସାରିବା ପରେ ଆମେ ସମାଧାନର ରାସ୍ତା ଖୋଜୁଛୁ। କିଭଳି ଭାବେ ଏକ ମଝିରାସ୍ତା ଖୋଜାଯାଇ ସମସ୍ୟାର ସମାଧାନ କରାଯିବ ସେନେଇ ଆଲୋଚନା ଚାଲିଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଉଭୟ ଗୋଷ୍ଠୀ ନିଜ ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ ପ୍ରଶାସନ ସମାଧାନର ରାସ୍ତା କିପରି ପାଇବ। ସ୍ୱତ୍ୱଲିପି ଆଧାରରେ ନିଷ୍ପତ୍ତି ହେବ ନା ପ୍ରଶାସନ ସ୍ୱତ୍ୱଲିପିରେ ପରିବର୍ତ୍ତନ କରି ସମସ୍ୟାର ସମାଧାନ ରାସ୍ତା ବାଛିବ। ତେବେ ସମାଧାନ ଯାହା ହେଉନା କାହିଁକି ଗୋଟିଏ କଥା ସ୍ପଷ୍ଟ ଯେ, ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପୌଷପୂର୍ଣ୍ଣିମାରେ ସୁନାବେଶ ପାଇଁ ୩ଜଣ ପୁଷ୍ପାଳକ ସେବାୟତଙ୍କୁ ଅନୁମତି ଥିଲା। ସେଥିପାଇଁ ଭଣ୍ଡାର ମେକାପଙ୍କ ଅଭିଯୋଗ ପରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ବେଶ ପାଇଁ କେବଳ ଅନୁମୋଦିତ ୩ ପାଳିଆଙ୍କୁ ସେବା କରିବା ଲାଗି କହିଥିଲା। ଉଲ୍ଲେଖଯୋଗ୍ୟ, ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଓ ମହାପ୍ରସାଦ ସେବନରୁ ବଞ୍ଚିତ ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

# ବିଓବି କ୍ଷେତ୍ରୀୟ କାର୍ଯ୍ୟାଳୟରେ ଏସ୍‌ଏମ୍‌ଇ ସେଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୩୧।୧**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର-୨ ପରିସରରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏସ୍‌ଏମ୍‌ଇ)ର ଏକ ଶାଖା ବ୍ୟାଙ୍କ ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ବିଓବିର ଏହି ଭୁବନେଶ୍ୱର କ୍ଷେତ୍ର-୨ କାର୍ଯ୍ୟକାରୀ ହେବା ପରେ ଏହା ଅଧୀନରେ କାର୍ଯ୍ୟ କରୁଥିବା ରାଜ୍ୟର ୯ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଅଞ୍ଚଳରେ ଏସ୍‌ଏମ୍‌ଇ ଶିଳ୍ପର ଅଭିବୃଦ୍ଧି ହୋଇପାରିବ ତଥା ଭବିଷ୍ୟତରେ ଏହି କ୍ଷେତ୍ରର ବ୍ୟବସାୟିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଅନ୍ୱୟ ମିଶ୍ରଙ୍କ ପରାମର୍ଶ କ୍ରମେ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏହି ସେଲ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଅନ୍ୱୟ କୁମାର ମିଶ୍ରଙ୍କ ସମେତ ଡିଆର୍‌ଏମ୍ ନିର୍ବିକାର ରଥ, ଏସ୍‌ଏମ୍‌ଇ ସେଲ୍‌ର ମୁଖ୍ୟ ସନ୍ତୋଷ କୁମାର, ବରିଷ୍ଠ ପ୍ରବନ୍ଧକ ଏସ୍.ଏନ୍. ସେନାପତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବେହେରା ସମ୍ବୋଧିତ କରି କହିଥିଲେ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଭାରତୀୟ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଦେଶର ଅଭିବୃଦ୍ଧି ସୂଚକାଙ୍କ ଜିଡିପିରେ ଏହାର ଯଥେଷ୍ଟ ଅବଦାନ ରହିଛି। ତେଣୁ ଭୁବନେଶ୍ୱର କ୍ଷେତ୍ର-୨ ନିମନ୍ତେ ଏସ୍‌ଏମ୍‌ଇ ଶାଖା ଆରମ୍ଭ ହେବା ସହିତ ଉକ୍ତ ଅଞ୍ଚଳର ବ୍ୟବସାୟ ବୃଦ୍ଧିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଜଣାପଡ଼ିଛି।




ଏସ୍‌ଏମ୍‌ଇ ସେଲ୍ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଓବି ମହାପ୍ରବନ୍ଧକ ଓ ଅନ୍ୟ ଅତିଥି।

# ହସ୍ତତନ୍ତ ମେଳା ବେପାର ୩ କୋଟି ଛୁଇଁଲା



**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀୟ ପଡ଼ିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳାର ରବିବାର ଥିଲା ଦ୍ୱାଦଶ ଦିବସ। ଦିନକୁ ଦିନ ମେଳାରେ ଗ୍ରାହକଙ୍କ ଭିଡ଼ ବଢ଼ିବା ସହ ବେପାର ଜମୁଛି। ବିଶେଷକରି ସାଧାରଣତନ୍ତ୍ରଦିବସ, ଶନିବାର ଓ ରବିବାର ଛୁଟି ଦିନରେ ଅଧିକ କାରବାର ହୋଇଛି। ତେବେ ଜାନୁଆରୀ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ମେଳାରେ ପ୍ରାୟ ୩ କୋଟି ଟଙ୍କାର ବ୍ୟବସାୟ ହୋଇଛି। କେବଳ 'ବୟନିକା' ଷ୍ଟଲରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବିକ୍ରିବଟା ହୋଇଥିବାବେଳେ ଆନ୍ଧ୍ର ପ୍ରଦେଶର 'ଆପ୍‌କୋ', ତାମିଲନାଡୁର 'କୋପ୍‌ଟେକ୍ସ', ମଧ୍ୟପ୍ରଦେଶର 'ମୃଗନୟନୀ', ଜମ୍ମୁ-କଶ୍ମୀରର 'କାସ୍‌ଫାବ୍', ପଶ୍ଚିମବଙ୍ଗ, ଦିଲ୍ଲୀ ଓ ହରିୟାଣାର ହସ୍ତତନ୍ତ ସମିତି ଓ ଅନୁଷ୍ଠାନଗୁଡ଼ିକ ଭଲ ବ୍ୟବସାୟ କରିଥିବାରୁ ଖୁସି ଜାହିର କରିଛନ୍ତି। ଫେବୃଆରୀ ଅର୍ଥାତ୍ ମାଘ ମାସ ବିବାହ ଋତୁ ଥିବାରୁ ଆସନ୍ତା ୧୭ ଦିନରେ ମେଳାରେ ଭଲ ବିକ୍ରି ହେବ ବୋଲି ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା ଆଶାବାଦୀ। ଏହି ଜାତୀୟସ୍ତରୀୟ ମେଳାରେ ୧୬ଟି ରାଜ୍ୟର ସମସ୍ତ ପ୍ରକାରର ବସ୍ତ୍ର ଉପଲବ୍ଧ ରହିଛି।

# ବାର୍‌ହା ଆକ୍ରମଣରେ ୧୫ ଆହତ

**ନିମାପଡ଼ା,୩୧।୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ବାମନାଳ ପଞ୍ଚାୟତର ବାମନାଳ, ବରିମୁଣ୍ଡେଇ, ସାଦେରିଆ, ନନିଗାଁ, ତିହୁଲା ଗ୍ରାମରେ ରବିବାର ବାର୍‌ହା ଆତଙ୍କ ସୃଷ୍ଟି କରିଛି। ବାର୍‌ହାଟି ହିଂସ୍ର ହୋଇ ଯାତାୟାତ କରୁଥିବା ଲୋକଙ୍କୁ ଗୋଡ଼ାଇ କାମୁଡ଼ି ଆକ୍ରମଣ କରିଛି। ଫଳରେ ତିହୁଲାର ପବିତ୍ର ସାମନ୍ତସିଂହାର, ବରିମୁଣ୍ଡେଇର ଦୀପ୍ତିରଞ୍ଜନ ମାଝି, ସାଦେରିଆ ଗ୍ରାମର ଡମ୍ବରୁଧର ସ୍ୱାଇଁ, ସୋମେଶ ବାରିକ, ବିଶ୍ୱଜିତ ବାରିକ, ଗୀତାଞ୍ଜଳି ବାରିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବଡ଼ନିମିଗାଁ, ବଳଙ୍ଗା, ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏ ନେଇ ସରପଞ୍ଚ ସନ୍ଧ୍ୟାରାଣୀ ଛୋଟରାୟ ନିମାପଡ଼ା ଫରେଷ୍ଟରଙ୍କୁ ଅବଗତ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବନ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# 'ଲାଲ୍‌ଘୋଡ଼ାର ସଇସ' ଲୋକାର୍ପିତ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଆତ୍ମଜୀବନୀ ଯେ, କେବଳ ଜଣେ ବ୍ୟକ୍ତିର ଜୀବନପଞ୍ଜିକା କି ଘଟଣାବଳୀର ସମାହାର ନୁହେଁ ବରଂ ଜଣେ ବ୍ୟକ୍ତିରୁ ବ୍ୟକ୍ତିତ୍ୱ ହେବାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବର ଦଲିଲ ସଦୃଶ। ବରିଷ୍ଠ ଲେଖକ ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀଙ୍କ ଆତ୍ମଜୀବନୀ 'ଲାଲ୍‌ଘୋଡ଼ାର ସଇସ' ଲୋକାର୍ପଣ ଉତ୍ସବରେ ଏହି ମତପ୍ରକାଶ ପାଇଛି। ଅବସରପ୍ରାପ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ସୁଲେଖକ ବିପିନ ବିହାରୀ ମିଶ୍ର ପୁସ୍ତକଟିକୁ ଲୋକାର୍ପଣ କରି ତ୍ରିପାଠୀ ଜଣେ ସଚ୍ଚୋଟ ଓ ନିଷ୍ଠାପର ପୋଲିସ ପଦାଧିକାରୀ ଭାବେ ପ୍ରଶଂସାର ପାତ୍ର ବୋଲି କହିଥିଲେ। ଏହି ଅବସରରେ ତ୍ରିପାଠୀ ଏହି ପୁସ୍ତକର ପ୍ରକାଶକଙ୍କୁ ସମ୍ବର୍ଦ୍ଧନା ସହ ନିଜ ଶିକ୍ଷାଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ସାମଲଙ୍କୁ ଲୋକାର୍ପିତ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରିଥିଲେ। ଲେଖକୀୟ ବକ୍ତବ୍ୟ ଛଳରେ ଘଟଣାବହୁଳ ଜୀବନର ସ୍ମୃତି ଅନୁଭୂତି ସଂକ୍ଷେପରେ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବସନ୍ତ କୁମାର ପଣ୍ଡା, ବୈଷ୍ଣବ ଚରଣ ସାମଲ, ବସନ୍ତ କୁମାର ତ୍ରିପାଠୀ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଦାସବେନହୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ତ୍ରିପାଠୀଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ଆଲୋଚନା କରିଥିଲେ। ଏକାଧାରାରେ ଜଣେ ଲେଖକ ଓ ପୋଲିସ ଅଧିକାରୀ ଭାବେ ତ୍ରିପାଠୀ ସମସ୍ତଙ୍କ ଆଦର୍ଶ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ତ୍ରିପାଠୀଙ୍କ ନିର୍ବାଚିତ ଗଳ୍ପ ସଂକଳନର ଇଂରାଜୀ ଅନୁବାଦ ମଧ୍ୟ ଉନ୍ମୋଚିତ ହୋଇଥିଲା। ଉତ୍ସବର ପ୍ରାରମ୍ଭରେ ମିନତୀ ମିଶ୍ର ସାରସ୍ୱତ ବନ୍ଦନା ଏବଂ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

# କଡ଼ା ଆଭିମୁଖ୍ୟ ଦେଖାଇଲେ ଆନ୍ତରିକତା ଜଣାପଡ଼ିବ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

## ମହିଳା ସଂରକ୍ଷଣ ବିଲ୍ ପାରିତ ପ୍ରସଙ୍ଗ

ପାର୍ଲାମେଣ୍ଟରେ ସର୍ବପ୍ରଥମେ କଂଗ୍ରେସ ମହିଳା ସଂରକ୍ଷଣ ବିଧେୟକ ଆଣିଥିଲା। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ମହିଳା ସଂରକ୍ଷଣ ବିଧେୟକ ରାଜ୍ୟ ସଭାରେ ପାରିତ ହୋଇଥିଲା। ହେଲେ ଲୋକ ସଭାରେ ସଂଖ୍ୟା ଗରିଷ୍ଠତାର ଅଭାବ ଯୋଗୁ ଏହା ପାରିତ ହୋଇପାରି ନ ଥିଲା। ମାତ୍ର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ପ୍ରଧାନମନ୍ତ୍ରୀ ୨ଥର ନିର୍ବାଚିତ ହେଲା ପରେ ମଧ୍ୟ ଏଯାବତ୍ ବିଧେୟକ ପାରିତ ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ବନ୍ଦିତା କହିଛନ୍ତି, ବିଜେଡି ଏମ୍‌ପି ପିନାକୀ ମିଶ୍ର ବିଳମ୍ବରେ ହେଲେ ମଧ୍ୟ ମହିଳା ସଂରକ୍ଷଣ ବିଧେୟକ ପାରିତ କରିବା ପ୍ରସଙ୍ଗ ସର୍ବଦଳୀୟ ବୈଠକରେ ଉଠାଇଛନ୍ତି। ତେବେ ଏହାକୁ ପାରିତ କରିବା ପାଇଁ ସଂସଦ ଅଧିବେଶନରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରିଲେ ହିଁ ଆନ୍ତରିକତା ଜଣାପଡ଼ିବ ବୋଲି ବନ୍ଦିତା କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ପାର୍ଲାମେଣ୍ଟର ବଜେଟ ଅଧିବେଶନ ଲାଗି ବସିଥିବା ସର୍ବଦଳୀୟ ବୈଠକରେ ମହିଳା ସଂରକ୍ଷଣ ବିଲ୍ ପାରିତ ଲାଗି ବିଜେଡି ଦାବି କରିଛି। ମହିଳା ବିଲ୍‌କୁ ଉଭୟ ଭାଜପା ଓ କଂଗ୍ରେସ ସର୍ବସାଧାରଣରେ ସମର୍ଥନ କରୁଥିବାବେଳେ ୱାଇଏସ୍‌ଆର୍ କଂଗ୍ରେସ ଓ ଟିଆର୍‌ଏସ୍ ଭଳି ଦଳ ମଧ୍ୟ ସମର୍ଥନ କରିଛି। ତେଣୁ ବିଲ୍ ଗୃହୀତ ହେବାରେ ସମସ୍ୟା ନାହିଁ ବୋଲି ବିଜେଡି ଏମ୍‌ପି ପିନାକୀ ମିଶ୍ର ବୈଠକରେ କହିଥିଲେ।

# ଡଙ୍କାରୀରେ ନାମକୁମାତ୍ର ଚଢ଼ାଉ

- ୩୦ ଗାଡ଼ି ମଧ୍ୟରୁ ୧୦ ଜବତ, ୫ ଅଟକ
- ମୁଖ୍ୟ ଅଭିଯୁକ୍ତଙ୍କୁ ଅନୁକମ୍ପା

**ଯାଜପୁର ଅଫିସ/ ଧର୍ମଶାଳା,୩୧।୧(ଡି.ଏନ.ଏ.)**



ଜବତ କମ୍ପ୍ରେସର, ଟ୍ରାକ୍ଟର, ହାଇୱା, ହିଟାଚି ମେଶିନ।

ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ରବିବାର ଚଢ଼ାଉ କରାଯାଇ କମ୍ପ୍ରେସର, ଟ୍ରାକ୍ଟର, ହାଇୱା, ହିଟାଚି ମେଶିନ ଆଦି ୧୦ ଗାଡ଼ି ଜବତ କରାଯାଇଛି। ଏଥିସହିତ ୫ ଜଣଙ୍କୁ ଅଟକ ରଖାଯାଇଛି। ଧରିତ୍ରୀରେ ଡଙ୍କାରୀରୁ ପୁଣି କଳାପଥର ଚୋରି ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିବା ସୂଚନା ମିଳିଛି। ଏହାସହ ବେଆଇନ ଭାବେ ଉତ୍ତୋଳନ ହୋଇଥିବା କଳାପଥର ରହିଛି ବୋଲି କୁହାଯାଇଛି। ତେବେ ଡଙ୍କାରୀରେ ପ୍ରାୟ ୨ ବର୍ଷ ହେବ କୋଟି କୋଟି ଟଙ୍କାର କଳାପଥର ଲୁଟ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଡଙ୍କାରୀ ଆରଆଇଙ୍କ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ରସଂଖ୍ୟା ୪୩୦୨/୨୧।୧୨।୨୦ରେ ଜେନାପୁର ଥାନାଧିକାରୀଙ୍କୁ ୩ ଜଣ ପଥର ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ୩ଜଣ ଅଭିଯୁକ୍ତ ଡଙ୍କାରୀ ଗ୍ରାମର ରବି ଦାସ, ଚଢେଇଧରା ଗ୍ରାମର କୁନା ପୃଷ୍ଟି ଓ ଢେଙ୍କାନାଳ ଜିଲା ନାଜିରୌକିଛକ ଗ୍ରାମର ସ୍ୱରୂପାନନ୍ଦ ଦାସଙ୍କ ନାମରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଡଙ୍କାରୀରେ ଚଢ଼ାଉ କରି ରାଜସ୍ୱ ଓ ପୋଲିସ ବାହାବାହା ନେବାକୁ ଉଦ୍ୟମ କରୁଥିବା ଅଭିଯୋଗକାରୀ ସର୍ବେଶ୍ୱର ବେହୁରା କହିଛନ୍ତି। ଚଢ଼ାଉ ସମୟରେ ଡଙ୍କାରୀରେ ୩୦ରୁ ଊର୍ଦ୍ଧ୍ୱ ଗାଡି ବେଆଇନ ଉତ୍ତୋଳନ କରୁଥିବାବେଳେ ନାମକୁ ମାତ୍ର ୧୦ଟି ଗାଡି ଜବତ କରାଯାଇଛି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟ କହିଛନ୍ତି, ବେଆଇନ କଳାପଥର ଉତ୍ତୋଳନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିରେ କେଉଁମାନଙ୍କୁ ସାମିଲ କରାଯାଇଛି ତାର ବାଛବିଚାର କରାଯାଇ ନାହିଁ। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେଲା ଡଙ୍କାରୀ ପାହାଡରେ କଳାପଥର ଲୁଟ କରୁଥିବା ପ୍ରମୁଖ ଲୋକଙ୍କୁ ଛାଡି ଚଢ଼ାଉ କରାଯାଇଥିବା କୁହାଯାଉଛି।

## ଆଦିବାସୀ ମେଳା




ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ଏକ ଷ୍ଟଲ୍‌ରେ ହାତ ତିଆରି ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ।

## ତୋଷାଳି ମେଳା



ଭୁବନେଶ୍ୱର ଜନତା ମଇଦାନ ତୋଷାଳି ମେଳାରେ ପ୍ରଦର୍ଶନ ସହ ବିକ୍ରି ପାଇଁ ରହିଥିବା ଆକର୍ଷଣୀୟ ହାତ ତିଆରି ଟେରାକୋଟା ସାମଗ୍ରୀ।

# ନଜରରେ ୫ ପ୍ରମୁଖ କ୍ଷେତ୍ର


ସାଧାରଣ ବଜେଟ-୨୦୨୧

ନୂଆଦିଲ୍ଲୀ,୩୧।୧: ବଜେଟ ୨୦୨୧ ଅର୍ଥ ବ୍ୟବସ୍ଥା ଲାଗି ଅନେକ ଗୁରୁତ୍ୱ ବହନ କରେ। ପୂର୍ବର ବଜେଟଗୁଡ଼ିକ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଭିନ୍ନ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପୂର୍ବରୁ କହିସାରିଛନ୍ତି। ଭାରତକୁ ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ଗଢ଼ି ତୋଳିବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ବଜେଟରେ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ନିବେଶ ଦିଗରେ ଘୋଷଣା ହୋଇପାରେ। ବିଶେଷକରି ୫ ପ୍ରମୁଖ କ୍ଷେତ୍ରକୁ ସରକାର ତାଙ୍କ ପ୍ରାଥମିକତା ମଧ୍ୟରେ ରଖିପାରନ୍ତି ବୋଲି କୁହାଯାଉଛି।

## ସ୍ୱାସ୍ଥ୍ୟ କ୍ଷେତ୍ର



ସାଧାରଣ ବଜେଟରେ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ଉତ୍ସାହିତ କରିପାରନ୍ତି। ବଡ଼ ପ୍ରୋତ୍ସାହନ ଘୋଷଣା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିବେଶ, ଟେକ୍ନୋଲୋଜି ବ୍ୟବହାର, ଗବେଷଣା ଏବଂ ଉନ୍ନତୀକରଣ ଏବଂ ଡିଜିଟାଲ ହେଲ୍‌ଥ ଉପରେ ସରକାର ଗୁରୁତ୍ୱ ଦେଇପାରନ୍ତି ବୋଲି ଶିଳ୍ପ କ୍ଷେତ୍ର ବେଶ୍ ଆଶାବାଦୀ ରହିଛି। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ଏବେ ଅନେକ ସମସ୍ୟା ଲାଗି ରହିଛି। ଦେଶରେ ଜଣେ ଡାକ୍ତର ପିଛା ରୋଗୀ ଅନୁପାତ ୧୪୫୬ ରହିଥିବା ବେଳେ ରୋଗୀ ଏବଂ ହସ୍ପିଟାଲର ବେଡ୍ ଅନୁପାତ ୧ ଲକ୍ଷରେ ୧୩୧ ରହିଛି। ଏଣୁ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବ୍ୟୟ ବରାଦ ଜିଡିପିର ୨ରୁ ୨.୫% ଯାଏ ଆଶା କରାଯାଉଛି। ସେହିଭଳି ଫାର୍ମା କ୍ଷେତ୍ର ଟିକସ ହ୍ରାସ ଏବଂ ମେଡିସିନ ମୂଲ୍ୟ ହ୍ରାସ ହେବା ନେଇ ଆଶା ରଖିଛି।

## ଭିତ୍ତିଭୂମି

ଭିତ୍ତିଭୂମି ନିବେଶ ଉପରେ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି। ସାଧାରଣ ବଜେଟରେ ଭିତ୍ତିଭୂମି କ୍ଷେତ୍ର ଲାଗି କିଛି ବଡ଼ ଘୋଷଣା ଆସିପାରେ। ବଜେଟରେ ସରକାରୀ ଭିତ୍ତିଭୂମି କ୍ଷେତ୍ରରେ ଘରୋଇ ସହଭାଗିତାକୁ ଉତ୍ସାହିତ କରିବା ସହ ପ୍ରୋତ୍ସାହନ ମଧ୍ୟ ଦେଇପାରନ୍ତି। ଭିତ୍ତିଭୂମି ନିବେଶକୁ ବଢ଼ାଇବା ଲାଗି ସରକାର ପୁଞ୍ଜି ଖର୍ଚ୍ଚ ଉପରେ ଫୋକସ କରିପାରନ୍ତି। ଆଗାମୀ ୫ ବର୍ଷରେ ଭିତ୍ତିଭୂମିରେ ୧ ଲକ୍ଷ କୋଟି ଟଙ୍କା ନିବେଶ ନେଇ ସରକାର ଯୋଜନା ରଖିଛନ୍ତି। ଭିତ୍ତିଭୂମି ଭିଜନ ୨୦୨୫ର ଅଗ୍ରଗତି ନେଇ ଅର୍ଥମନ୍ତ୍ରୀ ଘୋଷଣା ମଧ୍ୟ କରିପାରନ୍ତି। ଏହା ମଧ୍ୟରେ ୨୪ ଘଣ୍ଟିଆ ଶକ୍ତି ଯୋଗାଣ,



ଡିଜିଟାଲ ସେବା, ଗୁଣାତ୍ମକ ଶିକ୍ଷା, ଦକ୍ଷ ପରିବହନ ବ୍ୟବସ୍ଥା ଏବଂ ସମସ୍ତଙ୍କ ଲାଗି ବାସଗୃହ ସାମିଲ ରହିଛି। ଭିତ୍ତିଭୂମି ନିବେଶ ନ ବଢ଼ିଲେ ଜିଡିପି ଆଗାମୀ ଦିନରେ ମଧ୍ୟ ପ୍ରଭାବିତ ହୋଇ ରହିବ ବୋଲି ସିଆଇଆଇ ପକ୍ଷରୁ ବଜେଟ ପ୍ରସ୍ତାବରେ କୁହାଯାଇଥିଲା।

## ବ୍ୟକ୍ତିଗତ ଟିକସ




ବର୍ଷ ୨୦୨୦ରେ ଆୟକର କ୍ଷେତ୍ରରେ ଅନେକ ସଂସ୍କାର ଆସିଛି। ସାଧାରଣ ବଜେଟରେ ସରକାର ଉଚ୍ଚ ଆୟକାରୀ ବର୍ଗଙ୍କ ଉପରେ କୋଭିଡ୍-୧୯ ସେସ୍ ଲାଗୁ କରିପାରନ୍ତି। ଆୟକର ଆଇନ ଧାରା ୯୦ ଡିରେ ମେଡିକାଲ ବୀମା ପ୍ରିମିୟମ କ୍ଷେତ୍ରରେ ଛାଡ଼ ସୀମା ବଢ଼ାଇବା ଲାଗି ଦାବି ହୋଇଛି। ସେହିଭଳି ଆୟକର ସ୍ଲାବ୍ ହାର ୨.୫ ଲକ୍ଷରୁ ୪ ଲକ୍ଷକୁ ବଢ଼ାଇବା ଦିଗରେ ସରକାର ପଦକ୍ଷେପ ନେଇପାରନ୍ତି। ୮୦ସିରେ ପିଏଫ୍ ଏବଂ ଅନ୍ୟ କ୍ଷେତ୍ର ଲାଗି କିଛି ଘୋଷଣା ଆସିପାରେ। ସେହିଭଳି ଶିଶୁଙ୍କ ଲାଗି ଏକଜେମସନ ୧୫ ଶହକୁ ୧୦ ହଜାରକୁ ବଢ଼ିପାରେ। ଏହାବାଦ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା କ୍ଷେତ୍ରରେ ଟିକସ ଛାଡ଼ ସୁବିଧା ମିଳିପାରେ।

## ନିଯୁକ୍ତି

କରୋନା ଯୋଗୁ ଅନେକଙ୍କ ଚାକିରି ଚାଲିଯାଇଛି। ନିଯୁକ୍ତି ଦିଗରେ ସରକାର କିଭଳି ବ୍ୟବସ୍ଥା ଘୋଷଣା କରିବେ ସେ ନେଇ ବଜେଟ ଉପରେ ଅନେକଙ୍କ ନଜର ରହିଛି। ସିଏମ୍ଆଇଇ ଡାଟା ମୁତାବକ କରୋନାଜନିତ ଲକ୍‌ଡାଉନ ପାଇଁ ପ୍ରାୟ ୧୧ କୋଟି ଲୋକ ନିଯୁକ୍ତି ହରାଇଛନ୍ତି। ବଜାର ଉପରୁ କରୋନା ଚାପ କମାଇବା ଲାଗି ସରକାର ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଥିଲେ। ନଭେମ୍ବରରେ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଆରମ୍ଭ ହୋଇଥିଲା। ଯେଉଁ କମ୍ପାନୀ ନୂଆ ନିଯୁକ୍ତି ଦେଉଛନ୍ତି ସେମାନଙ୍କ ଲାଗି ସବ୍‌ସିଡି ମଧ୍ୟ ଘୋଷଣା କରାଯାଇଥିଲା। ବଜାରର ସ୍ଥିତି ଏବେ ଯାଏ ମଧ୍ୟ ସୁଧୁରୁ ନ ଥିବାରୁ ନିଯୁକ୍ତି ଲାଗି ଅନେକ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ନିଯୁକ୍ତି ବୃଦ୍ଧି ଲାଗି ଭିତ୍ତିଭୂମି ନିବେଶ ବଢ଼ାଇବାର ଆବଶ୍ୟକତା ରହିଥିବା ବିଶେଷଜ୍ଞ ମତ ରଖିଛନ୍ତି।

## ଏମ୍ଏସ୍ଏମ୍ଇ

କୋଭିଡ୍-୧୯ ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ସଙ୍କଟରେ ରହିଛି। ଫଳରେ ଭାରତ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛି। ଲକ୍‌ଡାଉନ ଯୋଗୁ ଏମ୍ଏସ୍ଏମ୍ଇ ସ୍ଥିତି



ବେହାଲ ହୋଇଯାଇଛି। ସ୍ଥିତି ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ଏମ୍ଏସ୍ଏମ୍ଇଗୁଡ଼ିକ ଲାଗି ବନ୍ଧକମୁକ୍ତ ଋଣ ଅବଧି ବୃଦ୍ଧି, ଜିଏସ୍‌ଟି ରିହାତି, ନିୟମ କୋହଳ ବ୍ୟବସ୍ଥା, ରପ୍ତାନି ପ୍ରୋତ୍ସାହନ ସମେତ ଅନ୍ୟ ବ୍ୟବସ୍ଥା ଆସୁ ବୋଲି କ୍ଷୁଦ୍ରଶିଳ୍ପ କ୍ଷେତ୍ର ଆଶା ରଖିଛି।

# ଜେ ଆଣ୍ଡ ଟି ଜେମ୍ସ ଆଣ୍ଡ ଜୁଏଲେରିର ପୁନଃ ଉଦ୍ଘାଟନ



**ଭୁବନେଶ୍ୱର,୩୧।୧:** ଜେ ଆଣ୍ଡ ଟି ଜେମ୍ସ ଆଣ୍ଡ ଜୁଏଲେରି ଶୋ'ରୁମ୍‌ର ବିଶେଷ ଉଦ୍‌ଘାଟନ ଉତ୍ସବ ରବିବାର ସ୍ଥାନୀୟ ଖଣ୍ଡଗିରି ଜାଗମରା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋ'ରୁମ୍‌ଟି ୮ ହଜାର ବର୍ଗଫୁଟ ଏକ ୪ ମହଲା ବିଶିଷ୍ଟ କୋଠାରେ ହୀରା, ରୁପା ଏବଂ ସୁନାର ସମ୍ଭାର ଉପଲବ୍ଧ ହେଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମନାଭ ପ୍ରଧାନ ଏବଂ କର୍ପୋରରେଟର ରଘୁନାଥ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ଚୌଧୁରୀ, ନିର୍ଦ୍ଦେଶିକା ମଧୁଶ୍ରୀ ଚୌଧୁରୀ ଏବଂ ବ୍ୟବସାୟ ମୁଖ୍ୟ ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥା ଆଗାମୀ ୨ ବର୍ଷ ମଧ୍ୟରେ ୫ଟି ଶୋ'ରୁମ୍ ଭୁବନେଶ୍ୱର, କଟକ, ପୁରୀ ଏବଂ ରାଉରକେଲାରେ ଖୋଲିବାକୁ ଯାଉଛି। ବର୍ତ୍ତମାନ ବାହାଘର ସମୟ ହୋଇଥିବାରୁ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ସଂସ୍ଥା ପକ୍ଷରୁ ବିଭିନ୍ନ ଯୋଜନା ଓ ଅଫର ମଧ୍ୟ ପ୍ରଦାନ କରାଯାଉଛି। ପ୍ରତି କାରବାର ସମୟରେ ସୁନାର ସମୁଦାୟ ମୂଲ୍ୟ ଉପରେ ୬ ରୁ ୮% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିପରି ହୀରା ଗହଣାର ସମୁଦାୟ ମୂଲ୍ୟ ଉପରେ ଫ୍ଲାଟ୍ ୨୫% ଏବଂ ରୁପା ଗହଣାର ଗଢ଼ାମଜୁରି ଉପରେ ୧୦୦% ଛାଡ଼ ବୋଲି ଶ୍ରୀ ଚୌଧୁରୀ କହିଥିଲେ। ଅନ୍ୟପକ୍ଷରେ ସଂସ୍ଥାର ନିର୍ଦ୍ଦେଶିକା କହିଥିଲେ, ଆମର ପ୍ରିୟ ଗ୍ରାହକଙ୍କ ପାଇଁ ଆଜୀବନ ମାଗଣାରେ ଗହଣାର ମରାମତି ସହିତ ମାନ ପରୀକ୍ଷଣ, କାରାଟମିଟରର ସୁବିଧା ଯୋଗାଇ ଦିଆଯିବ।

# ଭୁବନେଶ୍ୱରରେ ବ୍ଲୁ ବ୍ଲିସ୍ ହସ୍ପିଟାଲ

**ଭୁବନେଶ୍ୱର,୩୧।୧**




ବାଙ୍ଗାଲୋର ଭିତ୍ତିକ ବ୍ଲୁ ବ୍ଲିସ୍ ହସ୍ପିଟାଲ ଓଡ଼ିଶାରେ ଏହାର କାର୍ଯ୍ୟ ଆରମ୍ଭ କରିଦେଇଛି। ସ୍ଥାନୀୟ ନୟାପଲ୍ଲୀସ୍ଥିତ କେୟାର ଓ କିୟୋର ହସ୍ପିଟାଲ ପରିସରରେ ୩୦ ଜାନୁୟାରୀଠାରୁ ଏହାର ପ୍ରଥମ କ୍ଲିନିକ୍ ସେବା ଆରମ୍ଭ କରିଛି। ବ୍ଲୁ ବ୍ଲିସ୍ ହସ୍ପିଟାଲ ହେଉଛି ଏକ ମଲ୍‌ଟି ସ୍ପେଶିଆଲିଟି ହସ୍ପିଟାଲ, ଯାହା ଗୋଟିଏ ଛାତ ତଳେ ସବୁ ପ୍ରକାର ସେବା ପ୍ରଦାନ କରୁଛି। ଡା. ଏଲ୍.ଏନ୍.ରାଜୁ (ୟୁରୋଲୋଜି), ୟୁରୋଲୋଜିଷ୍ଟ, ଲେଜର ସର୍ଜନ, ଲାପାରୋସ୍କୋପିକ୍ ସର୍ଜନ ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ବାଙ୍ଗାଲୋରରେ ମଲ୍‌ଟି ସ୍ପେଶାଆଲିଟି ହସ୍ପିଟାଲ ମଧ୍ୟରେ ଏକ ଅଗ୍ରଣୀ ହସ୍ପିଟାଲ ନିର୍ମାଣ ଉଦ୍ଦେଶ୍ୟରେ ଏହି ହସ୍ପିଟାଲ ଆରମ୍ଭ କରିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ଏହାର ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗ ବାଙ୍ଗାଲୋର ଏବଂ କର୍ଣ୍ଣାଟକର ରୋଗୀଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିପାରିଛି। ବ୍ଲୁ ବ୍ଲିସ୍ ହସ୍ପିଟାଲ ଓଡ଼ିଶାରେ ମଧ୍ୟ ଏକ ବୃହତ୍ ଯୋଜନା ରଖିଛି ଏବଂ ଏଠାରେ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଉଦ୍ଦେଶ୍ୟରେ ଲକ୍ଷ୍ୟ ରଖିଛି। ବାଙ୍ଗାଲୋରରୁ ଡାକ୍ତରମାନେ ଭୁବନେଶ୍ୱରକୁ ନିୟମିତ ପରିଦର୍ଶନରେ ଆସି ପରାମର୍ଶ ପ୍ରଦାନ କରିବେ।

## ରାଜ୍ୟ

# ପ୍ରତିଶୋଧ ପରାୟଣ ଲାଲ୍‌ବାହିନୀ

- ୨ ଜଣଙ୍କୁ ଉଠାଇନେବା ପରେ ଛାଡ଼ିଦେଲେ
- ଅଞ୍ଚଳରେ ଭୟର ବାତାବରଣ

**ଫୁଲବାଣୀ ଅଫିସ, ୩୧।୧:** କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ରକ୍ତମୁଖା ହୋଇ ଉଠିଛି ଲାଲ୍‌ବାହିନୀ। ଶନିବାର ୨ଜଣଙ୍କୁ ହତ୍ୟା ପରେ ବେଲଘର ଥାନା ଗୁମୁ ଗ୍ରାମର ୨ ଯୁବକଙ୍କୁ ଉଠାଇ ନେଇଥିଲେ। ସମ୍ପୃକ୍ତ ଯୁବକ ଦ୍ୱୟ



ହେଲେ ଦେବେନ୍ଦ୍ର ମାଝି ଓ ଗୋବିନ୍ଦ ମାଝି। ଗୋବିନ୍ଦଙ୍କୁ ମାଡ଼ ମାରି ଛାଡ଼ି ଦେଇଥିବା ସ୍ପଷ୍ଟ ହୋଇଥିବା ବେଳେ ଦେବେନ୍ଦ୍ରଙ୍କ ବିଷୟରେ ସଠିକ୍ ସୂଚନା ମିଳି ପାରୁନାହିଁ। ଗ୍ରାମର କେତେଜଣ ଲାଲ୍‌ବାହିନୀ ଉଭୟଙ୍କୁ ଛାଡ଼ି ଦେଇଥିବା କହୁଥିବାବେଳେ ଆଉ କେତେଜଣ ଦେବେନ୍ଦ୍ର ଫେରି ନ ଥିବା କହୁଛନ୍ତି। ଲାଲ୍‌ବାହିନୀ ଭୟରେ କେହି ଅଧିକ କିଛି କହିବାକୁ ମନା କରିଦେଇଛନ୍ତି। ସୂଚନାଯୋଗ୍ୟ, ତୁମୁଡ଼ିବନ୍ଧ ବ୍ଲକ ଭଣ୍ଡରଙ୍ଗି ପଞ୍ଚାୟତ ସିର୍କିରେ ହୋଇଥିବା ଏନ୍‌କାଉଣ୍ଟର ପରେ ପ୍ରତିଶୋଧ ପରାୟଣ ହୋଇ ଉଠିଛନ୍ତି ମାଓବାଦୀ। ପୋଲିସ ଇନଫର୍ମର ସନ୍ଦେହରେ ଭଣ୍ଡରଙ୍ଗି ସରପଞ୍ଚଙ୍କ ପୁଅ ଭବାନୀ ଶଙ୍କର ପାତ୍ର(୨୧), ଗୋଚ୍ଛାଗୁଡା ଗ୍ରାମର ହେମନ୍ତ ପାତ୍ର(୨୫)ଙ୍କୁ ଶନିବାର ହତ୍ୟା କରିଥିଲେ। ପୋଲିସ ଇନ୍‌ଫର୍ମର ନ ହେବାକୁ ସେମାନେ ପୋଷ୍ଟରରେ ଧମକ ଦେବା ସହ ଯେଉଁମାନେ ପୋଲିସକୁ ଖବର ଦେଉଛନ୍ତି, ସେମାନଙ୍କୁ ୧୫ ଦିନ ମଧ୍ୟରେ ପ୍ରଜା କୋର୍ଟରେ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ପରଠାରୁ ପୋଲିସ କିମ୍ବା ସୁରକ୍ଷା ବାହିନୀ ଗାଁରେ ପହଞ୍ଚି ନ ଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ଅନ୍ତଃରାଷ୍ଟ୍ରୀୟ ଖେଳାଳି ଏବେ ଚାଷୀ

**ଉମରକୋଟ, ୩୧।୧(ସ୍ୱ.ପ୍ର.)**

- ଭାରୋତ୍ତୋଳନରେ ପାଇଛନ୍ତି ୨ ସ୍ୱର୍ଣ୍ଣ ପଦକ
- ସରକାରୀ ସହାୟତାକୁ ଅପେକ୍ଷା

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ଶି ପଞ୍ଚାୟତ ତେଲାରି ଗ୍ରାମର ଅନ୍ତଃରାଷ୍ଟ୍ରୀୟ ଭାରୋତ୍ତୋଳନକାରୀ ଅରୁଣ ସାନ୍ତା। ଦେଶ ପାଇଁ ପ୍ରତିନିଧିତ୍ୱ କରି ଦୁଇଥର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାଛଡ଼ା ଜାତୀୟସ୍ତରରେ ମଧ୍ୟ ତାଙ୍କ ନାମରେ ରହିଛି ଅନେକ ପଦକ। ଅଲିମ୍ପିକ ଖେଳି ଦେଶ ପାଇଁ ଆହୁରି ଗୌରବ ଆଣିବା ଥିଲା ତାଙ୍କ ଲକ୍ଷ୍ୟ। ଅର୍ଥାଭାବ ବେଳେ ସରକାରୀ ସହାୟତା ନ ମିଳିବାରୁ ଅଲିମ୍ପିକ ଖେଳିବା ସ୍ୱପ୍ନ ତାଙ୍କର ଅଧୁରା ରହିଗଲା। ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଖେଳିବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବାବେଳେ ଦାଉ ସାଧିଲା କରୋନା। ଭୁବନେଶ୍ୱର ଛାଡ଼ି ଏବେ ଗାଁରେ ନିଜ ଓ ଅନ୍ୟମାନଙ୍କ ଜମିରେ ଚାଷ କାମ କରୁଛନ୍ତି ଅରୁଣ। ସରକାରୀ ସହାୟତା ଯୋଗାଇ ଦେଲେ ସେ ପୁଣିଥରେ ଖେଳରେ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି।


ଅରୁଣ ଚାଷ କାମ କରୁଛନ୍ତି।

ପ୍ରଥମରୁ ତୃତୀୟ ଶ୍ରେଣୀଯାଏ ଝରିଗାଁ ତାରାକାନାଡ ସ୍କୁଲରେ ଅରୁଣଙ୍କ ପାଠପଢ଼ା। ଚତୁର୍ଥରୁ ସପ୍ତମ ଶ୍ରେଣୀଯାଏ ବଡ଼ଭରଣ୍ଡି ଆଶ୍ରମ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ସେହିଠାରୁ ବ୍ରହ୍ମପୁର ସ୍ପୋର୍ଟ୍ସ ହଷ୍ଟେଲରେ ରହି ଭାରୋତ୍ତୋଳନ ତାଲିମ ନେଇଥିଲେ। ସେଠାରୁ ସେ ଭାରୋତ୍ତୋଳନରେ ବିଭିନ୍ନ ଜାତୀୟ ଅନ୍ତଃଜାତୀୟ ପ୍ରତିଯୋଗିତାରେ ଭାଗନେଇଥିଲେ। ୨୦୧୨ରେ ମ୍ୟାନ୍‌ମାରରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍, ନ୍ୟୁଜିଲାଣ୍ଡରେ ହୋଇଥିବା କମନ୍‌ୱେଲ୍‌ଥ ଗେମ୍‌ରେ ତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହାଛଡ଼ା ଜାତୀୟସ୍ତରରେ ଦିଲ୍ଲୀ, ହରିୟାଣା ଓ ମହାରାଷ୍ଟ୍ରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅରୁଣ ସ୍ୱର୍ଣ୍ଣ, ବ୍ରୋଞ୍ଜ ଭଳି ପଦକ ଜିତି ପାରିଥିଲେ। ଅଲିମ୍ପିକ ଖେଳିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ସେହି ସମୟରେ ସରକାରୀ ସହାୟତା ମିଳି ନ ଥିବାରୁ ତାହା ସମ୍ଭବ ହେଲା ନାହିଁ ବୋଲି ଅରୁଣ କହିଛନ୍ତି। ଏହାପରେ କିଛି ଦିନ ଭୁବନେଶ୍ୱରର ଗୋଟିଏ ଜିମ୍‌ରେ କାମ କରିଥିଲି। ଜିମ୍ ବନ୍ଦ ହୋଇଯିବାରୁ ଲକ୍‌ଡାଉନ୍‌ରେ ଘରକୁ ଆସି ଚାଷକାମ କରୁଛି ବୋଲି ଅରୁଣ କହିଛନ୍ତି। ଉମରକୋଟରେ ଗୋଟିଏ ସ୍ପୋର୍ଟସ ଏକାଡେମୀ ଖୋଲିବାକୁ ଇଚ୍ଛା। କିନ୍ତୁ ସେଥିପାଇଁ ବହୁତ ଟଙ୍କା ଦରକାର। ଆମ ଅଞ୍ଚଳରେ ଅନେକ ପ୍ରତିଭାବାନ୍ ପିଲା ଅଛନ୍ତି। ତାଲିମ ମିଳିଲେ ଦେଶ ପାଇଁ ନାଁ କରିପାରିବେ। ମୁଁ ଖେଳ ପାଇଁ ସମୟ ଦେଇ ପାଠ ପଢ଼ି ପାରିଲି ନାହିଁ। କେନ୍ଦ୍ର କିମ୍ବା ରାଜ୍ୟ ସରକାର ସହାୟତା ଯୋଗାଇ ଦେଲେ ଖୁସି ହୋଇଥାଆନ୍ତି ବୋଲି ଅରୁଣ କହିଛନ୍ତି।

# ଦୁର୍ଦ୍ଦାନ୍ତ ମାଓବାଦୀ ନିହତ

**ମାଲକାନଗିରି,୩୧।୧(ଡି.ଏନ୍.ଏ.)**

- ଜଙ୍ଗଲରେ ବୈଠକବେଳେ ଗୁଳି ବିନିମୟ
- ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ

ଦୀର୍ଘଦିନ ପରେ ମାଲକାନଗିରି ଜିଲା ମାଥିଲି ଥାନା ମାଡ଼କାପଦର ଜଙ୍ଗଲରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ନିହତ ହୋଇଥିବାବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣରେ ମାଓବାଦୀ ସାମଗ୍ରୀ ଓ ବନ୍ଧୁକ ଜବତ ହୋଇଛି। କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ମାଡ଼କାପଦର ପଞ୍ଚାୟତ ନୁନାଖାରି ଜଙ୍ଗଲରେ ମାଓବାଦୀଙ୍କ ବୈଠକ ଚାଲିଥିବା ସୂଚନା ପାଇ ଡିଭିଏଫ୍ ଏବଂ ଏସ୍‌ଓଜି ଯବାନ ମିଳିତ କୋମ୍ବିଂ ଅପରେଶନ କରିଥିଲେ। ଏହାର ସୂଚନା ପାଇ ମାଓବାଦୀମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଯବାନଙ୍କ ପାଲଟା ଜବାବରେ ମାଓବାଦୀମାନେ ସେଠାରୁ


ଜବତ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ।

ଛତ୍ରଭଙ୍ଗ ଦେଇଥିଲେ। ତେବେ ଗୁଳି ବିନିମୟବେଳେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ଆଉ କେତେଜଣ ମାଓବାଦୀ ଆହତ ହୋଇଥିବା ଆଶଙ୍କା କରାଯାଉଛି। ମୃତ ମାଓବାଦୀ ଓଡ଼ିଶା-ଆନ୍ଧ୍ର ବୋର୍ଡର ଜୋନାଲ କମିଟିର ହୋଇଥିବାବେଳେ ତାଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ, ପିସ୍ତଲ, ଅଫୁଟା ଗୁଳି, ୱାକିଟକି, ଚାର୍ଜର, ପିସ୍ତଲ ପାଉଚ୍, କ୍ଲେମର ବ୍ୟାଟେରି, କିଟ୍ ବ୍ୟାଗ୍, ଘଡ଼ି ସମେତ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଡିଆଇଜିଙ୍କ ବ୍ୟତୀତ ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରି, ବିଏସ୍‌ଏଫ୍ ଡିଆଇଜି ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମାଓବାଦୀ ଦମନ ଅପରେଶନକୁ ଜୋର୍‌ଦାର କରାଯିବ ଏବଂ ବିକାଶ କାର୍ଯ୍ୟରେ ସାଲିସ କରାଯିବ ନାହିଁ। ତେଣୁ ଯେଉଁମାନେ ପଥଭ୍ରଷ୍ଟ ହୋଇଛନ୍ତି ସେମାନେ ମୁଖ୍ୟସ୍ରୋତକୁ ଫେରିଆସନ୍ତୁ ବୋଲି ଡିଆଇଜି ଗଣମାଧ୍ୟମ ଜରିଆରେ ମାଓବାଦୀଙ୍କୁ ଆହ୍ୱାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦିଆଯିବା ସହ ଥଇଥାନ କରାଯିବ ବୋଲି ସେ କହିଛନ୍ତି।

# ବାଘ ମୃତ୍ୟୁ ଘଟଣାରେ ୭ ଶିକାରୀ ଗିରଫ


ଗିରଫ ଅଭିଯୁକ୍ତମାନେ।

**ବୁଗୁଡା,୩୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳ ମାଣିତରା ସେକ୍ସନ ବଡ଼ପଥର ନିକଟ କୁଣ୍ଡାଖାଇ ପାହାଡ଼ରେ ଫାଶରେ ପଡ଼ି କଲରାପତରିଆ ବାଘ ମୃତ୍ୟୁ ଘଟଣାରେ ୭ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଲସାହି ଗ୍ରାମର ରଞ୍ଜିତ ନାୟକ, ଶୁକଦେବ ନାୟକ, ଶୁକଦେବ ନାୟକ ଓରଫ ମିଥୁନ, ନଗୁଡୁ ଗ୍ରାମର ମଙ୍ଗୁଲୁ ନାୟକ, ପଞ୍ଚୁ ନାୟକ, ବସନ୍ତ ନାୟକ ଏବଂ ବିରଞ୍ଚିପୁର ଗ୍ରାମର ବଳରାମ ପ୍ରଧାନ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଅଛନ୍ତି। ଶିକାରରେ ବ୍ୟବହୃତ ଫାଶ ସରଞ୍ଜାମ ସହ ଶାବଳ ଓ କାତି ଜବତ କରାଯାଇଛି। ରବିବାର ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ଏସିଏଫ୍ ପ୍ରଭାକର ନାୟକଙ୍କ ଉପସ୍ଥିତିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ଏହି ସୂଚନା ଦେଇଛନ୍ତି।

କୁଣ୍ଡାଖାଇ ପଥର ଖାଦାନରେ ଅଭିଯୁକ୍ତମାନେ ଶ୍ରମିକ ଭାବେ କାମ କରନ୍ତି। ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ଓ ଶୁକଦେବ ଫାଶ ପକାଇ ଶିକାର କରିବାରେ ଅଭ୍ୟସ୍ତ। ଗତ ବୁଧବାର ରାତିପ୍ରାୟ ୮ଟାରେ ମୁଖ୍ୟ ଦୁଇ ଅଭିଯୁକ୍ତ ପାହାଡ଼ରେ କ୍ଲଚ ତାର ଦ୍ୱାରା ବାର୍‌ହା ଶିକାର ପାଇଁ ଫାଶ ବସାଇଥିଲେ। ରାତି ପ୍ରାୟ ୪ଟାରେ ରଞ୍ଜିତ ସେଠାକୁ ଆସି ଫାଶରେ ବାର୍‌ହା ପଡ଼ି ନ ଥିବା ଦେଖିଥିଲେ। ପରେ ସେ ଶୁକଦେବଙ୍କ ସହ ମିଶି ଆଉ ୩ଟି ଫାଶ ବସାଇଥିଲେ।

## ଶାବଳ, କାତି, ଫାଶ ସରଞ୍ଜାମ ଜବତ

ପରଦିନ ଅର୍ଥାତ୍ ଗୁରୁବାର ପୂର୍ବାହ୍ନ ୧୦ଟାରେ ପଞ୍ଚୁ, ବସନ୍ତ ଓ ମଙ୍ଗୁଲୁ ସେଠାକୁ ଯାଇ ଫାଶରେ ବାର୍‌ହା ସହ ଗୋଟିଏ କଲରାପତରିଆ ବାଘ ପଡ଼ିଥିବା ଦେଖିଥିଲେ। ପରେ ୭ ଅଭିଯୁକ୍ତ ମିଶି ବାର୍‌ହାକୁ ନେଇଯାଇ ବାଘକୁ ଶାବଳରେ ପିଟି ଗୁରୁତର କରିଥିଲେ। ଅଭିଯୁକ୍ତମାନେ ସେଠାରୁ ଚାଲିଆସି ପଲୀଆଗୁଳ ଘାଇରେ ବାର୍‌ହାକୁ ମାରି ମାଂସ ବାଣ୍ଟି ନେଇଥିଲେ ବୋଲି ସ୍ୱୀକାର କରିଥିବା ବନଖଣ୍ଡ ଅଧିକାରୀ କହିଛନ୍ତି।

ବାଘ ମୃତ୍ୟୁ ତଦନ୍ତ ପାଇଁ ବନ ବିଭାଗ ପକ୍ଷରୁ ଗତ ଶନିବାର ପ୍ରଥମେ କୁଣ୍ଡାଖାଇ ପଥର ଖାଦାନରେ କାମ କରୁଥିବା ଶୁକଦେବଙ୍କୁ ଆଣି ପଚରାଉଚୁରା କରାଯାଇଥିଲା। ତାଙ୍କଠାରୁ ସମସ୍ତ ତଥ୍ୟ ହାସଲ ପରେ ଅନ୍ୟମାନଙ୍କୁ ଧରାଯାଇଥିଲା। ଏଥିରେ ଆଉ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଧରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ନଂ.୫୧୧/୨୦-୨୧ରେ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଫାଶରେ ପଡ଼ିଥିବା ବାଘକୁ ଗତ ଗୁରୁବାର ବନ କର୍ମଚାରୀ ଓ ମୋବାଇଲ ଷ୍ଟାଫ ଉଦ୍ଧାର କରିଥିଲେ ମଧ୍ୟ ୬ ଘଣ୍ଟା ପରେ ତା'ର ମୃତ୍ୟୁ ହୋଇଥିଲା। ଶୁକ୍ରବାର ଆରସିସିଏଫଙ୍କ ଉପସ୍ଥିତିରେ ସମସ୍ତ ଗାଇଡ୍‌ଲାଇନ ପାଳନ କରି ବାଘ ମୃତଦେହ ବ୍ୟବଚ୍ଛେଦ ପରେ ବନାଞ୍ଚଳ ହତା ମଧ୍ୟରେ ଦାହ କରାଯାଇଥିଲା।

## ପୋର୍ଟାଲ ସମ୍ପାଦକଙ୍କ ନାଁରେ ମାମଲା

ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ଟ୍ରାକ୍ଟର ରାଲିବେଳେ ଜଣେ କୃଷକଙ୍କ ମୃତ୍ୟୁ ଖବର ପ୍ରକାଶ ପାଇଥିବା 'ଦ ୱ୍ୟାର' ୱେବ ପୋର୍ଟାଲ ସମ୍ପାଦକଙ୍କ ନାଁରେ ମାମଲା ରୁଜୁ ହୋଇଛି। ସମ୍ପାଦକ ସିଦ୍ଧାର୍ଥ ବରଦାରାଜନ ପୋର୍ଟାଲରେ ଏହି ଖବର ଟୁଇଟ କରିଥିଲେ। ଉତ୍ତର ପ୍ରଦେଶ ରାମପୁରର ଜଣେ ଚାଷୀଙ୍କୁ ଗୁଳି କରାଯାଇଥିବା ସେଥିରେ ଅଭିଯୋଗ କରାଯାଇଥିଲା। ପୋଷ୍ଟମର୍ଟମ ରିପୋର୍ଟରେ ମୃତ ଚାଷୀଙ୍କ ଶରୀରରେ ଗୁଳି ବାଜି ନ ଥିବା ନେଇ ପୋଲିସ ସୂଚନା ଦେଇଥିଲା।



## ସଂକ୍ଷେପରେ

### ୧୩ରେ ସରିବ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ



**ନୂଆଦିଲ୍ଲୀ, ୩୧।୧(ପି.ଟି.):** ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୫ ପରିବର୍ତ୍ତେ ୧୩ରେ ଶେଷ ହେବ। ଅଧିବେଶନରେ ପରିବର୍ତ୍ତନ ପାଇଁ ରାଜ୍ୟ ସଭା ରବିବାର ନିଷ୍ପତ୍ତି ନେଇଛି। ଅଧିବେଶନ ସମୟରେ ଗୃହ କାର୍ଯ୍ୟ ଯେପରି ସୁରୁଖୁରୁରେ ଚାଲିବ ତାହା ସୁନିଶ୍ଚିତ କରିବା ଲାଗି ସର୍ବଦଳୀୟ ବୈଠକରେ ରାଜ୍ୟ ସଭା ଅଧକ୍ଷ ଏମ୍. ଭେଙ୍କାୟା ନାଇଡୁ ସବୁ ଦଳର ନେତାମାନଙ୍କୁ ଅପିଲ୍ କରିଥିଲେ। ଗୃହର ସମସ୍ତ ଆଲୋଚନାରେ ସବୁ ସଦସ୍ୟ ଯୋଗଦେବେ ବୋଲି ବିଭିନ୍ନ ଦଳର ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟକୁ ଅନୁଦାନ ଦାବିର ଅନୁଧାନ ପାଇଁ ସମ୍ପୃକ୍ତ ବିଭାଗର ସଂସଦୀୟ କମିଟିକୁ ସମୟ ଦେବା ନିମନ୍ତେ ଗୃହକୁ ମୁଲତବୀ ରଖାଯିବ। ମାର୍ଚ୍ଚ ୮ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ସର୍ବଦଳୀୟ ବୈଠକରେ କେତେଜଣ ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳର ୨୫ ଜଣ ନେତା ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପାଇଁ ଅଧିକ ସମୟ ଦେବାକୁ ନେତାମାନେ ଦାବି କରିଥିଲେ।

### ଶରିଫଙ୍କୁ ପାଣ୍ଠି ଯୋଗାଉଥିଲେ ଲାଦେନ୍



**ଇସ୍‌ଲାମାବାଦ, ୩୧।୧:** ଆମେରିକାର ୱାର୍ଲ୍ଡ ଟ୍ରେଡ୍ ଟାୱାର ଉପରେ ବିମାନ ଆକ୍ରମଣ କରାଇଥିବା ଅଲ୍ କାଏଦା ଆତଙ୍କବାଦୀ ଓସାମା ବିନ୍ ଲାଡେନ୍ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ସମର୍ଥନ କରିବା ସହ ଆର୍ଥିକ ସହାୟତା କରୁଥିଲେ । ପୂର୍ବରୁ ଆମେରିକାରେ ପାକିସ୍ତାନର ରାଷ୍ଟ୍ରଦୂତ ଥିବା ଅବିଦା ହୁସେନ୍‌ଙ୍କ ଦାବି ଅନୁଯାୟୀ ଏକଦା ଶରିଫଙ୍କୁ ଅଲ୍ କାଏଦା ମୁଖ୍ୟ ସମର୍ଥନ ଓ ସହାୟତା କରୁଥିଲେ। ପାକିସ୍ତାନକୁ ବିଦେଶୀ ପାଣ୍ଠି ଆସିବାର ମୂଳଦୁଆ ଶରିଫ୍ ପକାଇଥିଲେ ବୋଲି ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ସଦସ୍ୟ ଫାରୁଖ୍ ହବିବ କହିଥିଲେ। ବେନଜୀର ଭୁଟ୍ଟୋ ସରକାରକୁ ହଟାଇବା ନିମନ୍ତେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ଲାଡେନ୍‌ଙ୍କ ଠାରୁ ଶରିଫ୍ ୧୦ ନିୟୁତ ଡଲାର ଆଣିଥିବା ସେ କହିଥିଲେ। ସେହିପରି କଶ୍ମୀରରେ ଜିହାଦର ପ୍ରସାର ପାଇଁ ଲାଡେନ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶରିଫଙ୍କୁ ପାଣ୍ଠି ଯୋଗାଉଥିଲେ।

## ନୋବେଲ ଦୌଡ଼ରେ ଗ୍ରେଟା



**ଓସ୍‌ଲୋ, ୩୧।୧:** ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ସ୍ୱିଡେନର ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗ(୧୮)ଙ୍କ ନାମ ସୁପାରିସ କରାଯାଇଛି। ତାଙ୍କ ସହ ରୁଷିଆର ଭିନ୍ନମତବାଦୀ ଆଲେକ୍ସି ନାଭାଲ୍‌ନି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ଏହି ପୁରସ୍କାର ଦୌଡ଼ରେ ସାମିଲ କରାଯାଇଛି। ବିଭିନ୍ନ ଦେଶର ପାର୍ଲାମେଣ୍ଟ ସଦସ୍ୟଙ୍କଠାରୁ ଆରମ୍ଭ କରି ପୂର୍ବତନ ବିଜେତା ପର୍ଯ୍ୟନ୍ତ ପ୍ରମୁଖ ବ୍ୟକ୍ତିବିଶେଷ ଏହି ପୁରସ୍କାର ପାଇଁ ନାଁ ସୁପାରିସ୍ କରିପାରିବେ। ଜଳବାୟୁ ସୁରକ୍ଷା ଦିଗରେ ଅବଦାନ ନିମନ୍ତେ ଗ୍ରେଟାଙ୍କୁ ଏହି ତାଲିକାରେ ରଖାଯାଇଛି। ସେହିପରି ନରୱେର ପୂର୍ବତନ ମନ୍ତ୍ରୀ ଓଲା ଏଲ୍‌ଭେଷ୍ଟୁଏନ ରୁଷିଆରେ ଶାନ୍ତିପୂର୍ଣ୍ଣ ଗଣତନ୍ତ୍ରୀକରଣ ପାଇଁ ଆଲେକ୍ସିଙ୍କ ନାମ ବାଛିଛନ୍ତି। ବେଲାରୁଷ୍‌ର ସାମାଜିକକର୍ମୀ ଭିଏତଲାନା ସିଖାନୋସ୍କାୟା, ମାରିଆ କୋଲେସନିକୋଭା ଏବଂ ଭେରୋନିକା ସେପକାଲୋଙ୍କ ନାମ ମଧ୍ୟ ନୋବେଲ ପୁରସ୍କାର ନିମନ୍ତେ ସୁପାରିସ୍ ହୋଇଛି। ଆସନ୍ତା ଅକ୍ଟୋବରରେ ବିଜେତାଙ୍କ ନାମ ଘୋଷଣା କରାଯିବ।

## ରେକର୍ଡ କଲା ଓଣ୍ଡର ଓମ୍ୟାନ୍



**ମୁମ୍ବାଇ, ୩୧।୧:** ହଲିଉଡ ଷ୍ଟାର ଗାଲ ଗାଡୋଟ୍‌ଙ୍କ ଅଭିନୀତ' ଓଣ୍ଡର ଓମ୍ୟାନ ୧୯୮୪' ଚଳଚ୍ଚିତ୍ର ରେକର୍ଡ କରିଛି। 'ଓଣ୍ଡର ଓମ୍ୟାନ'ର ଏହି ସିକ୍ୱେଲ ପ୍ରିମିୟର ଏଚ୍‌ବିଓ ମାକ୍ସରେ ଡିସେମ୍ବର ୨୫ରେ ରିଲିଜ ହୋଇଥିବାବେଳେ ସର୍ବାଧିକ ସମୟ ଦେଖାଯାଇଥିବା ଚଳଚ୍ଚିତ୍ର ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ସୃଷ୍ଟି କରିଛି। ୨.୨୫ ବିଲିୟନ ମିନିଟ୍ ପର୍ଯ୍ୟନ୍ତ ଲୋକେ ଦେଖିଥିବାରୁ ଓଣ୍ଡର ଓମ୍ୟାନ ଫିଲ୍ମ ଏଭଳି ବିରଳ ରେକର୍ଡ ସ୍ଥାପନ କରିଛି। ଏଥିପାଇଁ ବେଶ୍ ଖୁସି ଅଛନ୍ତି ଗାଡୋଟ୍। ଏ ନେଇ ସେ ସୋସିଆଲ ମିଡିଆରେ ପୋଷ୍ଟ କରି ନିଜ ଖୁସି ବ୍ୟକ୍ତ କରିଛନ୍ତି। କେବଳ ଓଣ୍ଡର ଓମ୍ୟାନ ୧୯୮୪ ପାଇଁ ଲୋକଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖାଯାଇଥିବାବେଳେ ଏଚ୍‌ବିଓ ମାକ୍ସର ସବସ୍କ୍ରିପଶନ ୨ ଗୁଣା ବଢ଼ିଛି। ରିପୋର୍ଟ ଅନୁଯାୟୀ ଡିସି ମୁଭିଜର ଏହି ଚଳଚ୍ଚିତ୍ର ୧୫୧ ମିନିଟ୍‌ର।

# ରୁଷିଆରେ ବିଶାଳ ବିକ୍ଷୋଭ

**ମସ୍କୋ, ୩୧।୧**



ରୁଷିଆର ସେଣ୍ଟ ପିଟର୍ସବର୍ଗରେ ଜଣେ ବିକ୍ଷୋଭକାରୀଙ୍କୁ ପୋଲିସ କାବୁ କରୁଛି।

ଜେଲ୍‌ରେ ଥିବା ରୁଷିଆର ବିରୋଧୀ ଦଳ ନେତା ଆଲେକ୍ସି ନଭାଲ୍‌ନିଙ୍କୁ ତୁରନ୍ତ ମୁକ୍ତ କରିବା ଦାବିରେ ରବିବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ଏଥିରେ ଯୋଗଦେଇ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନ ସାରା ଦେଶକୁ ବ୍ୟାପିଥିବାବେଳେ ପୋଲିସ ୨,୭୦୦ ବିକ୍ଷୋଭକାରୀଙ୍କୁ ଗିରଫ କରିଛି।

ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ରୁଷିଆ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ପୋଲିସ ମସ୍କୋର କେନ୍ଦ୍ରସ୍ଥଳ ସମେତ ବିଭିନ୍ନ ସହରକୁ ଲକ୍‌ଡାଉନ କରିଦେଇଥିଲା। ହଜାର ହଜାର ପୋଲିସ ସକାଳଠାରୁ ରାଜଧାନୀ ରାସ୍ତାଘାଟରେ ପଇଁତରା ମାରୁଥିଲେ। ଏପରିକି ଚାଲିକରି ଯାଉଥିବା ଲୋକଙ୍କ ଉପରେ ମଧ୍ୟ କଟକଣା ଜାରି କରାଯାଇଥିଲା। ଏକ ବିରଳ ଘଟଣାକ୍ରମରେ ମସ୍କୋ ସହରର ଅଧିକାଂଶ ସେଣ୍ଟ୍ରାଲ ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦେବା ସହ ଭୂତଳ ପରିବହନକୁ ପରିବର୍ତ୍ତନ କରାଯାଇଥିଲା। ଗତ ସପ୍ତାହାନ୍ତ ବିକ୍ଷୋଭ ବେଳେ ୪ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖାଯାଇଥିଲା। ରୁଷିଆରେ ଏଭଳି ରାଲି କେବେ ହୋଇ ନ ଥିଲା। ଏହା ଦେଶବାସୀଙ୍କ ବହୁବର୍ଷ ଅସନ୍ତୋଷର ପ୍ରତିଫଳନ ବୋଲି କୁହାଯାଉଛି। ଜେଲ୍ ଧମକ, ସୋସିଆଲ୍ ମିଡିଆ ଗ୍ରୁପ୍‌ଗୁଡ଼ିକୁ ଚେତାବନୀ ତଥା ପୋଲିସର ବ୍ୟାପକ କର୍ଡନ ସତ୍ତ୍ୱେ ରବିବାର ଅଧିକାଂଶ ସହରରେ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ।

- ୨,୭୦୦ ବିକ୍ଷୋଭକାରୀ ଗିରଫ
- ବିରୋଧୀ ଦଳ ନେତାଙ୍କୁ ମୁକ୍ତ କରିବାକୁ ଦାବି
- ମସ୍କୋ ସମେତ ବିଭିନ୍ନ ସହର ଲକ୍‌ଡାଉନ

ପୁଟିନ୍‌ଙ୍କ ସମାଲୋଚକ ଭାବେ ଜଣାଶୁଣା ୪୪ ବର୍ଷୀୟ ଆଲେକ୍ସି ଜଣେ ଦୁର୍ନୀତି ବିରୋଧୀ ତଦନ୍ତକାରୀ। ଗତ ୧୭ ତାରିଖରେ ସେ ଜର୍ମାନୀରୁ ଫେରୁଥିବା ବେଳେ ଗିରଫ ହୋଇଥିଲା। ସ୍ନାୟୁ ଜନିତ ବିଷକ୍ରିୟା ଯୋଗୁ ସେ ୫ ମାସ ଜର୍ମାନୀରେ ଚିକିତ୍ସିତ ହୋଇ ଫେରୁଥିଲେ। ବିଷକ୍ରିୟା ପାଇଁ ସେ କ୍ରେମ୍‌ଲିନ୍‌କୁ ଦୋଷ ଦେଇଥିବାବେଳେ ରୁଷିଆ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ପାରୋଲ ସର୍ତ୍ତ ଖିଲାପ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଆଲେକ୍ସିଙ୍କୁ ଖଲାସ କରିଦେବା ପାଇଁ ଆମେରିକା ରୁଷିଆକୁ ଆହ୍ୱାନ ଦେବା ସହ ବିକ୍ଷୋଭକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି।

## ତ୍ରିରଙ୍ଗାକୁ ଅସମ୍ମାନ ଦେଶକୁ ମର୍ମାହତ କରିଛି

**ନୂଆଦିଲ୍ଲୀ, ୩୧।୧(ପି.ଟି.)**



### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକାକୁ ଅସମ୍ମାନ ଦେଶକୁ ମର୍ମାହତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ପ୍ରଥମ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। ଜାନୁୟାରୀ ୨୬ରେ ଆନ୍ଦୋଳନରତ ଚାଷୀଙ୍କ ଟ୍ରାକ୍ଟର ପରେଡ୍ ବେଳେ ହିଂସାକାଣ୍ଡ ଘଟିଥିଲା। ଲାଲ୍‌କିଲ୍ଲାରେ ତ୍ରିରଙ୍ଗାକୁ ଅସମ୍ମାନିତ କରାଯାଇ ଧର୍ମୀୟ ପତାକା ଉଡ଼ାଯାଇଥିଲା। କେନ୍ଦ୍ର ସରକାର କୃଷିର ଆଧୁନିକୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ଓ ସେ ଦିଗରେ ଅନେକ ପଦକ୍ଷେପ ନିଆଯାଇଛି ଓ ଆଗକୁ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତେବେ ପଞ୍ଜାବ, ହରିୟାଣା ଏବଂ ୟୁପିର କେତେକ କୃଷକ ସଂଗଠନ ତିନି କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ଉକ୍ତ ଆଇନ ପ୍ରତ୍ୟାହାର ଦାବି କରୁଛନ୍ତି।

ଗତବର୍ଷ ଦେଶବାସୀ ନିଦର୍ଶନାତ୍ମକ ଧୈର୍ଯ୍ୟ ଓ ସାହସ ଦେଖାଇଥିଲେ। ଚଳିତ ବର୍ଷ ମଧ୍ୟ ଆମର ସଂକଳ୍ପକୁ ପୂରା କରିବା ଲାଗି କଠିନ ପରିଶ୍ରମ କରିବାକୁ ହେବ। ଦେଶରେ କରୋନା ମହାମାରୀ ବିରୋଧରେ ଟିକାକରଣ ଅଭିଯାନ ଜାରି ରହିଛି। ଭାରତରେ କେବଳ ବିଶ୍ୱର ସର୍ବବୃହତ୍ ଟିକା ଅଭିଯାନ ଆରମ୍ଭ ହୋଇନାହିଁ, ଦେଶବାସୀଙ୍କୁ ସବୁଠୁ ଦ୍ରୁତ ବେଗରେ ଟିକାଦାନ କରାଯାଉଥିବା ମୋଦି କହିଥିଲେ। ୧୫ ଦିନରେ ୩୦ ଲକ୍ଷ କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦିଆଗଲାଣି। ଆମେରିକା ଓ ବ୍ରିଟେନରେ ଏହି ସଂଖ୍ୟାରେ ପହଞ୍ଚିବାକୁ ଯଥାକ୍ରମେ ୧୮ ଓ ୩୬ ଦିନ ଲାଗିଥିଲା। ଭାରତର ଟିକାକରଣ କାର୍ଯ୍ୟକ୍ରମ ସାରା ବିଶ୍ୱ ପାଇଁ ଉଦାହରଣୀୟ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ପଡୋଶୀ ସମେତ ବିଭିନ୍ନ ଦେଶକୁ କୋଭିଡ୍ ଟିକା ପଠାଇ ପ୍ରଶଂସିତ ହୋଇଛି। ସଙ୍କଟ ସମୟରେ ଭାରତ ଔଷଧ ଓ ଟିକା ସେକ୍ଟରରେ ଏକ ସମର୍ଥ ଓ ଆତ୍ମନିର୍ଭର ଦେଶ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଦେଶ ଯେତେ ଆତ୍ମନିର୍ଭର ହେବ ସେତେ ଅଧିକ ଲୋକଙ୍କୁ ସେବା ଯୋଗାଇପାରିବ ଓ ବିଶ୍ୱ ଅଧିକ ଲାଭବାନ ହେବ ବୋଲି ମୋଦି ମନ୍ କୀ ବାତ୍‌ରେ କହିଥିଲେ। ପଦ୍ମ ପୁରସ୍କାର ପ୍ରଦାନରେ ଗତ କିଛିବର୍ଷ ହେଲା ନୂଆ ପରମ୍ପରା ସୃଷ୍ଟି ହୋଇଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପାଳନର ନିକଟତର ହେଉଥିବାବେଳେ ଦେଶବାସୀ ବିଶେଷକରି ଯୁବଗୋଷ୍ଠୀ ସ୍ୱାଧୀନତା ସଂଗ୍ରାମୀ ଓ ଆନ୍ଦୋଳନ ସମ୍ପର୍କରେ ଲେଖିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ।

## ରାହୁଲଙ୍କୁ ଅଧକ୍ଷ କରିବା ଲାଗି ଦିଲ୍ଲୀ କଂଗ୍ରେସରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ, ୩୧।୧**



ରାହୁଲ ଗାନ୍ଧୀଙ୍କୁ ତୁରନ୍ତ କଂଗ୍ରେସ ଅଧକ୍ଷ କରିବା ଲାଗି ଦଳର ଦିଲ୍ଲୀ ଶାଖାରେ ରବିବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଆଗାମୀ ଏପ୍ରିଲ-ମେ'ରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହା ପରେ କଂଗ୍ରେସର ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀ ସ୍ଥିର କରିବା ନିମନ୍ତେ ଦଳର କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ପୂର୍ବରୁ ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ କ୍ଷମତା ପ୍ରଦାନ କରିଥିଲା। ଜୁନ୍ ସୁଦ୍ଧା କଂଗ୍ରେସ ଜଣେ ନିର୍ବାଚିତ ଅଧକ୍ଷ ପାଇବ ବୋଲି ସିଡବ୍ଲ୍ୟୁସି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ।

## 'ସ୍ୱାମୀ ହତ୍ୟାକାରୀ ବି ପାଇବେ ପେନ୍‌ସନ'

**ଚଣ୍ଡିଗଡ଼, ୩୧।୧**

ସ୍ୱାମୀଙ୍କୁ ହତ୍ୟା କରିଥିବା ମହିଳା ମଧ୍ୟ ଫ୍ୟାମିଲି ପେନ୍‌ସନ ପାଇବାର ହକ୍‌ଦାର ବୋଲି କହିଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟ। ଏକ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ସୁନା ଅଣ୍ଡାଦିଆ କୁକୁଡାକୁ କେହି କାଟିପାରିବେ ନାହିଁ। ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଫ୍ୟାମିଲି ପେନ୍‌ସନ ଯୋଜନା ରହିଛି। ଯଦି ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ହତ୍ୟାକାରୀ ହୋଇଥାଏ ତେବେ ମଧ୍ୟ ସେ ପେନ୍‌ସନର ହକ୍‌ଦାର ବୋଲି ଅମ୍ବାଲାର ବଲ୍‌ଜିତ କୌରଙ୍କ ପିଟିଶନ୍‌ର ଶୁଣାଣି ବେଳେ କୋର୍ଟ କହିଛନ୍ତି।



ଦିଲ୍ଲୀର ଗାଜିପୁର ସୀମାରେ ରବିବାର ଆନ୍ଦୋଳନରତ ଚାଷୀ ତ୍ରିରଙ୍ଗା ଧରିଛନ୍ତି।

## ଆଲୋଚନା ଲାଗି ପରିବେଶ ସୃଷ୍ଟି କରନ୍ତୁ ସରକାର

**ନୂଆଦିଲ୍ଲୀ, ୩୧।୧(ପି.ଟି.)**

ଆନ୍ଦୋଳନକାରୀ କୃଷକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମର୍ଯ୍ୟାଦାକୁ ସମ୍ମାନ ଦେବେ। ଏଥିସହିତ ସେମାନଙ୍କ ଆତ୍ମସମ୍ମାନର ସୁରକ୍ଷା ପାଇଁ ଅଙ୍ଗୀକାରବଦ୍ଧ ରହିବେ ବୋଲି ଭାରତୀୟ କିଷାନ ସଂଘ (ବିକେୟୁ) ମୁଖ୍ୟ ନରେଶ ଟିକାଏତ୍ ରବିବାର କହିଛନ୍ତି। ସରକାର ଆଲୋଚନା ଲାଗି ଗୋଟିଏ ମାତ୍ର ଫୋନ୍ କଲ୍‌କୁ ଅପେକ୍ଷା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିବାର ଦିନକ ପରେ ଟିକାଏତ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ସରକାର ଚାଷୀନେତାମାନଙ୍କୁ ମୁକ୍ତ କରିବା ସହ ଆଲୋଚନା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କଲେ ଏକ ସମ୍ମାନଜନକ ସମାଧାନରେ ପହଞ୍ଚିହେବ ବୋଲି କୃଷକ ନେତା ଟିକାଏତ୍ କହିଛନ୍ତି।

ଏକ ମଧ୍ୟବର୍ତ୍ତୀ ମାର୍ଗ ବାହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଚାପରେ କୌଣସି କଥାକୁ ଚାଷୀମାନେ କଦାପି ମାନିନେବେ ନାହିଁ। ସରକାର କିମ୍ବା ପାର୍ଲାମେଣ୍ଟ ସେମାନଙ୍କ ନିକଟରେ ମୁଣ୍ଡ ନୁଆଁଉ ଏହା ଚାଷୀ ଚାହାନ୍ତି ନାହିଁ। ସେହିପରି ଚାଷୀମାନଙ୍କ ଆତ୍ମମର୍ଯ୍ୟାଦାର ସୁରକ୍ଷା ହେବା ଆବଶ୍ୟକ ବୋଲି ବିକେୟୁ ନେତା କହିଛନ୍ତି।

ଶନିବାର ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କ ସରକାର ଆନ୍ଦୋଳନରତ ଚାଷୀଙ୍କୁ କୃଷି ଆଇନର ପ୍ରସ୍ତାବ ଦେଇଥିଲେ, ଯାହା ଏବେ ବି ଅନାଲୋଚିତ ରହିଛି। ଗତ ୨୬ ତାରିଖରେ ରାଜଧାନୀରେ ହିଂସା ପରେ ଆଲୋଚନା ଲାଗି କେନ୍ଦ୍ର ସରକାର ଏକ ଫୋନ୍ କଲ୍‌କୁ ଅପେକ୍ଷା କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ୨୬ ତାରିଖ ହିଂସା ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲା। ତ୍ରିରଙ୍ଗା ସବୁଠୁ ଉର୍ଦ୍ଧ୍ୱରେ। ଏହାକୁ ଅସମ୍ମାନିତ କରିବାକୁ କାହାକୁ ଦେବୁନାହିଁ ବୋଲି ଟିକାଏତ୍ କହିଛନ୍ତି। ଦିଲ୍ଲୀ ପୋଲିସ ସାଧାରଣତନ୍ତ୍ର ଦିବସ ହିଂସା ଘଟଣାରେ ପାଖାପାଖି ୪୦ ମାମଲା ଦାଏର କରିବା ସହ ୮୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଛି। ସେମାନଙ୍କୁ ସରକାର ଛାଡ଼ିଦେବା ସହ ଆଲୋଚନା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରନ୍ତୁ ବୋଲି ଟିକାଏତ ଦୋହରାଇଥିଲେ।

# 'ପୁତୁରା କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି ମମତା'

**ନୂଆଦିଲ୍ଲୀ, ୩୧।୧**

ପଶ୍ଚିମବଙ୍ଗ ଜନସାଧାରଣଙ୍କ ପ୍ରତି ମମତା ବାନାର୍ଜୀ ଅନ୍ୟାୟ କରିଛନ୍ତି। ତେଣୁ ବହୁସଂଖ୍ୟାରେ ଟିଏମ୍‌ସି ନେତା ଭାଜପାରେ ଯୋଗ ଦେଉଥିବା ହାଓଡ଼ାଠାରେ ଭାଜପାର ଏକ ରାଲିକୁ ଭର୍ଚୁଆଲି ସମ୍ବୋଧନ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ଟିଏମ୍‌ସି ସମେତ ଅନ୍ୟ ଦଳର ନେତାମାନେ ଭାଜପାରେ ସାମିଲ ହେଉଛନ୍ତି। ନିର୍ବାଚନ ବେଳକୁ ମମତା ଦିଦି ଏକା ହୋଇଯାଇଥିବେ। ମୋଦି ସରକାର 'ଜନ କଲ୍ୟାଣ' ପାଇଁ କାର୍ଯ୍ୟ କରୁଥିବାବେଳେ ମମତା ବାନାର୍ଜୀଙ୍କ ସରକାର ପୁତୁରା କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅଭିଯୋଗ କରିଥିଲେ। ତୃଣମୂଳ କଂଗ୍ରେସର ଡାଇମଣ୍ଡ ହାର୍ବର ଏମ୍‌ପି ଅଭିଷେକ ବାନାର୍ଜୀଙ୍କୁ ଲକ୍ଷ୍ୟ କରି ଶାହା ଏଭଳି କହିଥିଲେ। ଆଗାମୀ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦ ବାରମ୍ବାର ପଶ୍ଚିମବଙ୍ଗ ଗସ୍ତରେ ଆସୁଛନ୍ତି। ଶାହା ଦୁଇଦିନିଆ ଗସ୍ତରେ ଆସିବା କାର୍ଯ୍ୟକ୍ରମ ଥିଲେ ହେଁ କୃଷକ ଆନ୍ଦୋଳନ ଓ ଦିଲ୍ଲୀରେ ବିସ୍ଫୋରଣ ଯୋଗୁ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତକୁ ବାତିଲ କରିଦିଆଯାଇଥିଲା। ତାଙ୍କ ବଦଳରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରାଲିରେ ଯୋଗ ଦେଇଥିଲେ।



ନୂଆଦିଲ୍ଲୀରୁ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ରାଲିକୁ ସମ୍ବୋଧନ କରୁଛନ୍ତି ଅମିତ ଶାହା।

ବାମଦଳ ଶାସନଠାରୁ ବର୍ତ୍ତମାନର ପଶ୍ଚିମବଙ୍ଗ ସ୍ଥିତି ଆହୁରି ଖରାପ। ଇରାନୀ ରାଜ୍ୟର ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସରକାର ଦୁର୍ନୀତିରେ ଲିପ୍ତ ରହିଛି। ମହାମାରୀ ସମୟରେ କେନ୍ଦ୍ର ସରକାର ଦେଶର ୮୦ କୋଟି ଜନସାଧାରଣଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ଯୋଗାଇଥିଲେ। ପଶ୍ଚିମବଙ୍ଗର ଶାସକ ଦଳ ଏହି ରାଶନକୁ ହଡ଼ପ କରିଥିବା ସ୍ମୃତି ଅଭିଯୋଗ କରିଛନ୍ତି। ମମତାଙ୍କ ଦଳ ଅନ୍ତର୍ଦ୍ୱନ୍ଦ୍ୱକୁ ସମର୍ଥନ କରୁଛି ଏବଂ 'ଜୟ ଶ୍ରୀରାମ' ସ୍ଲୋଗାନକୁ ଅପମାନିତ କରୁଛି। ଏହି ଦଳରେ କେହି ରହିପାରିବେ ନାହିଁ ବୋଲି ଇରାନୀ କହିଥିଲେ। ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ରାମ ମନ୍ଦିର ନିର୍ମାଣ ହେବା ସହ ବେଙ୍ଗଲକୁ ରାମ ରାଜ୍ୟ ଖୁବ୍‌ଶୀଘ୍ର ଆସୁଛି ବୋଲି ସେ କହିଥିଲେ।

### ରାଶନ ଲୁଟିଛି ଟିଏମ୍‌ସି: ଇରାନୀ

ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଟିଏମ୍‌ସି ନେତା ରାଜୀବ ବାନାର୍ଜୀ, ବୈଶାଳୀ ଡାଲମିଆ, ପ୍ରବୀର ଘୋଷାଲ, ରାଠିନ୍ ଚକ୍ରବର୍ତ୍ତୀ ଏବଂ ରୁଦ୍ରନିଲ୍ ଘୋଷ ରାଲିରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗ ଭାଜପା ଉପସଭାପତି ମୁକୁଲ ରାୟ, ଦଳର ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ପ୍ରମୁଖ ଡୁମୁରଜାଲା ଷ୍ଟାଡିୟମ ରାଲିରେ ଉପସ୍ଥିତ ଥିଲେ। ପଶ୍ଚିମବଙ୍ଗରେ ଆମେ ଡବଲ୍ ଇଞ୍ଜିନ୍ ସରକାର ଚାହୁଁ ବୋଲି ରାଜୀବ ବାନାର୍ଜୀ କହିଥିଲେ। ସୋନାର ବାଙ୍ଗ୍‌ଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଆବଶ୍ୟକ। ଟିଏମ୍‌ସି ଏକ ଦଳ ନୁହେଁ ଏକ ଘରୋଇ ଲିମିଟେଡ କମ୍ପାନୀ। ଫେବୃୟାରୀ ୨୮ ବେଳକୁ ମମତାଙ୍କ ଦଳରେ କେହି ନେତା ନ ଥିବେ ବୋଲି ଭାଜପାରେ ଯୋଗଦେଇଥିବା ପୂର୍ବତନ ଟିଏମ୍‌ସି ନେତା ଶୁଭେନ୍ଦୁ ଅଧିକାରୀ କହିଥିଲେ। ଆଗାମୀ ଏପ୍ରିଲ-ମେ'ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପା କ୍ଷମତାକୁ ଆସିବା ଲାଗି ଜୋର୍‌ଦାର ପ୍ରଚାର ଚଳାଇଛି।

### ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇବାକୁ ଉଦ୍ୟମ ହେଉଛି: ଟିଏମ୍‌ସି

**କୋଲକାତା, ୩୧।୧:** ନିର୍ବାଚନରେ ଟିଏମ୍‌ସି ଜିତିଲେ ମମତା ବାନାର୍ଜୀ ତୃତୀୟ ଥର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେବେ। ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ଲାଗି ତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଭାଜପା ପ୍ରଚାର ଚଳାଇଥିବା ଟିଏମ୍‌ସି କହିଛି। ଆଗାମୀ ନିର୍ବାଚନ ଲାଗି ମମତା ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଟିଏମ୍‌ସି ଏମ୍‌ପି ତଥା ମୁଖପାତ୍ର ସୌଗତ ରାୟ କହିଛନ୍ତି।

# ତୃତୀୟକୁ ଉଠିଲା ହାଇଦ୍ରାବାଦ

ଭାସ୍କୋ, ୩୧।୧ (ପି.ଟି.)



ଇଣ୍ଡିଆନ୍ ସୁପରଲିଗ୍‌ରେ ରବିବାର ହାଇଦ୍ରାବାଦ ଏଫ୍‌ସି ଓ ଚେନ୍ନାଇନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସି ୨-୦ ଗୋଲରେ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରିଛି। ଏହାଦ୍ୱାରା ପ୍ଲେ-ଅଫ୍ ଯୋଗ୍ୟତା ପାଇଁ ଦଳ ନିଜ ସ୍ଥିତିକୁ ଅଧିକ ସୁଦୃଢ଼ କରିପାରିଛି। ଫ୍ରାନ୍ ସାଣ୍ଡାଜା (୨୮ତମ ମିନିଟ) ଓ ଜୋଏଲ ଚିଆନିଜ୍ (୮୨ତମ) ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ହାଇଦ୍ରାବାଦ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମ କ୍ୱାର୍ଟର ଖେଳରେ ହାଇଦ୍ରାବାଦ ଆକ୍ରମଣାତ୍ମକ ଖେଳିଥିଲା। ଅଧଘଣ୍ଟା ଖେଳ ପୂର୍ବରୁ ଦଳକୁ ସୁଯୋଗ ମିଳିଥିଲା। ସ୍ପାନିଶ ଖେଳାଳି ଜୋଆଓ ଭିକ୍ଟରଙ୍କଠାରୁ ଥ୍ରୋ-ଇନ୍ ବଲ୍ ପାଇ ସାଣ୍ଡାଜା ଗୋଲ ପୋଷ୍ଟ ଆଡକୁ ଅଗ୍ରସର ହୋଇଥିଲେ। ବିପକ୍ଷ ଦଳର ଦୀପକ ଟାଙ୍ଗ୍ରୀ ତାଙ୍କୁ ବାଧା ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସାଣ୍ଡାଜା କିନ୍ତୁ ତାଙ୍କ ଲକ୍ଷ୍ୟ ହାସଲ କରିଥିଲେ ଏବଂ ହାଇଦ୍ରାବାଦକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଗୋଲ ବରଣ ପରେ ଚେନ୍ନାଇନ ଦଳ କିଛି ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦୁର୍ବଳ ପାସିଂ ଯୋଗୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ଚେନ୍ନାଇନ ଦଳ ୨ଜଣ ଖେଳାଳିଙ୍କୁ ବଦଳ କରିଥିଲା। ଜର୍ମନପ୍ରୀତ ସିଂ ଓ ଥୋଇ ସିଂଙ୍କ ସ୍ଥାନରେ ଫାତ୍‌ଖୁଲୋଭ ଏବଂ ଏଡୱିନ ଭାନ୍ସପଲ ପଡ଼ିଆକୁ ଓହ୍ଲାଇଥିଲେ। ଏହା ଦ୍ୱାରା ଖେଳରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଦଳ ଅଧିକାଂଶ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିପାରିଥିଲା। ହେଲେ କୌଶଳ ଏବଂ ଫିନିଶିଂ ଅଭାବରୁ ଦଳ ଗୋଲ ଦେଇପାରି ନ ଥିଲା। ଅନ୍ୟପକ୍ଷରେ ଖେଳ ଶେଷ ହେବାକୁ ଆଉ ୧୦ ମିନିଟ ବାକି ରହିଥିବାବେଳେ ଚିଆନିଜ ଏକ ଗୋଲ ସ୍କୋର କରି ହାଇଦ୍ରାବାଦକୁ ୨-୦ରେ ବିଜୟୀ କରାଇଥିଲେ। ରବିବାର ଖେଳାଯାଇଥିବା ଲିଗ୍‌ର ଦ୍ୱିତୀୟ ମ୍ୟାଚରେ ଏଟିକେ ମୋହନବାଗାନ ୩-୨ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରୟ କ୍ରିଷ୍ଣା (୬୫ତମ ଓ ୮୭ତମ ମିନିଟ) ଦୁଇଟି ଏବଂ ମାର୍ସେଲିନୋ ଲିଟ୍ ପେରିରା (୫୯ତମ) ଗୋଟିଏ ଗୋଲ ସ୍କୋର କରିଥିଲେ। ବ୍ଲାଷ୍ଟର୍ସ ପକ୍ଷରୁ ଗ୍ୟାରି ହୁପର (୧୪ତମ) ଏବଂ କୋଷ୍ଟା ଏନ୍‌ହାମୋନିସୁ (୫୧ତମ) ଗୋଲ ଦେଇଥିଲେ।

# ବାର୍ସିଲୋନା ସହ ମେସିଙ୍କ ୫୫୫ ନିୟୁତ ୟୁରୋର ଚୁକ୍ତି

ବାର୍ସିଲୋନା, ୩୧।୧ (ଏପି)



ଲିଓନେଲ୍ ମେସି

ବାର୍ସିଲୋନା ଫୁଟ୍‌ବଲ କ୍ଲବ ଲିଓନେଲ ମେସିଙ୍କ ସହ ୪ଟି ସିଜନ୍ ପାଇଁ ୫୫୫ ନିୟୁତ ୟୁରୋ (୬୭୩ ନିୟୁତ ଆମେରିକୀୟ ଡଲାର) ମୂଲ୍ୟର ଏକ ଚୁକ୍ତି କରିଥିବା ଏକ ସ୍ପାନିଶ ଦୈନିକ ଖବରକାଗଜ ରିପୋର୍ଟରେ ପ୍ରକାଶ ପାଇଛି। କୌଣସି ଆଥଲେଟ୍ ପକ୍ଷେ ଏହା ସବୁଠାରୁ ଅଧିକ ମୂଲ୍ୟର ଚୁକ୍ତି ବୋଲି ଏହି ଖବରକାଗଜ ଦାବି କରିଛି। ମେସିଙ୍କୁ ଚୁକ୍ତି ରାଶିର ପ୍ରାୟ ଅଧା ସ୍ପେନରେ ଟିକସ ଭାବେ ଜମା କରିବାକୁ ହେବ। ପ୍ରକାଶିତ ରିପୋର୍ଟ ଅନୁସାରେ ୩୩ ବର୍ଷୀୟ ମେସି ଇତିମଧ୍ୟରେ ମୋଟ ଚୁକ୍ତି ପରିମାଣରୁ ୫୧୦ ନିୟୁତ ୟୁରୋ (୬୧୯ ନିୟୁତ ଆମେରିକୀୟ ଡଲାର) ପାଇ ସାରିଛନ୍ତି। ଚଳିତ ସିଜନ୍‌ରେ ମେସିଙ୍କ ଚୁକ୍ତି ମିଆଦ ପୂରିଯିବ। କରୋନା ଭାଇରସ ମହାମାରୀ ଯୋଗୁ ଋଣଭାର ବଢ଼ିଯାଇଥିବାରୁ ଏଥିରେ ସୁଧାର ଆଣିବା ଲାଗି ବାର୍ସିଲୋନା ପକ୍ଷରୁ ପ୍ରୟାସ ଚାଲିଥିବାବେଳେ ଏହି ରିପୋର୍ଟ ପ୍ରକାଶ ପାଇଛି। ଅକ୍ଟୋବରରେ କ୍ଲବ ସଭାପତି ଯୋଶେଫ ବାର୍ଟୋମେୟୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାରୁ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ଏକ କାମଚଳା ବୋର୍ଡ କ୍ଲବ ପରିଚାଳନା ଦାୟିତ୍ୱରେ ରହିଛି। ମାର୍ଚ୍ଚ ୭ରେ କ୍ଲବର ନୂଆ ସଭାପତି ନିର୍ବାଚନ ହେବ। ଏହି ଫୁଟ୍‌ବଲ କ୍ଲବକୁ ମେସି କିପରି ବର୍ଷ ବର୍ଷ ଧରି ଫାଇଦା ଦେଇ ଆସୁଛନ୍ତି ତାହା ମଧ୍ୟ ଖବରକାଗଜଟିରେ ପ୍ରକାଶ ପାଇଛି। ମେସିଙ୍କ ସହାୟତାରେ ବାର୍ସିଲୋନା ୩୦ରୁ ଅଧିକ ଟାଇଟଲ ଜିତିବାରେ ସଫଳ ହୋଇପାରିଛି। ବାର୍ସିଲୋନା ପାଇଁ ମେସି ପ୍ରାୟ ଦୁଇ ଦଶନ୍ଧି ଧରି ଖେଳି ଆସୁଛନ୍ତି। କ୍ଲବର ପରିଚାଳନାରେ ଅସନ୍ତୋଷ ପ୍ରକାଶ କରି ଗତ ସିଜନ୍ ଶେଷରେ ସେ କ୍ଲବ ଛାଡ଼ି ଚାଲିଯିବାକୁ ଚାହାନ୍ତି ବୋଲି କହିଥିଲେ। ମାତ୍ର ତାଙ୍କୁ ଅନୁମତି ନ ମିଳିବାରୁ ଚଳିତ ସିଜନ୍ ଶେଷରେ ଚୁକ୍ତି ମିଆଦ ପୂରଣ ହୋଇଯାଉଥିବାରୁ କ୍ଲବ ଛାଡ଼ି ଚାଲିଯିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଚୁକ୍ତି ସମ୍ପର୍କିତ ଗୋପନ ତଥ୍ୟ କିପରି ଲିକ୍ କଲା ସେ ନେଇ ବାର୍ସିଲୋନା ଉଦ୍‌ବେଗ ପ୍ରକାଶ କରିବା ସହ ସମ୍ପୃକ୍ତ ଖବରକାଗଜ ବିରୋଧରେ ମକଦ୍ଦମା କରିବା ଲାଗି କହିଛି। ମେସି ନିଜେ ଆଇନଗତ ପଦକ୍ଷେପ ନେବେ ବୋଲି କହିଛନ୍ତି।


ଭୁବନେଶ୍ୱରରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ନାମେଣ୍ଟରେ ଯୋଗଦେବା ପାଇଁ ରବିବାର ଓଡ଼ିଶା ଆସିଥିବା ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ଟେଷ୍ଟ ବ୍ୟାଟ୍ସମ୍ୟାନ୍ ହନୁମା ବିହାରୀ।

# ରାଇଜିଂ ଷ୍ଟୁଡେଣ୍ଟକୁ ହରାଇଲା ଚରମ୍ପା ଏକାଡେମୀ

ଯାଜପୁର ଟାଉନ, ୩୧।୧ (ଡିଏନଏ)


ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

**ଅଶୋକ ଦାସ ମେମୋରିଆଲ୍ କ୍ରିକେଟ**

ଯାଜପୁର ସହରସ୍ଥିତ ବାଳାଶ୍ରମ ପଡ଼ିଆରେ ୯ମ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ଯଯାତି କେଶରୀ ଦାସ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଭଦ୍ରକର ଚରମ୍ପା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଚରମ୍ପା ଏକାଡେମୀ ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୮.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୫୨ରନ କରିଥିଲା। ଦଳ ପକ୍ଷରୁ ଜ୍ୟୋତିରାଜ ମହାରଣା ୪୬ରନ (୪୦ବଲ୍) ଓ ଆକାଶ ପୋଦାର ୨୫ରନ (୨୨ବଲ୍) କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ବୋଲ୍‌ର ଶୁଭମ୍ ନାୟକ ୬ ଓଭର ବୋଲିଂ କରି ୩୦ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୨୩.୨ ଓଭରରେ ୧୦୦ ରନ କରି ଅଲ୍‌ଆଉଟ ହୋଇ ପରାଜିତ ହୋଇଥିଲେ। ଚରମ୍ପା ଏକାଡେମୀ ଦଳର ଆକାଶ ପୋଦାର ତାଙ୍କ ୬ ଓଭର ବୋଲିଂରେ ୧୪ରନ ଦେଇ ୨ ଉଇକେଟ ନେଇଥିଲେ। ଜିଲା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଉପ-ସଭାପତି ଅଭୟ ବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ତୁଷାରକାନ୍ତ ପରିଡ଼ା, ଲୋକନାଥ ବେହେରା, ମନୋଜ ସାହୁ, ଶୁଭାଶିଷ ରାଉତ, ସେକ୍ ଶାହାବୁଦ୍ଦିନ୍, ଆଶିଷ ମହାନ୍ତି, ବିଶ୍ୱଜିତ୍ ରଣା ପ୍ରମୁଖ ଖେଳ ପରିଚାଳନାରେ ସାହାଯ୍ୟ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ଆକାଶ ପୋଦାରଙ୍କୁ ବରିଷ୍ଠ କ୍ରିକେଟର ସଚ୍ଚିଦାନନ୍ଦ ଜେନା ପୁରସ୍କୃତ କରିଥିଲେ। ଓସିଏ ଅମ୍ପାୟର ଖଗେଶ୍ୱର ମଲ୍ଲିକ ଓ ସତ୍ୟ ରଥ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ ଓ ଜଗନ୍ନାଥ ସାମଲ ଦାୟିତ୍ୱ ତୁଲାଇଥିଲେ।

# ତାମିଲନାଡୁ ଚାମ୍ପିୟନ

**ଅହମ୍ମଦାବାଦ, ୩୧।୧ (ପି.ଟି.):** ବରୋଦାକୁ ୭ ଉଇକେଟରେ ପରାସ୍ତ କରି ତାମିଲନାଡୁ ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟ ଟାଇଟଲ ହାସଲ କରିଛି। ବରୋଦା ଦ୍ୱାରା ଧାର୍ଯ୍ୟ ୧୨୧ ରନର ବିଜୟ ଲକ୍ଷ୍ୟକୁ ତାମିଲନାଡୁ ୧୮ ଓଭରରେ ୩ ଉଇକେଟ ବିନିମୟରେ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ହରି ନିଶାନ୍ତ ୩୫, ଏନ୍. ଜଗଦିଶନ ୧୪, ଅଧିନାୟକ ଦିନେଶ କାର୍ତ୍ତିକ ୨୨ ରନ କରିଥିବାବେଳେ ବାବା ଅପରାଜିତ ୨୯ ଓ ଶାହାରୁଖ ଖାଁ ୧୮ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ଅତୀତ ସେଠ, ଲୁକ୍‌ମାନ ମେରିୱାଲା ଓ ବାବାଶାଫି ପଠାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ବାମହାତୀ ସ୍ପିନର ଏମ୍. ସିଦ୍ଧାର୍ଥ (୪/୨୦)ଙ୍କ ଯୋଗୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୨୦ରନ କରିବାରେ ସକ୍ଷମ ହୋଇପାରିଥିଲା। ଦଳ ଏକଦା ୩୬ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା।

## ସଂକ୍ଷିପ୍ତ ସ୍କୋର

**ବରୋଦା** : ୨୦ ଓଭରରେ ୧୨୦/୯ (ସୋଲାଙ୍କି-୪୯, ଅତୀତ ସେଠ୍-୨୯ ; ସିଦ୍ଧାର୍ଥ-୪/୨୦)।
**ତାମିଲନାଡୁ:** ୧୮ ଓଭରରେ ୧୨୩/୩ ( ନିଶାନ୍ତ-୩୫, ବାବା ଅପରାଜିତ-୨୯*, ଦୀନେଶ କାର୍ତ୍ତିକ-୨୨, ଶାହାରୁଖ ଖାଁ-୧୮*, ଅତୀତ-୧/୨୦)।

# ଓଓଏ ବୈଠକରେ ବଜେଟ ଉପସ୍ଥାପନ



ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୩୧।୧ (ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଏ)ର ମିଟିଂ ହଲ୍‌ରେ ରବିବାର ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଉପସଭାପତି କମଳାକାନ୍ତ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଅଭିଜିତ ପଲ୍, ଉପସଭାପତିଗଣ ଯଥା ଜଗମୋହନ ପଟ୍ଟନାୟକ, ପ୍ରତାପ ଶତପଥୀ ଓ କିଶୋର କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଅଧୀପ ଦାସଙ୍କ ସମେତ ରାଜ୍ୟ ଯୁବସେବା ଓ କ୍ରୀଡ଼ା ନିର୍ଦ୍ଦେଶକ ଏବଂ ବିଭିନ୍ନ ଜିଲା ଓ ରାଜ୍ୟ ଆସୋସିଏଶନଗୁଡ଼ିକର ସମ୍ପାଦକମାନେ ଉପସ୍ଥିତ ଥିଲେ। ବୈଠକରେ ୨୦୨୦-୨୧ ବର୍ଷ ପାଇଁ ବଜେଟ ଉପସ୍ଥାପନ କରାଯାଇଥିଲା। ଏଥିରେ ଆୟର ପରିମାଣ ୨,୯୩, ୬୦, ୬୧୦ ଟଙ୍କା ଏବଂ ବ୍ୟୟର ପରିମାଣ ୨, ୯୦, ୫୩, ୯୧୮ ଟଙ୍କା ଏବଂ ବଳକା ପରିମାଣ ୩,୦୬, ୬୯୨ ଟଙ୍କା ଦର୍ଶାଯାଇଥିଲା। ଏହା ଗୃହୀତ ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ଏସ୍.ଆର୍. ପରିଜା ଓଡ଼ିଶା ଅଲିମ୍ପିକ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ଏଥର ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସେ କହିଥିଲେ। ସମସ୍ତଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ। ଶେଷରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏବଂ ଭାରତୀୟ ଭଲିବଲ ମହାସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନର ଉପସଭାପତି କିଶୋର କୁମାର ବିଶ୍ୱାଳ ଭୋଟ ଅଫ୍ ଥ୍ୟାଙ୍କ୍ସ ପ୍ରଦାନ କରିଥିଲେ।

# ଓସିଏର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ପରଲୋକ ଗମନ କରିଥିବା ଜି. ଶ୍ୟାମଲ ରାଓ, ସରଦେନ୍ଦୁ ମିଶ୍ର ଓ ଶାନ୍ତନୁ ଶତପଥୀଙ୍କ ସ୍ମୃତିରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ଶୁଭାଶିଷ ସେନାପତି ଏବଂ ଅନୁବନ୍ଧିତ ଅନ୍ୟ ୟୁନିଟ ଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟକ୍ରମରେ ସଭାପତି କିମ୍ବା ସମ୍ପାଦକ ପ୍ରତିନିଧିଭାବେ ଯୋଗଦେବେ ବୋଲି ନିଷ୍ପତ୍ତି ନିଆ ଯାଇଥିଲା।


ସମ୍ବର୍ଦ୍ଧିତ ହେବା ଅବସରରେ ଆର୍ଯ୍ୟନ ବ୍ରାହ୍ମିନ।

# ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ରବିବାର ଟୁର୍-ଡି-ଏକାମ୍ର ସାଇକେଲଥନ୍ ଅବସରରେ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଆର୍ଯ୍ୟନ ହ୍ୟାଣ୍ଡବଲ କ୍ରୀଡ଼ାରେ ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ସେ ୨୦୧୮ରେ ୧୮ ବର୍ଷରୁ କମ୍ ବାଳକ ବିଭାଗ ଭାରତୀୟ ଦଳରେ ସାମିଲ ହୋଇ ଲଣ୍ଡନ ଗସ୍ତ କରିଥିବାବେଳେ ୨୦୧୯ ଏପ୍ରିଲରେ ସ୍ପେନ, ୨୦୧୯ ଜୁଲାଇରେ ସ୍ୱିଡେନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଏହା ବ୍ୟତୀତ ଆର୍ଯ୍ୟନ ସେହିବର୍ଷ ସେପ୍ଟେମ୍ବରରେ ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ସିନିୟର ବର୍ଗ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଭାଗନେଇ ରୌପ୍ୟ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ଥିଲେ।

# ସହିଦନଗର ପ୍ରିମିୟର ଲିଗ୍ ଶେଷ



ଚାମ୍ପିୟନ ଭିଡଲ ଇଲେଭେନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୩୧।୧ (ସ୍ପୋର୍ଟ୍ସ ବ୍ୟୁରୋ)

**ରୟାଲ କ୍ଲବ, ଭିଡ୍‌ଲ ଇଲେଭେନ ଚାମ୍ପିୟନ**

ସହିଦ ନଗରସ୍ଥିତ ୱିନର ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶହୀଦନଗର ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ରିକେଟ ପଡ଼ିଆରେ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଅଞ୍ଚଳର ୪ଟି ବସ୍ତିର ଖେଳାଳିଙ୍କୁ ନେଇ ଗଠିତ ୪ଟି ଦଳ ଭାଗ ନେଇଥିଲେ। ସେଗୁଡ଼ିକ ହେଲା ସାଇ ୱାରିୟର୍ସ, ମା' ସନ୍ତୋଷୀ ୟୁଥ୍ କ୍ଲବ, ବିର୍ସା କ୍ଲବ ଓ ରୟାଲ କ୍ଲବ। ଏଥିରେ ରୟାଲ କ୍ଲବ ଚାମ୍ପିୟନ ଏବଂ ବିର୍ସା ରନର୍ସ ଅପ୍ ହୋଇଥିଲା। ରବିବାର ଦ୍ୱିତୀୟ ଦିବସରେ ସହିଦନଗର ଗ୍ୟାରେଜ ଆସୋସିଏଶନର ସମସ୍ତ ସଦସ୍ୟଙ୍କୁ ନେଇ ଗଠିତ ୪ଟି ଦଳ ଇ ଏଲ୍ ଏଫ୍ ଷ୍ଟାର, ଭିଡ୍‌ଲ ଇଲେଭେନ, ଭଲୋଲିନ ରାଇଜର୍ସ ଏବଂ ଟିମ୍ ଏସ୍କର୍ଟ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭିଡ୍‌ଲ ଇଲେଭେନ ଚାମ୍ପିୟନ ଏବଂ ଭଲୋଲିନ୍ ରାଇଜର୍ସ ରନର୍ସଅପ୍ ହୋଇଥିଲେ। ଏହି ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଉତ୍ସବରେ ଓଲିଉଡ୍ ଅଭିନେତା ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

# ଓଡ଼ିଆ ମେଗା ସିରିୟଲ କ୍ରିକେଟ ଲିଗ୍ ଉଦ୍‌ଯାପିତ

- ଜୀବନସାଥୀ ଟିମ୍ ଚାମ୍ପିୟନ
- ଟିକୁ ସାମଲ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଅମିତ କୁମାର ଶ୍ରେଷ୍ଠ ବୋଲର

ଭୁବନେଶ୍ୱର, ୩୧।୧ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ 'ଓଡ଼ିଆ ମେଗା ସିରିୟଲ୍ କ୍ରିକେଟ୍ ଲିଗ୍' ରବିବାର ଉଦ୍‌ଯାପିତ ହୋଇଛି। ଆମେ ବି ପ୍ଲସ୍ ପ୍ରାୟୋଜିତ ଏହି ଦ୍ୱିଦିବସୀୟ ପ୍ରତିଯୋଗିତାରେ 'ଜୀବନସାଥୀ' ଟିମ୍ ଚାମ୍ପିୟନ୍ ହୋଇଥିବା ବେଳେ 'ମୋ ଦେହେ ବୋଳିଦେ ତୋ ଦେହ କଳା' ଟିମ୍ ରନର୍ସ ଅପ୍ ହୋଇଛି। ଟିକୁ ସାମଲ (ମୋ ଦେହେ ବୋଳିଦେ ତୋ ଦେହ କଳା) ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଓ ଅମିତକୁମାର (ଜୀବନସାଥୀ) ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। 'ଜୀବନସାଥୀ' ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୬ ରନ୍ କରିଥିଲା। ଜବାବରେ 'ମୋ ଦେହେ ବୋଳିଦେ ତୋ ଦେହ କଳା' ଟିମ୍ ୬ ଉଇକେଟ୍ ହରାଇ ୮୨ ରନ୍‌ରେ ସୀମିତ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମାପ୍ରସାଦ ମିଶ୍ର, ଶ୍ରୀଜିତ୍ ଶତପଥୀ, ଦ୍ୱିପାୟନ ମଜୁମଦାର, ରତିକାନ୍ତ ଶତପଥୀ, ଗାର୍ଗୀ ମହାନ୍ତି, ବସନ୍ତ ସାହୁ, ଅନୁକୂଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ଆୟୋଜନ କରିବାରେ ବରଦାପ୍ରସନ୍ନ ପାତ୍ର, ଅଜୟ ସିଂ, ଅମିତ୍ କୁମାର ଓ ସାରଦା ପ୍ରସନ୍ନ ପାତ୍ର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।



ଚାମ୍ପିୟନ ଜୀବନସାଥୀ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।



କିଛି ସପ୍ତାହ ପୂର୍ବରୁ ରାକ୍ଷୀ ସାୱନ୍ତ ବିଗ ବସ୍‌ରେ ରୁବିନା ଦିଲାଇଙ୍କ ସ୍ୱାମୀ ତଥା ଅଭିନେତା ଅଭିନବ ଶୁକ୍ଳାଙ୍କ ସହ ପ୍ରେମ ଆରମ୍ଭ କରିଥିଲେ। ଯାହାକୁ ଅଭିନବ ଏବଂ ରୁବିନା ପସନ୍ଦ କରି ନ ଥିଲେ। ନିକଟରେ ଅଭିନବ ରାକ୍ଷୀଙ୍କ ଉପରେ ରାଗି ଘରକୁ ଯିବାକୁ ବାହାରିଥିଲେ। ଏହା ପରେ ବିଗ୍‌ବସ୍ ହୋଷ୍ଟ ସଲମାନ ଖାନ ଅଭିନବଙ୍କୁ ମନାଇବା ପରିବର୍ତ୍ତେ ରାକ୍ଷୀଙ୍କୁ ସମର୍ଥନ କରିଛନ୍ତି। ଏଥିଯୋଗୁ ସଲମାନଙ୍କୁ ଟ୍ରୋଲର ଶିକାର ହେବାକୁ ପଡ଼ିଛି।

# ବଢ଼ୁଛି 'ବ୍ଲୁ ରାଇସ୍' କ୍ରେଜ୍

**ଭାରତରେ ଚାଉଳ ଏବଂ ଏଥିରୁ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନର ଚାହିଦା କାହିଁରେ କେତେ। ବିରିୟାନି, ପଲଉ, ବ୍ରାଉନ୍ ରାଇସ୍‌କୁ ନେଇ ସବୁବର୍ଗ ମଧ୍ୟରେ ରହିଛି କ୍ରେଜ୍। କେଶରିଆ ପଲଉ, ତ୍ରିରଙ୍ଗା ପଲଉ ଭଳି ବ୍ୟଞ୍ଜନ ବେଶ୍ ପ୍ରସିଦ୍ଧ। ତେବେ କିଛିଦିନ ହେଲା ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି 'ବ୍ଲୁ ରାଇସ୍'।**



**ନୂଆଦିଲ୍ଲୀ:** ସୁସ୍ୱାଦୁ ବିରିୟାନି, ଖେଚୁଡ଼ି ଏବଂ ପଲଉ ପ୍ରସ୍ତୁତ କରି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଭାରତରେ ଏବେ 'ବ୍ଲୁ ରାଇସ୍'କୁ ନେଇ ଚର୍ଚ୍ଚା। ସେମିତିରେ ଭାରତରେ ପ୍ରାୟ ସବୁ ରାଜ୍ୟରେ ଭାତ ଖିଆଯାଏ। ଓଡ଼ିଶାରେ ଭାତ ସହିତ ଡାଲି, ଦକ୍ଷିଣ ଭାରତରେ ଭାତ ସହିତ ସମ୍ବର, ପଶ୍ଚିମବଙ୍ଗରେ ଭାତ ସହିତ ମାଛ ପରଷା ଯାଇଥାଏ। ଏହାକୁ ବାଦ୍‌ଦେଲେ ଚାଉଳରୁ ପ୍ରସ୍ତୁତ ଖିରି ବି ପର୍ବପର୍ବାଣି, ଭୋଜିଭାତରେ ଏକ ପ୍ରମୁଖ ବ୍ୟଞ୍ଜନ ଭାବେ ପରିଗଣିତ। ତେବେ କିଛି ଦିନ ହେଲା ସୋସିଆଲ ମିଡିଆରେ ଭାଇରାଲ ହେଉଛି 'ବ୍ଲୁ ରାଇସ୍', ଯାହା ବିଷୟରେ ଜାଣିବାକୁ ସମସ୍ତଙ୍କ ଭିତରେ ଉତ୍କଣ୍ଠା ସୃଷ୍ଟି ହୋଇଛି। ଥାଇଲାଣ୍ଡ ଏବଂ ମାଲେସିଆରେ 'ବ୍ଲୁ ରାଇସ୍' ଏକ ଲୋକପ୍ରିୟ ଖାଦ୍ୟ। ସେଠାରେ ଏହି ଡିଶ୍ 'ନାସି କେରାବୁ' ନାମରେ ପରିଚିତ। ଏହାକୁ ଭଜା ମାଛ, ଫ୍ରାଏଡ୍ ଚିକେନ, ସାଲାଡ, ଆଚାର ସହିତ ବଡ଼ ଉତ୍ସାହର ସହ ଖିଆଯାଇଥାଏ। ଏବେ ଏହି ବ୍ୟଞ୍ଜନ 'ବ୍ଲୁ ରାଇସ୍' ନାମରେ ଭାରତୀୟ ବଜାରରେ ପ୍ରବେଶ କରିଛି।

'ବ୍ଲୁ ରାଇସ୍'ର ନୀଳ ରଙ୍ଗ ପ୍ରାକୃତିକ ନା କୃତ୍ରିମ, ତାହାକୁ ନେଇ ଏବେ ବିଭିନ୍ନ ବର୍ଗରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହା ସମ୍ପୂର୍ଣ୍ଣ ପ୍ରାକୃତିକ। ଏହା ମଧ୍ୟ ସାଧାରଣ ଏକ ଚାଉଳରୁ ପ୍ରସ୍ତୁତ ଡିଶ୍। ତେବେ ଏହାକୁ ପ୍ରସ୍ତୁତ କରିବା ସମୟରେ ଏଥିରେ ଅପରାଜିତା ଫୁଲ ଏବଂ ପତ୍ର ପକାଯାଇଥାଏ। ଫଳରେ ଭାତ ରଙ୍ଗ ନୀଳ ହୋଇଯାଇ ଆକର୍ଷଣୀୟ ଦେଖାଯାଏ। ମୁମ୍ବାଇ ସମେତ ଦେଶର ବଡ଼ ବଡ଼ ସହରରେ ଥିବା ରେଷ୍ଟୁରାଣ୍ଟ ମେନୁରେ 'ବ୍ଲୁ ରାଇସ୍'କୁ ସାମିଲ କରାଯାଇଛି।

ଭାରତରେ ଅନେକ ବିଦେଶୀ ଡିଶ୍‌କୁ ଦେଶୀ ଛୁଙ୍କ ଦେଇ ପରିବେଷଣ କରାଯାଇଥାଏ। ସେହିପରି 'ବ୍ଲୁ ରାଇସ୍'କୁ ଲୋକଙ୍କ ଚାହିଦା ଅନୁଯାୟୀ ଭିନ୍ନ ଭିନ୍ନ ଭାବେ ଅନ୍ୟ ବ୍ୟଞ୍ଜନ ସହିତ ପରଷାଯାଉଛି। ଅପରପକ୍ଷେ ଏଭଳି ନିଆରା ରଙ୍ଗର ଭାତ ପ୍ରସ୍ତୁତ କରିବା ଲାଗି ଯସ୍ମିନ୍ ଚାଉଳକୁ ଉପଯୁକ୍ତ ମନେ କରାଯାଉଛି। ଏହି ଲମ୍ବା ଚାଉଳ ମୂଳତଃ ଥାଇଲାଣ୍ଡରେ ଉତ୍ପାଦନ କରାଯାଇଥାଏ। ଏହି ଡିଶ୍ ପ୍ରସ୍ତୁତ କରୁଥିବା ଶେଫ୍ ତରୁଣ ଶିବଲ୍ କୁହନ୍ତି, ଏସିଆର ଯେକୌଣସି ତରକାରି ସହିତ ଏହାକୁ ଭୋଜନ କରାଯାଇପାରିବ। ଭାରତର କଳା ଚାଉଳରୁ ପ୍ରସ୍ତୁତ ଭାତ ଯେପରି ଡାଇବେଟିସ୍ ରୋଗୀଙ୍କ ପାଇଁ ମହୌଷଧି ସେହିପରି ଯସ୍ମିନ୍ ଚାଉଳରୁ ପ୍ରସ୍ତୁତ 'ବ୍ଲୁ ରାଇସ୍' କ୍ୟାନ୍‌ସର ରୋଗୀଙ୍କ ପାଇଁ ରାମବାଣ ବୋଲି କୁହାଯାଉଛି।

## ଇନ୍‌ଷ୍ଟାରେ ଶେୟାର କରିଛନ୍ତି ଜ୍ୟାକ୍‌ଲିନ୍

ସୋସିଆଲ ମିଡିଆ 'ଇନ୍‌ଷ୍ଟାଗ୍ରାମ୍'ରେ 'ବ୍ଲୁ ରାଇସ୍' କ୍ରେଜ୍ ଦେଖିବାକୁ ମିଳିଛି। କିଛିଦିନ ତଳେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ନିଜ ଆକାଉଣ୍ଟରେ ଏହି ଡିଶ୍‌କୁ ଶେୟାର କରିଥିଲେ। ସେ 'ବ୍ଲୁ ରାଇସ୍'କୁ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଏହା ପରେ ଏହି ବ୍ୟଞ୍ଜନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଖାଦ୍ୟ ପ୍ରସ୍ତୁତ କରିବାର ଶୈଳୀ ବିଷୟରେ ଜାଣିବା ଲାଗି ଅନେକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

ବିବାହ ଉପଲକ୍ଷେ ଶୁଭେଚ୍ଛା



ଦିଲୁ ସହିତ ଲିପି
ମହାନ୍ତି ଲେନ୍, କଲ୍ୟାଣୀନଗର, କଟକ, ଓଡ଼ିଶା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
—:ଶୁଭେଚ୍ଛା ସହ:—
ବି.ଏନ୍. ଦାସ
ଧ-୧୯୮୧୦

## ପାଣିରେ ଚାଲିବ ବାଇକ୍

**ନୂଆଦିଲ୍ଲୀ:** ଯଶ୍ ନାମକ ଜଣେ ଯୁକ୍ତ ୨ ଛାତ୍ର ଏବଂ ତାଙ୍କର ୪ ସାଙ୍ଗ ମିଶି ଏକ କିଟ୍ ନିର୍ମାଣ କରିଛନ୍ତି ଯାହା ଦ୍ୱାରା ବାଇକ୍ ପାଣିରେ ଚାଲିପାରିବ। ପାଣିରୁ ହାଇଡ୍ରୋଜେନ ଏବଂ ଅକ୍ସିଜେନକୁ ଅଲଗା କରି ଏମିତି ଏକ କିଟ୍ ପ୍ରସ୍ତୁତ କରାଯାଇଥିବା ଯଶ୍ କହିଛନ୍ତି। ମାତ୍ର ୩୦ ଟଙ୍କାରେ ଏହି ବାଇକ୍ ୧୦୦କିମି ଦୌଡ଼ିପାରିବ। ମନ୍ଦାର କଲ୍ଲେ, ମହେଶ ଘାଟେ, ଶାନ୍ତନୁ ଝକାଡ ଏବଂ ଅଭିଜିତ୍ ଡାମରେ ମଧ୍ୟ ଏଥିରେ ସାମିଲ ଅଛନ୍ତି। କିଟ୍ ପାଇଁ ସେମାନେ ପୁରୁଣା ବାଇକ୍‌ର ଇଞ୍ଜିନକୁ ନବୀକରଣ କରିଛନ୍ତି। ଖାର ପାଣିରୁ ହାଇଡ୍ରୋଜେନକୁ ଅଲଗା କରି ଏହାକୁ ପିଷ୍ଟନ ଦହନ ପାଇଁ ବ୍ୟବହାର କରିଛନ୍ତି।

# ନୋରାଙ୍କ ଦେଶୀ ଅବତାର



**ମୁମ୍ବାଇ:** ନୋରା ଫତେହିଙ୍କ ଡ୍ୟାନ୍ସ ଦେଖିବାକୁ ପାଗଳ ପ୍ରାୟ ତାଙ୍କ ପ୍ରଶଂସକ। ତାଙ୍କ ଫ୍ୟାଶନ ସେନ୍ସରେ ମତୁଆଲା ଯୁବବର୍ଗ। ସୋସିଆଲ ମିଡିଆରେ ବି ତାଙ୍କର ମିଲିୟନ ସଂଖ୍ୟାରେ ଫଲୋୟର୍ସ। ଏହି ଡ୍ୟାନ୍ସ କୁଇନଙ୍କୁ ଏବେ ଏକ ନୂଆ ମ୍ୟୁଜିକ ଭିଡିଓରେ ଦେଖିବାକୁ ପାଇବେ ଦର୍ଶକ। ଭିଡିଓର ଫାଷ୍ଟଲୁକ ସାମ୍ନାକୁ ଆସିଛି। ଏହାର ଟ୍ରାକ ରହିଛି 'ଛୋଡ ଦେଙ୍ଗେ'। ଏଥିରେ ନୋରାଙ୍କ ଦେଶୀ ଅବତାର ଦେଖିବାକୁ ମିଳିଛି। ନୋରା ଏହାର ଫାଷ୍ଟ ଲୁକ୍‌କୁ ନିଜ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଯେଉଁଥିରେ ସେ ଏକ 'ବଞ୍ଜାରନ' ଭାବେ ନଜର ଆସୁଛନ୍ତି। ଖୋଲା ଲମ୍ବା କେଶ ସାଙ୍ଗକୁ ଲେହେଙ୍ଗାରେ ଆହୁରି ସୁନ୍ଦର ଲାଗୁଛନ୍ତି ନୋରା। ମୋଶନ ପୋଷ୍ଟରେ ତାଙ୍କର ଲୁକ୍‌ସ ପ୍ରଶଂସକଙ୍କୁ ଦିୱାନା କରିଛି।

ଏହି ପୋଷ୍ଟ ଶେୟାର କରି ନୋରା ଲେଖିଛନ୍ତି 'ବଦଲା ୪ ଫେବୃୟାରୀ କୋ ଲିୟା ଯାଏଗା'। ଏଥିରେ ନୋରା ଏକ ଆଖି ଝଲସିବା ଭଳି ଲାଲ ଶାଢ଼ି ପିନ୍ଧି ଅଭିନେତା ଇହାନ ଭଟ୍ଟଙ୍କ ନିକଟରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଏହା ୪ ଫେବୃୟାରୀରେ ରିଲିଜ ହେବ। ଆକ୍ଟ୍ରେସଙ୍କ ଏହି ଲୁକ ଦେଖି ବହୁ ସଂଖ୍ୟାରେ ଫ୍ୟାନ୍ସ ନୋରାଙ୍କର ପ୍ରଶଂସା ବି କରିଛନ୍ତି। ଏହାପୂର୍ବରୁ ବି ନୋରା ଦେଶୀ ଲୁକ୍‌ରେ ନଜର ଆସିଛନ୍ତି। ଶାଢ଼ୀରେ ତାଙ୍କର ଡ୍ୟାନ୍ସ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି।

# ମ୍ୟୁଜିୟମ ବଖାଣିବ ଡକାୟତଙ୍କ କାହାଣୀ




**ଭୋପାଳ:** 'ଭିହଡ ମେଁ ବାଗୀ ହୋତେ ହୈ, ଡାକୁ ମିଲ୍‌ତେ ହୈ ପାର୍ଲାମେଣ୍ଟ ମେଁ'। ବଲିଉଡ୍‌ର ଅନ୍ୟତମ ରିୟଲ ଲାଇଫ୍ ଫିଲ୍ମ 'ପାନ୍ ସିଂ ତୋମାର'ରେ ଦିବଂଗତ ଅଭିନେତା ଇର୍ଫାନ୍ ଖାନ୍‌ଙ୍କ ଏହି ଡାଏଲଗ୍‌କୁ ନେଇ ସରଗରମ ହେଇଥିଲା ପାୱାର କରିଡର। ଚମ୍ବଲ ଉପତ୍ୟକାରେ ଆଉ ଡକାୟତ ଭୟ ନାହିଁ। ମୁଖ୍ୟସ୍ରୋତକୁ ଫେରି ଆସିଲେଣି ଅଧିକାଂଶ ଡକାୟତ। ତଥାପି ନବେ ଦଶକର ଭୟର ଉପତ୍ୟକା ଚମ୍ବଲରେ ପୋଲିସ-ଡକାୟତଙ୍କ ଛକାପଞ୍ଝାର କାହାଣୀ ଆଜି ବି ଉଦାହରଣ ହୋଇ ରହିଛି। 'ହିଂସା କେବେ ବି ସମାଧାନର ପନ୍ଥା ହୋଇପାରିବନାହିଁ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନର ବାଟ ବାହାରିବ'। ଏହି ଉକ୍ତିକୁ ଜନମାନସରେ ପରିଚିତ କରାଇବାକୁ ମଧ୍ୟପ୍ରଦେଶ ରାଜ୍ୟ ଭିଣ୍ଡ୍ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଡକାୟତଙ୍କ ଜୀବନକାହାଣୀକୁ ନେଇ ପରିକଳ୍ପନା କରାଯାଇଛି ଏକ ମ୍ୟୁଜିୟମ୍। ଏକଦା ଚମ୍ବଲ ଉପତ୍ୟକାରେ ରାଜ୍ କରୁଥିବା କୁଖ୍ୟାତ ଡକାୟତ ପାନ୍ ସିଂ ତୋମାର, ବ୍ୟାଣ୍ଡେଡ୍ କୁଇନ୍ ଫୁଲନ୍ ଦେବୀ, ନିର୍ଭୟ ସିଂ ଗୁଜ୍ଜର, ଜଗଜୀବନ ପରିହର ଏବଂ ମାନ ସିଂଙ୍କ କାହାଣୀ ବଖାଣିବ ଏହି ମ୍ୟୁଜିୟମ। ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି, ଯାହା ଭାରତ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ଆସନ୍ତା ମାସରେ ଏହି ମ୍ୟୁଜିୟମ ଲୋକଙ୍କ ଲାଗି ଖୋଲିବ ବୋଲି ଜଣାପଡ଼ିଛି।

ଚମ୍ବଲରେ ଆଉନାହାନ୍ତି ଡକାୟତ। ତେବେ ଡକାୟତଙ୍କୁ କିଭଳି ଦମନ କରାଯାଇଥିଲା ତାହାର ଏକ ଦୀର୍ଘ ଇତିହାସ ରହିଛି। ଏହାକୁ ଲୋକଲୋଚନକୁ ଆଣିବାକୁ ଭିଣ୍ଡ୍ ଜିଲା ପୋଲିସ ସହାୟତାରେ ଏଭଳି ଏକ ମ୍ୟୁଜିୟମର ପରିକଳ୍ପନା କରାଯାଇଥିଲା। ଏଥିଲାଗି ପୋଲିସ ପଦାଧିକାରୀମାନେ ନିଜ ପକେଟରୁ କରିଥିଲେ ଆର୍ଥିକ ସହାୟତା। ଭିଣ୍ଡ୍‌ର ମେହଗାଁବ ଥାନାର ପୁରୁଣା କୋଠାକୁ ମ୍ୟୁଜିୟମ ରୂପ ଦିଆଯାଉଛି। ଏଠାରେ ଏନ୍‌କାଉଣ୍ଟର ପରେ ନିହତ ହୋଇଥିବା ଡକାୟତଙ୍କ କାହାଣୀ, ସେମାନଙ୍କଠାରୁ ଜବତ ହୋଇଥିବା ମାରଣାସ୍ତ୍ର, ଆତ୍ମସମର୍ପଣ କରିଥିବା ଦସ୍ୟୁଙ୍କ ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ ହେବ। କେବଳ ଏତିକି ନୁହେଁ, ଡକାୟତଙ୍କ ସହ ମୁହାଁମୁହିଁ ବେଳେ ଶହୀଦ ହୋଇଥିବା ୪୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କ ମେଡାଲ, ଫଟୋ, ବୀରତ୍ୱର କାହାଣୀ ଏବଂ ସେ ସମ୍ପର୍କିତ ଡକ୍ୟୁମେଣ୍ଟାରି ଦର୍ଶକ ଦେଖିପାରିବେ।

ଏ ସଂକ୍ରାନ୍ତରେ ସୂଚନା ଦେଇ ଏସ୍‌ପି ମନୋଜ କୁମାର ସିଂ କୁହନ୍ତି, ଚମ୍ବଲ ଡକାୟତଙ୍କ ପାଇଁ ଭିଣ୍ଡ୍ ଜିଲାରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲା। ବହୁ କଷ୍ଟରେ ଡକାୟତଙ୍କୁ ଦମନ କରାଯାଇପାରିଛି। ତଥାପି ଆଜି ବି ଭିଣ୍ଡ୍‌କୁ ନେଇ ଲୋକଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ରହିଛି। ଏହାକୁ ବଦଳାଇବା ଏବଂ ହିଂସାର ପରିଣତି ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏଭଳି ଏକ ମ୍ୟୁଜିୟମ କରିବାକୁ ଯୋଜନା କରାଯାଇଥିବା ଏସ୍‌ପି କହିଛନ୍ତି।

## ଦେଖାଗଲା ବିରଳ ପେଚା



**ନ୍ୟୁୟର୍କ:** ନ୍ୟୁୟର୍କର ସେଣ୍ଟ୍ରାଲ ପାର୍କରେ ୨୯ ତାରିଖରେ ଏକ ବିରଳ ପେଚା ଦେଖାଯାଇଛି। ଦୀର୍ଘ ୧୩୦ ବର୍ଷ ପରେ ଏହି ଧଳାରଙ୍ଗର ପେଚା ଦେଖିବାକୁ ଲୋକଙ୍କ ମଧ୍ୟରେ ବେଶ୍ କୌତୂହଳ ପ୍ରକାଶ ପାଇଛି। ଲୋକେ ଏହାର ଫଟୋ ଉଠାଇବା ସହ ଭିଡିଓ କରି ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ମ୍ୟାନହାଟନ ବାର୍ଡ ଆର୍ଲଟ ଟୁଇଟର୍ ପେଜରେ ପେଚାର ଫଟୋଟି ଶେୟାର କରାଯାଇଛି। ଏଥିରେ କ୍ୟାପଶନ ଲେଖାଯାଇଛି, ସେଣ୍ଟ୍ରାଲ ପାର୍କରେ ଏହି ଦୁର୍ଲଭ ପେଚା ଦେଖିବାକୁ ମିଳିଛି। ୩୦ ସେକେଣ୍ଡର ଏହି ଭିଡିଓରେ ପେଚାଟି କିପରି କାଉଗୁଡ଼ିକଙ୍କ ସହ ମଜା କରୁଛି ତାହା ନଜର ଆସିଛି। ଏହି ପେଚାର ଶରୀର ବରଫ ପରି ଧଳା, କଳା ଏବଂ ଧୂସରିଆ ରଙ୍ଗର ହୋଇଥାଏ। ପେଚା ଦିନରେ ଶୋଇଥାଏ। ରାତିରେ ଶିକାର ପାଇଁ ବାହାରେ। ଏହା ବର୍ଷରେ ଥରେ ପ୍ରଜନନ କରିବା ପାଇଁ ଯାଇଥାଏ। ଏହିପେଚାର ସ୍ୱର ପ୍ରାୟ ୧୧ କିଲୋମିଟର ପର୍ଯ୍ୟନ୍ତ ଶୁଣିବାକୁ ମିଳେ। ମାଇ ଧଳାପେଚାର ଶବ୍ଦ ଏହାଠାରୁ ଆହୁରି ଅଧିକ ବାଟ ଯାଇଥାଏ।

## କାର୍ଟୁନରେ ସଡ଼କ ସୁରକ୍ଷା ସଚେତନତା

**ଶ୍ରୀନଗର:** ବ୍ୟଙ୍ଗ କଥା କି ବ୍ୟଙ୍ଗ କବିତା ଭଳି କାର୍ଟୁନର ଆକର୍ଷଣ ସ୍ୱତନ୍ତ୍ର। ଆଉ ଏହି କାର୍ଟୁନ ମାଧ୍ୟମରେ ସଡ଼କ ସୁରକ୍ଷାର କଥା କହିଛନ୍ତି କଳାକାର। ଜମ୍ମୁକଶ୍ମୀରରେ ଆୟୋଜିତ ହୋଇଛି ଅନ୍ତର୍ଜାତୀୟ କାର୍ଟୁନ ପ୍ରଦର୍ଶନୀ। ୩୯ଟି ଦେଶର କାର୍ଟୁନିଷ୍ଟମାନେ ଏହି ପ୍ରଦର୍ଶନୀରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେମାନେ ଏହି ପ୍ରଦର୍ଶନୀରେ ୨୫୦ଟି କାର୍ଟୁନ ପ୍ରଦର୍ଶନ କରିଛନ୍ତି। କଳାକେନ୍ଦ୍ର ପକ୍ଷରୁ ଇଣ୍ଡିଆନ କାଉନ୍‌ସିଲ୍ ଫର କଲଚରାଲ୍ ରିଲେସନ୍ (ଆଇସିସିଆର) ଏହି ପ୍ରଦର୍ଶନୀ ଆୟୋଜନ କରିଛି। ମୋଟ ୧୫୦ ଜଣ ଆର୍ଟିଷ୍ଟ ଏଥିରେ ବିଭିନ୍ନ ପ୍ରକାରର କ୍ରିଏଟିଭ୍ ଥିମ୍ ନେଇ ଚିତ୍ର ପ୍ରଦର୍ଶନ କରିଛନ୍ତି। ଟ୍ରାଫିକ ନିୟମକୁ ନେଇ ଏବେ ସ୍କୁଲରେ ମଧ୍ୟ ଶିକ୍ଷା ଦାନ କରାଯାଉଛି ଏବଂ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏସବୁ ଦୃଷ୍ଟିରୁ ଏଭଳି ଏକ ପ୍ରଦର୍ଶନୀ ଲୋକଙ୍କୁ ବହୁମାତ୍ରାରେ ସଚେତନ କରିପାରିବ ବୋଲି ଆୟୋଜକମାନେ କହିଛନ୍ତି।



# ପ୍ଲାଷ୍ଟିକ୍ ସର୍ଜରି ନିଶା



**ନୂଆଦିଲ୍ଲୀ:** ସୁନ୍ଦର ଦେଖାଯିବା ପାଇଁ ଏବେ ଅନେକେ କସ୍‌ମେଟିକ୍ ସର୍ଜରିର ସାହାରା ନେଉଛନ୍ତି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କି ସୁନ୍ଦରୀ ହେବା ପାଇଁ ଚାଇନାର ଜୋଉ ଚୂନା ନାମକ ଜଣେ ୧୬ ବର୍ଷର ବାଳିକା ଶହେରୁ ଅଧିକ ଥର ପ୍ଲାଷ୍ଟିକ ସର୍ଜରି କରାଇ ସାରିଛନ୍ତି। ଏଥିପାଇଁ ଏବେ ସୁଦ୍ଧା ୪ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଥିବାବେଳେ ପୁଣି ସର୍ଜରି କରିବା ପାଇଁ ଯୋଜନା ରଖିଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନରେ ଏବେ ପ୍ଲାଷ୍ଟିକ ସର୍ଜରି କରି ଶରୀରର ଯେକୌଣସି ଅଙ୍ଗକୁ ନିଜ ଇଚ୍ଛା ଅନୁସାରେ ଅଧିକ ସୁନ୍ଦର କରି ହେଉଛି। ଏଥିପାଇଁ କେହି କେହି ନାକ, ଆଖି କିମ୍ବା ଓଠ ଆଦିର ପ୍ଲାଷ୍ଟିକ ସର୍ଜରି କରାଇ ନିଜର ସୌନ୍ଦର୍ଯ୍ୟକୁ ବଢାଇ ଥାନ୍ତି। କିନ୍ତୁ ଚାଇନାର ଜୋଉ ଚୂନା ଏବେ ସୁଦ୍ଧା ନିଜ ଚେହେରାରେ ୧୦୦ରୁ ଅଧିକ ଥର କସ୍‌ମେଟିକ୍ ସର୍ଜରି କରାଇ ସାରିଲେଣି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି କି ଜୋଉଙ୍କ ବୟସ ଏବେ ମାତ୍ର ୧୬ ବର୍ଷ। ଏତେ କମ୍ ବୟସରେ ଏତେ ଥର କସ୍‌ମେଟିକ୍ ସର୍ଜରି କରାଇ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ସୋସିଆଲ ମିଡିଆରେ ଲୋକେ ତାଙ୍କ ସମ୍ପର୍କରେ ଜାଣିବା ପାଇଁ ପ୍ରବଳ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଜୋଉଙ୍କ କହିବା କଥା ହେଉଛି ସେ ସୁନ୍ଦର ହୋଇ ନ ଥିବାରୁ ତାଙ୍କ ସାଙ୍ଗମାନେ ତାଙ୍କୁ ଥଟ୍ଟା କରୁଥିଲେ। ତେଣୁ ସେ କସ୍‌ମେଟିକ୍ ସର୍ଜରି କରିବା ପାଇଁ ପ୍ରଥମେ ଚିନ୍ତା କରିଥିଲେ। ମାତ୍ର ଏପରି କରିବା ପାଇଁ ତାଙ୍କୁ ତାଙ୍କ ବାପା ମାଆ ଏବଂ ଶୁଭେଚ୍ଛୁମାନେ ମନା କରିଥିଲେ। କାରଣ କସ୍‌ମେଟିକ୍ ସର୍ଜରିର ବହୁ ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ। ମାତ୍ର ଜୋଉ ସର୍ଜରି କରିବା ପାଇଁ ଜିଦ୍ କରି ସଫଳ ହୋଇଥିଲେ। ଏହା ପରଠାରୁ ସେ ନିଜକୁ ଏକ କଣ୍ଢେଇ ଭଳି ରୂପ ଦେଇ ବହୁତ ଖୁସି ହୋଇଛନ୍ତି। ଶରୀରରୁ ଦାଗ ହଟାଇବା ପାଇଁ ସେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ୧୩ ବର୍ଷରୁ ପ୍ରଥମେ ସର୍ଜରି କରିଥିବା ଜୋଉ ବାର୍ବି ଗର୍ଲ ସର୍ଜରି, ବ୍ରେଷ୍ଟ ଇମ୍ପ୍ଲାଣ୍ଟ ସର୍ଜରି, ଲିପୋସକ୍ସନ ଭଳି ବିଭିନ୍ନ ସର୍ଜରି କରି ସାରିଛନ୍ତି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବ୍ରଜକିଶୋର ମହାପାତ୍ର
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ଜଳସେଚନ ବିଭାଗ, ଓଡ଼ିଶା
ଗ୍ରାମ: ଶାସନ ଦାମୋଦରପୁର, ଭି.ଆଇ.ପି. ରୋଡ୍, ପୁରୀ
ଆବିର୍ଭାବ: ତା. ୧୦।୦୮।୧୯୪୮
ତିରୋଭାବ: ତା. ୧୪।୦୧।୨୦୨୦
(ମାଘ କୃଷ୍ଣପକ୍ଷ ୪ର୍ଥୀ)
ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆମେମାନେ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛୁ। ଆପଣଙ୍କର ନୀତି, ଆଦର୍ଶ, କର୍ତ୍ତବ୍ୟପରାୟଣତା, ସାହାଯ୍ୟକାରୀ ମନୋଭାବ ଆମମାନଙ୍କ ଜୀବନର ପଥପ୍ରଦର୍ଶକ ହେଉ। ଆମମାନଙ୍କ ହୃଦୟରେ ସର୍ବଦା ଆପଣ ରହିଛନ୍ତି ଏବଂ ରହିଥିବେ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାର ସଦ୍‌ଗତି ପ୍ରାପ୍ତ କରନ୍ତୁ।
—:ଇତି ଆପଣଙ୍କର କୃପାଭିକ୍ଷୁ:—
ସ୍ତ୍ରୀ, ପୁତ୍ର: ଦେବାଶିଷ, ପୁତ୍ରବଧୂ: ରଷିକୁଲ୍ୟା, ଝିଅ: ମୌସୁମୀ, ଜ୍ୱାଇଁ: ସନ୍ଦିପ୍, ଶିଶିର, ନାତି-ନାତୁଣୀ: ମନ୍ମୟ, ସାୟନ, ତନିଷା, କୃତ୍ତିକା, ପରିବାରବର୍ଗ ଏବଂ ବନ୍ଧୁଗଣ।
ଧ-୬୭୬୩୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



✓ମଞ୍ଜୁବାଳା ସାହୁ
ଆବିର୍ଭାବ: ୦୭.୦୧.୧୯୪୭
ତିରୋଧାନ: ୨୨.୦୧.୨୦୨୧
ତୁମର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଅସୁମାରୀ ଶୂନ୍ୟତା ଆମଠାରୁ ଛଡାଇ ନେଇଛି ଅନାବିଳ ସ୍ନେହ।
କେଜାଣି ପୁଣି କେଉଁ ଜନ୍ମରେ ତୁମ ସହ ପୁଣି ଭେଟ ହେବ ? ତୁମର ପବିତ୍ର ଆତ୍ମା, ସର୍ବଦା ଶାନ୍ତିରେ ରହୁ, ଏହା ହିଁ ପ୍ରଭୁ ଜଗନ୍ନାଥ, ମା ଚନ୍ଦୁର୍ଗା ଓ ମା' ତାରିଣୀଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁ ବର୍ଗ
ପତି-ବଳରାମ, ପୁତ୍ର-ବୁଟୁ, ବୁଲୁ, ପୁତ୍ରବଧୂ- ସୁପ୍ରିୟା, ସୁସ୍ମିତା, କନ୍ୟା-ଜୁନା, ରୀନା, ଜାମାତା- ନରେନ୍ଦ୍ର, ସନ୍ତୋଷ, ନାତି ଓ ନାତୁଣୀ - ମାମୁନି, ମୁନ୍‌ମୁନ୍, ବିଗୁଲ, ପରୀ ଓ ଗୁଗୁଲ
ଧ-୬୮୮୪

# ଆରୋଗ୍ୟ ରହିବା ଅନ୍ତରାଳେ...



ଆଜିକାଲିର ଧାଁ ଧପଡ଼ ଜୀବନରେ ଅନେକେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ନ ଥାନ୍ତି। ନିଜର ଦୈନନ୍ଦିନ କାମରେ ବ୍ୟସ୍ତ ରହିବା ଯୋଗୁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା, ନିଜ ଖାଦ୍ୟପେୟ ପ୍ରତି ଯତ୍ନବାନ ହେବାକୁ ସେମାନଙ୍କ ନିକଟରେ ପ୍ରାୟ ସମୟ ନ ଥାଏ। ହେଲେ ବର୍ତ୍ତମାନ ନିଜକୁ ସୁସ୍ଥ ରଖିବା ଏକ ଗୁରୁତ୍ୱପୂର୍ଣ୍ଣ କଥା ପାଲଟି ଯାଇଛି। କାରଣ ଏବେ ପ୍ରଦୂଷିତ ଜଳବାୟୁ ରୋଗ ସୃଷ୍ଟି କରିବାର ନାହିଁ। କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ତାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। ଯଦି ଆପଣ ରକ୍ତ ଚାପ (ବ୍ଲଡ ପ୍ରେସର), ମଧୁମେହ ବା ଡାଇବେଟିସ୍, ଆଜ୍‌ମା ପରି ରୋଗରେ ଆକ୍ରାନ୍ତ ତେବେ ଅଧିକ ସର୍ତକ ରହିବା ଜରୁରୀ। ନିଜେ ଯେତେ ସୁସ୍ଥ ରହିଲେ ମଧ ବୟସ ବଢ଼ିବା ସହ କେତେକ ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ବୟସ ୪୦ ଟପିଲେ



ପ୍ରମୁଖ କାରଣ ପାଲଟି ଯାଇଛି। ତେଣୁ ଏ ନେଇ ସଚେତନ ରହିବା ନିହାତି ଦରକାର। ଯେତେ ବ୍ୟସ୍ତ ରହିଲେ ମଧ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ପରୋକ୍ଷରେ ଡାକି ଆଣିବ। ଖାଦ୍ୟ ତାଲିକାରେ ସୁଷମଖାଦ୍ୟ ସାମିଲ କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କରନ୍ତୁ। ଘରେ ଯୋଗ, ପ୍ରାଣାୟାମ କରିବାକୁ ଭୁଲନ୍ତୁ ନିୟମିତ ସମୟ ଅନ୍ତରାଳରେ ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ଚେକ୍ କରିନିଅନ୍ତୁ। ନିଜର ସ୍ୱାସ୍ଥ୍ୟଜନିତ ସମସ୍ୟା ବିଷୟରେ ଅଭିଜ୍ଞ ଡାକ୍ତରଙ୍କ ସହ ବିଶଦ୍ ଭାବରେ ଆଲୋଚନା କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ ଏବଂ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ। ନିଶାଦ୍ରବ୍ୟ ସେବନ, ଟେନସନ, ଅବସାଦଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।

# ସକାରାତ୍ମକ ମାନସିକତା ଓ ସୁନିଦ୍ରା

ଜଣେ ବ୍ୟକ୍ତି ସୁସ୍ଥ ରହିବା ଅନ୍ତରାଳରେ ସୁନିଦ୍ରାର ମଧ ଭୂମିକା ରହିଛି। କେବଳ ସେତିକି ନୁହେଁ, ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ସକାରାତ୍ମକ ମାନସିକତା ଓ ସୁନିଦ୍ରା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ସାଧାରଣ ଜୀବନଶୈଳୀ ଅନୁସରଣ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ନିଦ୍ରା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ଦିନକୁ ଅତି କମ୍‌ରେ ୬-୭ ଘଣ୍ଟା ଶୋଉଥିଲେ। ଏହାଦ୍ୱାରା ଅନ୍ୟମାନଙ୍କ ତୁଳନାରେ ସେମାନଙ୍କର ମାନସିକତା ସକାରାତ୍ମକ ରହୁଥିବାର ଜଣାପଡିଥିଲା। ପ୍ରତିଦିନ ଆବଶ୍ୟକ ମୁତାବକ ନିଦ୍ରା ଯିବା ଫଳରେ ଜଣେ ବ୍ୟକ୍ତିଙ୍କର ମସ୍ତିଷ୍କ ଆହୁରି ସକ୍ରିୟ ରହିଥାଏ ଏବଂ ଅବସାଦ ଏପରି କି ଟେନ୍‌ସନଠାରୁ ସେ ଦୂରେଇ ରହିଥାଆନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ବାମନ ଗ୍ରହରେ ବସତି ଯୋଜନା



ଇଂ. ମାୟାଧର ସ୍ୱାଇଁ

ସୌରମଣ୍ଡଳରେ ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଧ୍ୟରେ ପାଞ୍ଚ ଲକ୍ଷରୁ ଅଧିକ କ୍ଷୁଦ୍ର ଜୋତିର୍ବିଦୀୟ ପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛନ୍ତି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣଗ୍ରହ କୁହାଯାଏ। ଅନେକ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ, ବର୍ତ୍ତମାନ ଯେଉଁ କକ୍ଷରେ ଗ୍ରହାଣୁଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରୁଛନ୍ତି, ସେଠାରେ ବହୁବର୍ଷ ପୂର୍ବେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ତାହା ଭାଙ୍ଗି ଅନେକ ଗ୍ରହାଣୁରେ ପରିଣତ ହୋଇଛି। ସବୁଠାରୁ ବଡ଼ ଗ୍ରହାଣୁର ନାମ ହେଉଛି ସେରେସ୍। ଏହାର ବ୍ୟାସ ହେଉଛି ୯୫୫ କି.ମି.। ଇଟାଲିର ବୈଜ୍ଞାନିକ ଜୀଉ ସେପେ ପିଆଜ୍ୱି ଏହାକୁ ୧୮୦୧ ମସିହା ଜାନୁୟାରୀ ୧ ତାରିଖରେ ଆବିଷ୍କାର କରିଥିଲେ। ଏହାର ପରିକ୍ରମଣ ସମୟ ହେଉଛି ୪.୬ ବର୍ଷ। ୧୯୯୦ ଦଶକରେ କୁଇପର ବଳୟରେ ପ୍ଲୁଟୋ ଭଳି କେତୋଟି ଜ୍ୟୋତିର୍ବିଦୀୟ





ପିଣ୍ଡ ଆବିଷ୍କୃତ ହେବା ପରେ ପ୍ଲୁଟୋକୁ ଗ୍ରହ ତାଲିକାରେ ରଖିବାରେ ବିବାଦ ଦେଖାଦେଲା। ଶେଷରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଦୀୟ ସଂଘ ୨୦୦୬ ମସିହାରେ ଗ୍ରହର ଗୋଟିଏ ନୂତନ ସଂଜ୍ଞା ନିରୂପଣ କଲେ ଏବଂ ଏହି ଅନୁଯାୟୀ ପ୍ଲୁଟୋ ଗ୍ରହ ତାଲିକାରେ ସ୍ଥାନ ପାଇଲା ନାହିଁ। ପ୍ଲୁଟୋ ସମେତ ଆଉ ଚାରିଟି ଜ୍ୟୋତିର୍ବିଦୀୟ ପିଣ୍ଡକୁ 'ବାମନ ଗ୍ରହ' ନାମ ଦିଆଗଲା। ସେଥିମଧ୍ୟରେ 'ସେରେସ୍' ହେଉଛି ଗୋଟିଏ।

ବାମନ ଗ୍ରହ ସେରେସ୍ ନିକଟରେ ଅନୁସନ୍ଧିତ୍ସୁମାନଙ୍କର ଆକର୍ଷଣ ପାଲଟିବାର କାରଣ ହେଉଛି ଯେ, ସେଠାରେ ମନୁଷ୍ୟର ବସତି ସ୍ଥାପନ ପାଇଁ କେତେଜଣ ବୈଜ୍ଞାନିକ ଯୋଜନା ପ୍ରସ୍ତୁତ କରିଛନ୍ତି। ପୃଥିବୀ ବାହାରେ ଅନ୍ୟ ଜ୍ୟୋତିର୍ବିଦୀୟ ପିଣ୍ଡରେ ବସତି ସ୍ଥାପନର ପରିକଳ୍ପନା ଅନେକ ଦିନରୁ ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାର ବେସରକାରୀ ମହାକାଶ ସଂସ୍ଥା 'ସ୍ପେସ୍ ଏକ୍‌ସ'ର ମୁଖ୍ୟ ଇଲନ୍ ମସ୍କ ମଙ୍ଗଳ ଗ୍ରହରେ ମନୁଷ୍ୟର ବସତି ସ୍ଥାପନ କରିବା ପାଇଁ ଘୋଷଣା କରିବା ସହ ଏଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି। କିନ୍ତୁ ଏହି ବର୍ଷ ଜାନୁୟାରୀ ତୃତୀୟ ସପ୍ତାହରେ ଫିନ୍‌ଲାଣ୍ଡର କେତେକ ଗବେଷକ ମଙ୍ଗଳ ଅପେକ୍ଷା ସେରେସ୍ ବସତି ସ୍ଥାପନ ପାଇଁ ଅଧିକ ଉପଯୁକ୍ତ ବୋଲି ପ୍ରକାଶ କରିଛନ୍ତି।

ସେରସ୍‌ର ପୃଷ୍ଠ ସର୍ବଦା ବରଫାବୃତ ଅଛି। ଏଥିରୁ ଜଳ ଓ ଅମ୍ଳଜାନ ମିଳିପାରିବ। ଏହା ବ୍ୟତୀତ ସେଠାରେ ଖଣିଜ ପଦାର୍ଥ, ସିଲିକା ଓ ଅନ୍ୟ ଆବଶ୍ୟକ ପଦାର୍ଥ ଅଛି, ଯାହାକୁ ନେଇ ମନୁଷ୍ୟ ସେଠାରେ ଥିବା ମିଥେନ ଓ ଆମୋନିଆ ଗ୍ୟାସରୁ ଇନ୍ଧନ ଓ ଯବକ୍ଷାରଜାନ ଉତ୍ପାଦନ କରାଯାଇପାରିବ। ଏଣୁ ସେଠାରେ ବସତି ସ୍ଥାପନ କଲେ ପୃଥିବୀରୁ ଆବଶ୍ୟକ ପଦାର୍ଥ ନେବାକୁ ଦରକାର ପଡ଼ିବ ନାହିଁ।

ସେରେସ୍‌ରେ ବସତି ସ୍ଥାପନର ଗୋଟିଏ ସମସ୍ୟା ହେଉଛି ଏହାର ବରଫାବୃତ ପୃଷ୍ଠ। ଏଣୁ ଗବେଷକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ସେମାନଙ୍କ ଯୋଜନା ଅନୁଯାୟୀ ସେରେସ୍ କକ୍ଷକୁ ଗୋଟିଏ ବଡ଼ ଉପଗ୍ରହ ପଠାଯିବ। ବାସ୍ତବରେ ଥାଳିଆ ଆକାରର ଗୋଟିଏ ବିରାଟ ଉପଗ୍ରହ ଭିତରେ କେତେଗୁଡ଼ିଏ ମହାକାଶ ଯାନ ପରସ୍ପର ସହ ସଂଯୁକ୍ତ ହୋଇ ରହିବ। ପ୍ରତ୍ୟେକ ମହାକାଶ ଯାନରେ ୫୦,୦୦୦ ଲୋକ ରହିପାରିବାର ବ୍ୟବସ୍ଥା ହେବ। ପୃଥିବୀ ଭଳି ମାଧ୍ୟାକର୍ଷଣ ବ୍ୟବସ୍ଥା କରିବା ପାଇଁ ଉପଗ୍ରହ ସେରେସ୍ ଚାରିପଟେ ପ୍ରତି ୬୬ ସେକେଣ୍ଡରେ ଥରେ ପରିଭ୍ରମଣ କରିବ। ବସତିର ଅଧିବାସୀମାନେ ସେରେସ୍‌ରୁ ଜଳ, ଖଣିଜ ଓ ଅନ୍ୟ ପଦାର୍ଥକୁ 'ମହାକାଶ ଶିଡ଼ି' (ସ୍ପେସ୍ ଏଲିଭେଟର) ସାହାଯ୍ୟରେ ଆହରଣ କରିପାରିବେ। ଗବେଷଣାଗାରରେ ମହାକାଶ ଶିଡ଼ିର ପରୀକ୍ଷା କରାଯାଇଛି ଏବଂ ଏହାକୁ ବ୍ୟାବହାରିକ ସ୍ତରକୁ ନେବାକୁ ପଡ଼ିବ। ସେରେସ୍‌ର ମାଧ୍ୟାକର୍ଷଣ କମ୍ ଓ ଏହା ଅପେକ୍ଷାକୃତ ଦ୍ରୁତ ବେଗରେ ଘୂରୁଥିବାରୁ ମହାକାଶ ଶିଡ଼ି ଏଠାରେ ଠିକ୍ ଭାବେ କାମ କରିପାରବ ବୋଲି କୁହାଯାଇଛି। ଉପଗ୍ରହ ଚାରିପଟେ ଗୋଟିଏ ବିରାଟ ଦର୍ପଣ ଖଞ୍ଜାଯିବ, ଯାହା ବସତି ପାଇଁ ଆଲୋକ ପ୍ରତିଫଳନ କରିବ। ଶସ୍ୟ ଓ ଅନ୍ୟ ଉଦ୍ଭିଦ ପାଇଁ ଏହି ଆଲୋକ ପ୍ରତିଫଳନ କରିବ। ଶସ୍ୟ ଓ ଅନ୍ୟ ଉଦ୍ଭିଦ ପାଇଁ ଏହି ଆଲୋକ ଆବଶ୍ୟକ ହେବ। ଉପଗ୍ରହ ସେରେସ୍ ପୃଷ୍ଠରୁ ପ୍ରାୟ ୧୦୦୦ କି.ମି. ଉଚ୍ଚରେ ଏହାକୁ ପରିଭ୍ରମଣ କରିବ। ଗବେଷକ ଗୋଷ୍ଠୀର ଦଳପତି ଡ. ଜାନୁନେନ୍ ପ୍ରକାଶ କରିଛନ୍ତି ଯେ, ମଙ୍ଗଳର ବାୟୁମଣ୍ଡଳରେ ଅଧିକ ପରିମାଣର ଅଙ୍ଗାରକାମ୍ଳ ଅଛି ଏବଂ ଫଳରେ ସେଠାରେ ବସତି ସ୍ଥାପନ କରିବା କଷ୍ଟକର ହେବ। ଅନ୍ୟପକ୍ଷରେ ସେରେସ୍‌ର ବାୟୁମଣ୍ଡଳରେ ଅଧିକ ପରିମାଣର ଯବକ୍ଷାରଜାନ ଅଛି।

ସେରେସ୍‌ରେ ବସତି ସ୍ଥାପନ ପାଇଁ କେତୋଟି ଅସୁବିଧା ଅଛି। ଏହା ପୃଥିବୀଠାରୁ ପ୍ରାୟ ୫୨୦ ନିୟୁତ କି.ମି. ଦୂରରେ ଅଛି। ସେଠାକୁ ମହାକାଶ ଯାନ ଯିବା ପାଇଁ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଆଧାରରେ ଦୁଇ ବର୍ଷରୁ ଅଧିକ ସମୟ ଲାଗିବ। ଏଣୁ ଶତାଧିକ ଯାତ୍ରୀଙ୍କୁ ନେଇ ଏତେ ଦୀର୍ଘ ଦିନର ଯାତ୍ରା ବ୍ୟବସ୍ଥା ନିଶ୍ଚିତ ଭାବେ କଷ୍ଟକର ହେବ। ପୁନଶ୍ଚ ସେରେସ୍‌ରୁ ନିର୍ମାଣ ସାମଗ୍ରୀ ଉଠାଇ ଉପଗ୍ରହକୁ ଆଣିବା ପାଇଁ ପ୍ରଚୁର ଶକ୍ତି ଆବଶ୍ୟକ ହେବ।

ଏତେ ଅସୁବିଧା ସତ୍ତ୍ୱେ ବୈଜ୍ଞାନିକମାନେ ସେରେସ୍ କକ୍ଷରେ ବସତି ସ୍ଥାପନ ପାଇଁ ଯୋଜନା କରିଛନ୍ତି। ଆଜିଠାରୁ ୧୫ ବର୍ଷ ପରେ ୨୦୩୬ ମସିହାରେ ବସତିରେ ଲୋକ ରହିପାରିବେ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮୬୯୩୭୨୪

'ବାମନ ଗ୍ରହ ସେରେସ୍ ନିକଟରେ ଅନୁସନ୍ଧିତ୍ସୁମାନଙ୍କର ଆକର୍ଷଣ ପାଲଟିବାର କାରଣ ହେଉଛି ଯେ, ସେଠାରେ ମନୁଷ୍ୟର ବସତି ସ୍ଥାପନ ପାଇଁ କେତେଜଣ ବୈଜ୍ଞାନିକ ଯୋଜନା ପ୍ରସ୍ତୁତ କରିଛନ୍ତି। ପୃଥିବୀ ବାହାରେ ଅନ୍ୟ ଜ୍ୟୋତିର୍ବିଦୀୟ ପିଣ୍ଡରେ ବସତି ସ୍ଥାପନର ପରିକଳ୍ପନା ଅନେକ ଦିନରୁ ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାର ବେସରକାରୀ ମହାକାଶ ସଂସ୍ଥା 'ସ୍ପେସ୍ ଏକ୍‌ସ'ର ମୁଖ୍ୟ ଇଲନ୍ ମସ୍କ ମଙ୍ଗଳ ଗ୍ରହରେ ମନୁଷ୍ୟର ବସତି ସ୍ଥାପନ କରିବା ପାଇଁ ଘୋଷଣା କରିବା ସହ ଏଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି।''

# ଲେଖା ନକଲ ପାଇଁ ନୂଆ ସଫ୍ଟୱେର



ଏବେ ହାଇଟେକ୍ ଯୁଗ। ଦିନକୁ ଦିନ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ଜିନିଷ ଉଦ୍ଭାବନ ହେଉଛି। ନିକଟରେ ୟୁନିଭର୍ସିଟି ଅଫ ସିଡ୍‌ନୀର ବିଶେଷଜ୍ଞମାନେ ଏକ ନୂଆ ସଫ୍ଟୱେର ଉଦ୍ଭାବନ କରିଛନ୍ତି। ଏହାଦ୍ୱାରା ହାତ ଲେଖାକୁ ଅବିକଳ ଭାବରେ ନକଲ କରାଯାଇପାରିବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ, ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନୂତନ ଉଦ୍ଭାବିତ ସଫ୍ଟୱେର ପ୍ରଥମେ ସଂପୃକ୍ତ ବ୍ୟକ୍ତିଙ୍କର ହାତ ଲେଖାକୁ ଭଲ ଭାବରେ ଅନୁଧ୍ୟାନ କରିଥାଏ। ତା'ପରେ ତାହାକୁ ଅନୁକରଣ କରି ଅବିକଳ ଲେଖିଥାଏ। ଏପରି କି ଐତିହାସିକ ଲେଖାକୁ ମଧ ଅନୁକରଣ କରାଯାଇ ଠିକ୍ ସେହିପରି ଲେଖାଯାଇପାରିବ ବୋଲି ରିପୋର୍ଟରୁ ଜଣାପଡ଼ିଛି।

# ଅଜୀର୍ଣ୍ଣ ସମସ୍ୟା

ନିଜକୁ ସୁସ୍ଥ ରଖିବା ଲାଗି ଆମେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ଗରିଷ୍ଠ ତଥା ଅପାଚ୍ୟ ଖାଦ୍ୟ ଖାଇବା ସହ ପାଣି ପିଇବାରେ ଏପଟ ସେପଟ ହେଲେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ସମସ୍ୟା ଗୁରୁତର ହେଲେ ହସ୍‌ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେବାକୁ ପଡିଥାଏ। ଯଦି ଆପଣ ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ କେତୋଟି ଘରୋଇ ଉପଚାର ମାଧ୍ୟମରୁ ଏଥିରୁ ଉପଶମ ଲାଭ କରିପାରିବେ। ଏଥିପାଇଁ ପ୍ରଥମେ ଖାଦ୍ୟପେୟ ପ୍ରତି ସତର୍କ ହୁଅନ୍ତୁ। କେଉଁ ଖାଦ୍ୟ ଖାଇଲେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି ତାହା ଜାଣିବା ଦରକାର। ଗୁରୁପାକଜାତୀୟ ଖାଦ୍ୟ ଯେତେ ନ ଖାଇବେ ତାହା ସେତେ ଭଲ। ଆଉ ଏକ କଥା-ଠିକ ସମୟରେ ଖାଦ୍ୟ ଖାଆନ୍ତୁ। ଅର୍ଥାତ୍, ନିଜର ଖାଦ୍ୟପେୟ ତାଲିକା ଏବଂ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରିବା ସହ ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ। ରାତିରେ ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ରାତ୍ର ଭୋଜନ ଶେଷ କରନ୍ତୁ। ତା'ସହ ରାତ୍ରଭୋଜନ ପରେ କିଛି ସମୟ ଚଲାବୁଲା କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବରେ ହଜମ କରିବାରେ ସାହାଯ୍ୟ କରିଥାଏ। କଦାପି ତରତର ହୋଇ ଖାଆନ୍ତୁ ନାହିଁ। ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଆନ୍ତୁ, ଯାହାଦ୍ୱାରା ଏହା ସହଜରେ ହଜମ ହୋଇଥାଏ।



# ସ୍ୱାସ୍ଥ୍ୟ ସୂଚନା



- ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ। ତେଣୁ ପ୍ରତିଦିନ କିଛି ସମୟ ସୂର୍ଯ୍ୟକିରଣରେ ବସନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଖାଇବା ମଧ୍ୟରେ କେତେକେ ପାଣି ପିଇଥାଆନ୍ତି। ଏପରି ଅଭ୍ୟାସ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ। ଖାଦ୍ୟ ଖାଇବା ପୂର୍ବରୁ ଅଳ୍ପ ପାଣି ପିଇପାରନ୍ତି ଏବଂ ଖାଦ୍ୟ ଖାଇବାର ଅତିକମରେ ଦୁଇ ଘଣ୍ଟା ପରେ ପାଣି ପିଅନ୍ତୁ।
- ହସିବା ଏକ ଭଲ ଏକ୍ସରସାଇଜ୍। ଏବେ ପ୍ରାୟ ଅନେକ ପାର୍କରେ ଲାଫ୍ଟର କ୍ଲବ ରହିଛି। ଏଥିରେ ନିଜକୁ ସାମିଲ କରିପାରନ୍ତି।
- ସବୁବେଳେ ଲିଫ୍ଟ ବ୍ୟବହାର କରିବା ପରିବର୍ତ୍ତେ ପାହାଚ ଚଢ଼ି ଯିବା ଆସିବା କଲେ ତାହା ଏକ ବ୍ୟାୟାମ ଭାବରେ କାମ କରିଥାଏ।



- ଯଦି ଅଣ୍ଟାଜନିତ ସମସ୍ୟା ରହିଛି ତେବେ କୌଣସି ସ୍ଥାନରେ ବସିବା ବେଳେ ସିଧା ହୋଇ ବସନ୍ତୁ। ଉଠିବା ସମୟରେ ହଠାତ୍ ଉଠନ୍ତୁ ନାହିଁ। ଏପରି ଉଠନ୍ତୁ ଯେପରି ଅଣ୍ଟା ଉପରେ ଚାପ ପଡିବ ନାହିଁ।
- ଦାନ୍ତ ସନ୍ଧିରେ ଖାଦ୍ୟର ଅବଶିଷ୍ଟାଂଶ ରହି ପରବର୍ତ୍ତୀ ସମୟରେ ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଇବା ପରେ ଭଲ ଭାବରେ କୁଳି କରନ୍ତୁ। ପ୍ରତିଦିନ ଦୁଇ ଥର (ସକାଳ, ସନ୍ଧ୍ୟା) ଭଲ ଭାବରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧/୨୦୨୧ Bhubaneswar, Monday, February 1/ 2021

# ରେଡ୍-ଭାଓଲେଟ୍ ଫାଇନାଲ ଆଜି

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ସୋମବାର ଓଡ଼ିଶା ରେଡ୍ ଓ ଭାଓଲେଟ୍ ମଧ୍ୟରେ ଅନୁଷ୍ଠିତ ହେବ। ରବିବାର ଲିଗ୍ ପର୍ଯ୍ୟାୟ ସରିବା ସହ ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ରେଡ୍ ୮ ମ୍ୟାଚ ଖେଳି ୬ ବିଜୟ ଓ ୨ ପରାଜୟ ସହ ୨୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଭାଓଲେଟ ୫ ବିଜୟ ଓ ୩ ପରାଜୟ ସହିତ ୨୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୨୦ ପଏଣ୍ଟ ପାଇଥିବା ପର୍ପଲ ଏବଂ ୮ ପଏଣ୍ଟ ପାଇଥିବା ୟେଲୋ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ହେବ। ତୃତୀୟ ସ୍ଥାନପାଇଁ ପୂର୍ବାହ୍ନ ୯ଟାରେ ଏବଂ ଫାଇନାଲ ଅପରାହ୍ନ ୧ଟାରେ ଅନୁଷ୍ଠିତ ହେବ।

ରବିବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ଗ୍ରୀନ୍‌କୁ ରେଡ୍ ୮ ଉଇକେଟରେ ଓ ପର୍ପଲକୁ ୟେଲୋ ୬ ଉଇକେଟରେ ପରାସ୍ତ କରିଛି।




ଓମ୍ୟାନ ଅଫ୍ ଦି ମ୍ୟାଚ ସୋନାଲି ହେମ୍ବ୍ରମ ଓ ସଙ୍ଗିତା ଖାଡ଼ିଆ ପୁରସ୍କାର ସହ।

ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗ୍ରୀନ୍ ୨୦ ଓଭରରେ ୭ ଉଇକେଟ ହରାଇ ୭୩ ରନ କରିଥିଲା। ରେଶନାରା ପରବିନ ସର୍ବାଧିକ ୪୨ ରନ କରିଥିଲେ ହେଁ ଅନ୍ୟମାନେ ଫେଲ୍ ମାରିଥିଲେ। ବିପକ୍ଷ ଦଳର ସୋନାଲି ହେମ୍ବ୍ରମ ୩ଟି ଓ ଏସ୍ ବି. ଲରେନ୍ସ ୨ଟି ଉଇକେଟ ନେଇଥିଲେ। ଜବାବରେ ରେଡ୍ ୧୦.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ୭୭ ରନ ସଂଗ୍ରହ କରି ନେଇଥିଲା। ଅଧିନାୟିକା ମାଧୁରୀ ମେହେଟା ୨୭ ବଲ୍‌ରୁ ୩୪ ଏବଂ ଶିଳ୍ପା ସ୍ୱାଇଁ ୩୧ ବଲ୍‌ରୁ ୨୭ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ୪ ଓଭରରେ ମାତ୍ର ୯ ରନ ଦେଇ ୩ଟି ଉଇକେଟ ନେଇଥିବା ସୋନାଲି ହେମ୍ବ୍ରମ ଓମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ରଘୁନନ୍ଦନ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅପରାହ୍ନ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପର୍ପଲ ୨୦ ଓଭରରେ ୩ ଉଇକେଟ ହରାଇ ୧୧୩ ରନ କରିଥିଲା। ଅର୍ଦ୍ଧଶତକ ହାସଲକାରୀ ସରିତା ମେହେର ୫୦ ରନ

**ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍**

କରି ଅପରାଜିତ ରହିଥିବାବେଳେ ଅଧିନାୟିକା ମଧୁସ୍ମିତା ବେହେରା ୩୦ ରନ କରିଥିଲେ। ଜବାବରେ ୟେଲୋ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ନେଇଥିଲା। ଫର୍ମରେ ଥିବା ସଙ୍ଗିତା ଖାଡ଼ିଆ ୫୦ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ବର୍ଷା ସିଂ ୨୮ ରନର ଯୋଗଦାନ ଦେଇଥିଲେ। ବିପକ୍ଷ ଦଳର ମନଲତା ମଲିକ ୨ଟି ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ସଙ୍ଗିତାଙ୍କୁ ଓସିଏ ସଦସ୍ୟ ସୁଜିତ କୁମାର ପ୍ରଧାନ ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ସୌମ୍ୟରଞ୍ଜନଙ୍କୁ ଆଉ ଏକ ଟାଇଟଲ

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଆଉ ଏକ ଚେସ୍ ଟାଇଟଲ ହାସଲ କରିଛନ୍ତି। ଗତ ସପ୍ତାହରେ କ୍ୟାରିୟର ୬୧ତମ ରାଜ୍ୟ ଓପନ ଚେସ୍ ଟାଇଟଲ ଜିତିଥିବା ସୌମ୍ୟ ଏବେ ଏହି ସଂଖ୍ୟାକୁ ୬୨ରେ ପହଞ୍ଚାଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ଜଟଣୀ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଜଟଣୀରେ ଅନୁଷ୍ଠିତ ୨ୟ ସତ୍ୟସାଇ ରାଜ୍ୟ ଓପନ ଚେସ୍‌ରେ ଚାମ୍ପିୟନ ହୋଇଛନ୍ତି ଟପ୍ ସିଡ୍ ସୌମ୍ୟରଞ୍ଜନ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସୌମ୍ୟ ୬.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରାଜେନ୍ଦ୍ର କୁମାର ସାହୁ ୬ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ପ୍ରଦର୍ଶନ ଭିତ୍ତିରେ ହର୍ଷିତ ରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ (ଉଭୟେ ୫.୫ ପଏଣ୍ଟ), ଅମରେଶ୍ୱର ନନ୍ଦ, ହୃଦାନନ୍ଦ ସାମନ୍ତରାୟ, ଆରିନ୍ ଅନ୍ୱେଷ ସ୍ୱାଇଁ (ସମସ୍ତେ ୫ ପଏଣ୍ଟ), ରବୀନ୍ଦ୍ର କୁମାର ଓଝା, ମାନସ ରଞ୍ଜନ ପରିଡ଼ା, ପ୍ରବୋଧ କୁମାର ମିଶ୍ର, ଦେବୀ ପ୍ରସାଦ ବିଶ୍ୱାଳ ଓ ଗୁରୁ ପ୍ରସାଦ ଭଞ୍ଜ (ସମସ୍ତେ ୪) ଟପ୍-୧୨ ଫିନିଶ୍ କରିଛନ୍ତି। ସାଇ ଅଦିତ୍ରୀ, ଅମନ ଅର୍ପିତ ସ୍ୱାଇଁ, ଈଶାନ୍ତ ଦାସ, ଅମ୍ଳାନ ସେନାପତି, ଆୟନ ଅଙ୍କିତ ସ୍ୱାଇଁ, ଆଦିତ୍ୟ ରଞ୍ଜନ ଦାସ, ସ୍ଥିତିପ୍ରଜ୍ଞ ସାହୁ, ବୈଭବ ମଜୁମଦାର ବିଭିନ୍ନ ବୟସ ବର୍ଗରେ ଏବଂ ସାହାନା ଲେଙ୍କା ଓ ତନିସ୍କା ଅଗ୍ରୱାଲଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷରେ ରୋନିତ ଅଗ୍ରୱାଲ, ଅଂଶୁମାନ ସୁବୁଦ୍ଧି, ଡି. ରାହୁଲ, ଆରବ ଅଗ୍ରୱାଲ, ସାଇଲି ଅଗ୍ରୱାଲ ଏବଂ

**ରାଜ୍ୟ ଓପନ ଚେସ୍**

ବୈଭବ ଅଗ୍ରୱାଲଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ଜନତା ଯୁବ ମୋର୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୂରଜ ପାଇକରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନସ୍ଥଳ ଜଟଣୀ ଏଡିଏସ୍ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ମୂରଲୀ ମୋହନ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଜଟଣୀ ଚେସ୍ ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ବଳିୟାର ସିଂ, ସମ୍ପାଦକ ଅବିନାଶ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତରେ ହେବ ଆଇପିଏଲ୍-୨୦୨୧

**ମୁମ୍ବାଇ, ୩୧।୧:** ଏଥର ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ଭାରତରେ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଯୋଜନା ପ୍ରସ୍ତୁତ କରିଛି। ଆଇପିଏଲ୍ ପାଇଁ ବୋର୍ଡ ମୁମ୍ବାଇ ଓ ପୁଣେ ସହର ମଧ୍ୟରେ ୫ଟି ଭେନ୍ୟୁକୁ ଚୟନ କରିଛି। ଏହି ଭେନ୍ୟୁଗୁଡିକ ହେଲା ୱାଙ୍ଖଡେ ଷ୍ଟାଡିୟମ, ବ୍ରାବୋର୍ନ ଷ୍ଟାଡିୟମ, ଡିୱାଇ ପାଟିଲ ଷ୍ଟାଡିୟମ, ନବି ମୁମ୍ବାଇର ରିଲାଏନ୍ସ କ୍ରିକେଟ ଷ୍ଟାଡିୟମ ଓ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଷ୍ଟାଡିୟମ। ସେହିପରି ମୋଟେରାସ୍ଥିତ ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ନକ୍‌ଆଉଟ୍ ଭଳି କେତୋଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ ହେବାର ସମ୍ଭାବନା ରହିଛି। କୋଭିଡ୍ ମହାମାରୀ କାରଣରୁ ଗତଥର ଆଇପିଏଲ୍ ୬ ମାସ ବିଳମ୍ବରେ ଆରମ୍ଭ ହୋଇଥିଲା ଓ ଏହି ମେଗା ଇଭେଣ୍ଟକୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର କରାଯାଇଥିଲା। ଏପ୍ରିଲ୍‌ରେ ଆଇପିଏଲ୍ ଆରମ୍ଭ ହେବ। ବିଜୟ ହଜାରେ ଟ୍ରଫି ଓ ମହିଳା ଦିନିକିଆ ଟୁର୍ନାମେଣ୍ଟ ଆୟୋଜନ ହେବା ପରେ ଆଇପିଏଲ୍ ଆରମ୍ଭ ହେବ।

# ଭାରତୀୟ ଜୁନିୟର ହ୍ୟାଣ୍ଡବଲ୍ କ୍ୟାମ୍ପରେ ହେମନ୍ତ, କାମଦେବ



କୋଚ୍ ସନ୍ତୋଷ କୁମାର (ମଝି)ଙ୍କ ସହ ହେମନ୍ତ ଧାରୁଆ ଓ କାମଦେବ କାଜରକା।

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ବାହାରିନର ମାନାମାଠାରେ ୧୭ତମ ପୁରୁଷ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ମାର୍ଚ୍ଚ ୨୦ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳର କ୍ୟାମ୍ପ ଏବଂ ଚୟନ ଟ୍ରାଏଲ ଚଳିତ ମାସ ୩ ଓ ୪ ତାରିଖରେ ଜୟପୁରଠାରେ ହେବାକୁ ନିଷ୍ପତ୍ତି ହୋଇଛି। ଏହି କ୍ୟାମ୍ପରେ ଓଡ଼ିଶାର ଦୁଇଜଣ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ହେମନ୍ତ ଧାରୁଆ ଓ କାମଦେବ କାଜରକା। ସେମାନଙ୍କ ସହ କୋଚ୍ ସନ୍ତୋଷ କୁମାର ବେହେରା ଜୟପୁର ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ, ଓଡ଼ିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ବୀରେନ୍ଦ୍ର ବେହେରା ଓ ଭୁବନେଶ୍ୱର ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ଯଶୋବନ୍ତ ପରମଗୁରୁ ଅଭିନନ୍ଦନ ଜଣାଇଛନ୍ତି।

# ଟେନିକଏଟ ଆସୋସିଏଶନ ନିର୍ବାଚନ

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଆମେଚର ଟେନିକଏଟ ଆସୋସିଏଶନର ୩୩ତମ ସାଧାରଣ ବୈଠକ ଏବଂ ଆଗାମୀ ଚାରିବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ସଭାପତି ଏବଂ ଶ୍ରୀକାନ୍ତ କୁମାର ସିଂ ସାଧାରଣ ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରତାପ କୁମାର ଆଚାର୍ଯ୍ୟ କୋଷାଧ୍ୟକ୍ଷ ପଦ ବଜାୟ ରଖିଥିବାବେଳେ ସଂଗଠନର ଅଧ୍ୟକ୍ଷ ଭାବେ ଅଧ୍ୟାପକ ଗୋଲକ ନାୟକ, ସମ୍ପାଦକ ଭାବେ ଦିଲୀପ ଦାସ ଏବଂ ଉପସଭାପତି ଭାବେ ହମିଦ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଅରୁଣ କୁମାର ନାୟକ ଓ ମମତାଜ କୋଚିଂ କମିଟି ଏବଂ ମନୋଜ ମହାରଣା ଓ ଗୁରୁପ୍ରସାଦ ମହାରଣା ଚୟନ କମିଟି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅଜିତ କୁମାର ସିଂ ରେଫରି ବୋର୍ଡର ଆବାହକ ହୋଇଛନ୍ତି।

# ହସ୍ପିଟାଲରୁ ଫେରିଲେ ଗାଙ୍ଗୁଲି

**କୋଲକାତା,୩୧।୧**

ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ହସ୍ପିଟାଲରେ ୪ଦିନ ରହିବା ପରେ ସେ ରବିବାର ସକାଳେ ଘରକୁ ଫେରିଛନ୍ତି। ଖୁବଶୀଘ୍ର ସେ ତାଙ୍କ ସାଧାରଣ ଜୀବନକୁ ପ୍ରତ୍ୟାବର୍ତ୍ତନ କରିବେ ଓ ସେ ସୁସ୍ଥ ଅଛନ୍ତି ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ନୂଆକରି ଦ୍ୱିତୀୟଥର ଲାଗି ଆଞ୍ଜିଓପ୍ଲାଷ୍ଟି କରିବା ପରେ ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶୁକ୍ରବାର ଡାକ୍ତରମାନେ ତାଙ୍କୁ ପୁଣି ଥରେ ପରୀକ୍ଷା କରିଥିଲେ। କ୍ରିଟିକାଲ କେୟାର ୟୁନିଟ୍‌ରୁ ତାଙ୍କୁ ଏକ ପ୍ରାଇଭେଟ୍ ରୁମ୍‌କୁ ନିଆଯାଇଥିଲା। ଗତ ବୁଧବାର ଅପରାହ୍ନରେ ଗାଙ୍ଗୁଲି ଛାତିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ବେହେଲାସ୍ଥିତ ବାସଭବନରୁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପୂର୍ବରୁ ୩ ସପ୍ତାହ ତଳେ ନିଜ ବାସଭବନରେ ବ୍ୟାୟାମ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କରୋନାରୀ ଆର୍ଟେରିଜ୍‌ରେ ୩ଟି ବ୍ଲକ ରହିଥିବା ପରୀକ୍ଷା ପରେ ଜଣାପଡିଥିଲା। ଫଳରେ ତାଙ୍କ ଡାହାଣ କରୋନାରୀରେ ଷ୍ଟେଣ୍ଟ ଲଗାଯାଇଥିଲା। ସେତେବେଳେ ହସ୍ପିଟାଲରେ ୭ ଦିନ ରହିବା ପରେ ସେ ଗତ ୭ ତାରିଖରୁ ହସ୍ପିଟାଲରୁ ରିଲିଜ୍ ହୋଇଥିଲେ। ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗାଙ୍ଗୁଲିଙ୍କୁ ଦେଖିବାକୁ ହସ୍ପିଟାଲ ଯାଇଥିଲେ। ଏହପରେ ଫୋନ୍ କରି ମମତା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଥିଲେ।

# ଦ୍ୱିତୀୟ ଟେଷ୍ଟରେ ଦର୍ଶକଙ୍କୁ ଅନୁମତି ସମ୍ଭାବନା

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** କେନ୍ଦ୍ର ସରକାରଙ୍କ ନୂଆ କୋଭିଡ୍ ଗାଇଡଲାଇନ୍ ପ୍ରକାଶ ପାଇଛି। ସେଥିରେ ସ୍ପୋର୍ଟ୍ସ ଭେନ୍ୟୁଗୁଡ଼ିକରେ ୫୦ ପ୍ରତିଶତ ଦର୍ଶକ ଉପସ୍ଥାନ ପାଇଁ ଅନୁମତି ମିଳିଛି। ଫଳତଃ ଚେନ୍ନାଇରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦର୍ଶକଙ୍କୁ ଅନୁମତି ମିଳିବା ସମ୍ଭାବନା ଦେଖାଦେଇଛି। ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ତାମିଲନାଡୁ କ୍ରିକେଟ ଆସୋସିଏଶନ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ ବିନା ଦର୍ଶକରେ କରିବା ଲାଗି ନିଷ୍ପତ୍ତି ହୋଇଥିଲା। କିନ୍ତୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସାନି ଜାରି କରାଯାଇଥିବା ଗାଇଡ୍ ଲାଇନ୍‌ରେ ଗମନାଗମନ କଟକଣା ହ୍ରାସ କରାଯାଇଥିବାରୁ ଦୃଶ୍ୟପଟ ବଦଳିଯାଇଛି। ତାମିଲନାଡୁ କ୍ରିକେଟ ଆସୋସିଏଶନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ସେମାନଙ୍କୁ ଶନିବାର ସରକାରୀ ବିଜ୍ଞପ୍ତି ମିଳିଛି। ହାତରେ ସମୟ କମ୍ ଥିବାରୁ ଫେବୃୟାରୀ ୫ରୁ ଆରମ୍ଭ ହେବାକୁଥିବା ପ୍ରଥମ ଟେଷ୍ଟରେ ଦର୍ଶକଙ୍କୁ ଅନୁମତି ସମ୍ଭବପର ହେବ ନାହିଁ। କିନ୍ତୁ ଫେବୃୟାରୀ ୧୪ରୁ ଆରମ୍ଭ ହେବାକୁଥିବା ଦ୍ୱିତୀୟ ଟେଷ୍ଟରେ ହୁଏତ ଷ୍ଟାଡିୟମରେ ଦର୍ଶକଙ୍କୁ ଦେଖିବାକୁ ମିଳିପାରେ। ଚେପକ ଷ୍ଟାଡିୟମରେ ୫୦,୦୦୦ ଦର୍ଶକଙ୍କ ଲାଗି ବ୍ୟବସ୍ଥା ରହିଛି।

# ଓଡ଼ିଶା ଦଳର ଚୟନ ଟ୍ରାଏଲ ୬ରୁ

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଭୁବନେଶ୍ୱରରେ

**ଜାତୀୟ ସିନିୟର ଟେନିସ କ୍ରିକେଟ**

ମାର୍ଚ୍ଚ ୯ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ଏକ ଓପନ ଚୟନ ଟ୍ରାଏଲ କ୍ୟାମ୍ପ ଚଳିତ ମାସ ୬ ଓ ୭ ତାରିଖରେ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର ଖେଳାଳିମାନେ ଭାଗ ନେଇପାରିବେ। ପ୍ରଦର୍ଶନ ଭିତ୍ତିରେ ଚୟନ କମିଟି ଓଡ଼ିଶା ଦଳ ମନୋନୟନ କରିବ ବୋଲି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ପ୍ରତିଭାସମ୍ପନ୍ନ ଖେଳାଳିମାନେ ରାଜ୍ୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଏହା ଏକ ସୁଯୋଗ। ଗ୍ରାମାଞ୍ଚଳରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରତିଭାମାନଙ୍କୁ ପହଞ୍ଚାଇବା ଆମର ଉଦ୍ଦେଶ୍ୟ। ପ୍ରତି ଦଳରେ ୧୬ ଖେଳାଳି, ଜଣେ କୋଚ୍ ଏବଂ ଜଣେ ମ୍ୟାନେଜର ରହିବେ। ଉଭୟ ମହିଳା ଓ ପୁରୁଷ ବିଭାଗରେ ୨୪ରୁ ୩୨ଟି ଦଳ ଯୋଗଦେବାର ଥିବାରୁ ଭୁବନେଶ୍ୱରର ୨ଟି ପଡ଼ିଆରେ ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି ବୋଲି ରିଣ୍ଟୁ କହିଛନ୍ତି।




# ନିମାପଡ଼ା କପ୍ କ୍ରିକେଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

**ନିମାପଡ଼ା,୩୧।୧(ଡି.ଏନ୍.ଏ.)**

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ରବିବାର ରାଜ୍ୟସ୍ତରୀୟ ଦ୍ୱାଦଶ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଉଦ୍‌ଘାଟନୀ ମ୍ୟାଚରେ ନିମାପଡ଼ା କ୍ରିକେଟ ଏକାଡେମୀକୁ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ୮ଉଇକେଟରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ନିମାପଡ଼ା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭରରୁ ୨୨ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲେ। ଏଥିରେ ରାମେଶ୍ୱରର ପ୍ରତୀକ ସିଂ ୩ଟି, ରଞ୍ଜନ ଗୌଡ଼ ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ମାତ୍ର ୧୫ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ରମଣୀ ଜେନା ସର୍ବାଧିକ ୩୭ରନ କରିଥିଲେ। ଏଥିରେ ପ୍ରତୀକ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ଅଶୟକାନ୍ତ ମିଶ୍ର

**ରାମେଶ୍ୱର ସ୍ପୋର୍ଟିଂ ସେମିରେ**

ଓ ତାପସ ଦାସ ମ୍ୟାଚ ପରିଚାଳନା କରିଥିଲେ। ତ୍ରିଭୁବନ ନାଥ ଦାସ, କଲିମ ଉଦ୍ଦିନ ସ୍କୋରର ଥିଲେ। ସମାରୋହରେ ଅତିଥି ଭାବେ ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ରରାୟ ମହାପାତ୍ର, ଅଧ୍ୟାପକ ସୁବ୍ରତ ମହାନ୍ତି, ପ୍ରଦୀପ୍ତ ଖଟୋଇ, ନିମାପଡ଼ା କ୍ରିକେଟ ଆସୋସିଏଶନର ସଂଗଠନ ସମ୍ପାଦକ ଅକ୍ଷୟ ବେହେରା, ଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷ ଶ୍ୱେତପର୍ଣ୍ଣା ରାୟମହାପାତ୍ର, କ୍ରୀଡ଼ାବିତ ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଦେବାଶିଷ ରୁଦ୍ରସେନା ରାଜ୍ୟ ଉପସଭାପତି**

**ପୁରୀ ଅଫିସ:** ରାଷ୍ଟ୍ରୀୟ ସଙ୍ଗଠନ ରୁଦ୍ରସେନାର ରାଜ୍ୟ ଉପସଭାପତି ଭାବେ ପୁରୀର ଦେବାଶିଷ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସଭାପତି ସଞ୍ଜୀବ ସାଏ ବାବୁ ଓ ସଂଯୋଜକ ସନ୍ଦୀପ ବଶିଷ୍ଟଙ୍କ ଅନୁମୋଦନ କ୍ରମେ ଦେବାଶିଷଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଦେବାଶିଷ ଏ ନେଇ ଖୁସିବ୍ୟକ୍ତ କରିବା ସହ ନିଷ୍ଠା ସହକାରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୪୦ ଲିଟର ମଦ ସହ ଭାଙ୍ଗ ଜବତ: ୫ଗିରଫ

**କାକଟପୁର, ୩୧।୧(ଡି.ଏନ୍.ଏ):** କାକଟପୁର ଅଞ୍ଚଳର ବିଭିନ୍ନ ସ୍ଥାନରୁ ପୋଲିସ ରବିବାର ୪୦ଲିଟର ଦେଶୀ, ୩ଲିଟର ବିଦେଶୀ ମଦ ଓ ୫୦୦ ଗ୍ରାମ ଭାଙ୍ଗ ଜବତ କରିଛି। ଚୋରା ମଦ କାରବାର କରୁଥିବା ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟବସାୟୀମାନେ ହେଲେ ପ୍ରଦୀପ ପରିଡା, ବାଲୁଙ୍କୀ କାଣ୍ଡି, ଅକ୍ଷୟ ମଲ୍ଲିକ, ଜ୍ୟୋତିରଞ୍ଜନ ସାହୁ ଏବଂ ଅଜୟ ସେଠୀ। କାକଟପୁର ଥାନା ଆଇଆଇସି ଭାବେ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏସ୍ଆଇ ସନାତନ ଖୁଣ୍ଟିଆ, ହାବିଲଦାର ଦୁର୍ଗାଚରଣ ମହାନ୍ତି, ପୋଲିସ ଫୋର୍ସ ସହ ସଦଳେ ବଳେ ଏହି ଚଢାଉ କରିଥିଲେ।

### ପ୍ରାଣକୃଷ୍ଣ ପେଣ୍ଡୋଇଙ୍କ ସ୍ମୃତି ସଭା

**କଣାସ, ୩୧।୧(ସ୍ୱ.ପ୍ର):** କଣାସ ବ୍ଲକ ଅନ୍ତର୍ଗତ ରାହାଦିଆ ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ପ୍ରାଣକୃଷ୍ଣ ପେଣ୍ଡୋଇଙ୍କ ସ୍ମୃତିସଭା ଶନିବାର ରାଧାକାନ୍ତ ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ସନ୍ଧ୍ୟାବତୀ ପ୍ରଧାନ, ଅଧ୍ୟାପକ ଶଶାଙ୍କ ଶେଖର ଚୁଡ଼ାମଣି ଏବଂ ଦିବ୍ୟଜୀବନ ସଂଘର କର୍ମକର୍ତ୍ତା, ଅତିଥି ଓ ବକ୍ତାମାନେ ଯୋଗଦେଇ ପ୍ରାଣକୃଷ୍ଣ ସାରଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**କୋଣାର୍କ,୩୧।୧(ଡି.ଏନ୍.ଏ)-** କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ(୭୨)ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ଘର ଏହି ଥାନା ଅନ୍ତର୍ଗତ ବଗଲେଇ ଗ୍ରାମରେ। ଗତ କିଛିଦିନ ହେଲା ସେ ଅସୁସ୍ଥ ହୋଇପଡିବାରୁ ସ୍ୱେଚ୍ଛାସେବୀ କୁନାଲ ପାତ୍ରଙ୍କ ଅନୁରୋଧକ୍ରମେ କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ ତାଙ୍କୁ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପି ତଥା ସେବା ପରାୟଣ ନେତା ଭାବେ ଜଣାଶୁଣା ଥିଲେ। ବନାଖଣ୍ଡି ପଞ୍ଚାୟତରେ ୨ ଥର ସରପଞ୍ଚ ଓ ଥରେ ସମିତି ସଭ୍ୟ ରୂପେ ନିର୍ବାଚିତ ହୋଇ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ବିୟୋଗରେ କାକଟପୁର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା,ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ବେହେରା, ପୁରୀ ଜିଲା ସାଧାରଣ ସମ୍ପାଦକ ରାଜୁ ମହାପାତ୍ର, ପୂର୍ବତନ କାଉନସିଲର ପଦ୍ମଚରଣ ବେହେରା,ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଅବସରପ୍ରାପ୍ତ ଶିକ୍ଷକ ଜଟକୃଷ୍ଣ ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ପୁତୁରା ସୌରାଷ୍ଟ୍ର ମୁଖାଗ୍ନି ଦେଇଥିଲେ।

# ଚିଲିକା ମଝିରେ ଫସିଲେ ୧୭ ପର୍ଯ୍ୟଟକ

**ବାଲୁଗାଁ,୩୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ସୋରଣ ପେଣ୍ଠରୁ ରବିବାର ଚିଲିକା ପରିଭ୍ରମଣରେ ଯାଇଥିବା ୧୭ଜଣ ପର୍ଯ୍ୟଟକ, ୨ଜଣ ନାଉରିଆ ଫେରିବାବେଳେ ମଝି ଚିଲିକାରେ ଫସିଯାଇଛନ୍ତି। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୬ଘଣ୍ଟା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। କୁହୁଡ଼ି ନିକଟ ସୋରଣସ୍ଥିତ ଚିଲିକା ପେଣ୍ଠରୁ କେତେଜଣ ଶିଶୁଙ୍କ ସହ ୧୭ଜଣ ପର୍ଯ୍ୟଟକ ରବିବାର ସକାଳୁ ଏକ ଡଙ୍ଗା ଯୋଗେ ଚିଲିକା ଭ୍ରମଣରେ ବାହାରିଥିଲେ। କାଳୀଜାଇ ଦର୍ଶନ ଏବଂ ନଳବଣ ପରିଭ୍ରମଣ କରି ଯାତ୍ରୀମାନେ ଫେରୁଥିବା ବେଳେ ହଠାତ୍ ଡଙ୍ଗାର ମେଶିନ୍ ଅଚଳ ହୋଇପଡ଼ିଥିଲା। ସନ୍ଧ୍ୟା ସମୟ ୫ଟା ୩୦ ଏବଂ ଘନ କୁହୁଡ଼ି ହେତୁ ଦିଗ ବାରିବା ସେମାନଙ୍କ ପାଇଁ କଷ୍ଟ ହୋଇପଡ଼ିଥିଲା। ଶେଷରେ ଅନ୍ୟୋପାୟ ହୋଇ ଯାତ୍ରୀମାନେ





ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରି ଅଣାଯାଉଛି।

ସେମାନଙ୍କ ପରିବାରବର୍ଗଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରିବାର ଲୋକଙ୍କଠାରୁ ସୂଚନା ପାଇ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆ ଫସିଥିବା ଯାତ୍ରୀଙ୍କୁ ତୁରନ୍ତ ଉଦ୍ଧାର ନିମନ୍ତେ ବାଲୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

**୬ ଘଣ୍ଟା ପରେ ଉଦ୍ଧାର**

ଅଗ୍ନିଶମ ବିଭାଗ ଅଧିକାରୀ ନିତ୍ୟାନନ୍ଦ ଜେନା ସଦଳବଳ ବାଲୁଗାଁ ଜେଟିଠାରୁ ଏକ ଡ଼ଙ୍ଗା ଯୋଗେ ଯାତ୍ରୀଙ୍କୁ ଉଦ୍ଧାର ନିମନ୍ତେ ବାହାରିଥିଲେ। ତେବେ ଅନ୍ଧାର ଯୋଗୁ ଚିଲିକା ମଧ୍ୟରେ ଫସିରହିଥିବା ଯାତ୍ରୀଙ୍କୁ ସନ୍ଧାନ କରିବା କଷ୍ଟ ହୋଇଥିଲା। ଯାତ୍ରୀମାନେ ଚିତ୍କାର କରିବା ସହ ନିଆଁ ଏବଂ ଲାଇଟ୍ ଦେଖାଇ ଅଗ୍ନିଶମ ବିଭାଗକୁ ସଂକେତ ଦେବାରେ ପ୍ରାୟ ରାତି ୧୧ଟା ୩୦ରେ କର୍ମଚାରୀମାନେ ସେଠାରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

## ଆଧ୍ୟାତ୍ମିକତା ହିଁ ସକାରାତ୍ମକ ଦିଗରେ ଚାଲିବାକୁ ବାଟ କଢ଼ାଏ

**ପୁରୀ ଅଫିସ,୩୧।୧**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ବଳିଆପଣ୍ଡାସ୍ଥିତ ଅନୁଷ୍ଠାନରେ ସ୍ୱର୍ଣ୍ଣିମ ଦୁନିଆର ସ୍ଥାପନା ପାଇଁ ଈଶ୍ୱରଙ୍କ ପ୍ରତ୍ୟକ୍ଷତା ପ୍ରସଙ୍ଗରେ ଆଲୋଚନା ଚକ୍ର ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମଧୁମିତା ଦାଶ ଯୋଗଦେଇ କହିଥିଲେ, ଆଧ୍ୟାତ୍ମିକତା ହିଁ ମନୁଷ୍ୟକୁ ସକାରାତ୍ମକ ଦିଗରେ ଚାଲିବା ପାଇଁ ବାଟ କଢ଼ାଏ। ଆତ୍ମ ଅନୁଶୀଳନ ଓ ଚିନ୍ତନ ମାଧ୍ୟମରେ ହିଁ ମନୁଷ୍ୟ ଈଶ୍ୱରଙ୍କର ନିକଟତର ହୋଇପାରିବ। ଅନ୍ୟତମ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଆଧ୍ୟାତ୍ମିକତା ଓ ଈଶ୍ୱରପ୍ରାପ୍ତି ନେଇ ଉଦ୍‌ବୋଧନ ଦେଇଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବଳିଆପଣ୍ଡାସ୍ଥିତ ଅନୁଷ୍ଠାନରେ ଆୟୋଜିତ ସମ୍ମିଳନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ, ୩ ଗିରଫ

**ନିମାପଡ଼ା,୩୧।୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ପୂର୍ବ ଶତ୍ରୁତା, ଜାଗାବାଡ଼ି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ରକ୍ତାକ୍ତ ସଂଘର୍ଷ ହୋଇଛି। ଏ ନେଇ ୨ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୋଲିସ ଉଭୟ ପକ୍ଷର ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର କୈଳାସ ମହାନ୍ତି, ବିଶ୍ୱଜିତ ମହାନ୍ତି ଓ ଅଶୋକ ବେହୁରା। ସୂଚନାଯୋଗ୍ୟ, କୈଳାସ ଓ ସୁଧୀର ବେହେରାଙ୍କ ପରିବାର ମଧ୍ୟରେ ପୂର୍ବରୁ ଜାଗାବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଶନିବାର ଏହି କାରଣକୁ ନେଇ ଦୁଇ ପରିବାର ମଧ୍ୟରେ ହଠାତ ମାରପିଟ ହୋଇଥିଲା। ଏଥିରେ ୩ଜଣ ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପରେ କୈଳାସ ୩ଜଣ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପରିବାରର ସୁଧୀର ୫ଜଣ ଆକ୍ରମଣକାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୨ଟି ପୃଥକ ମାମଲା (ନଂ. ୪୩, ୪୪/୨୧) ରୁଜୁ କରିବା ସହ ତଦନ୍ତ କରି ୩ଜଣଙ୍କୁ ଗିରଫ କରିଥିଲା।

## ଶିଶୁପୁତ୍ର ଗୁପ୍ତାଙ୍ଗରେ ଚେଙ୍କ

**ଗୋପ, ୩୧।୧(ଡି.ଏନ୍.ଏ.)**

**ନାବାଳକ ଓ ତାଙ୍କ ପରିବାର ନାଁରେ ଥାନାରେ ଅଭିଯୋଗ**

ଗୋପ ଥାନା ଅନ୍ତର୍ଗତ ହେଲାରି ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ୪ ବର୍ଷର ଶିଶୁପୁତ୍ରର ଗୁପ୍ତାଙ୍ଗ ସମେତ ଶରୀରର ଏକାଧିକ ସ୍ଥାନରେ ଚେଙ୍କ ଦିଆଯାଇଛି। ପାରିବାରିକ ବିପଦକୁ କେନ୍ଦ୍ରକରି ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳକ ଏପରି କାଣ୍ଡ ଘଟାଇଛନ୍ତି। ଏନେଇ ରବିବାର ସକାଳେ ଶିଶୁର ପରିବାର ପକ୍ଷରୁ ଅଭିଯୋଗ ପରେ ଗୋପ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ ଯେ, ହେଲାରି ଗ୍ରାମର ଶିବିର ବାରିକଙ୍କ ୪ବର୍ଷର ଶିଶୁପୁତ୍ର ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ନାବାଳକ ଜଣକ ହଠାତ୍ ପହଞ୍ଚି ହାତରେ ଧରିଥିବା ଏକ ଗରମ ଲୁହାରେ ଚେଙ୍କ ଦେଇଥିଲେ। ଶିଶୁଟି କଷ୍ଟରେ ଚିତ୍କାର କରି ଦୌଡୁଥିଲେ ମଧ୍ୟ ନାବାଳକ ଜଣକ ଅତି ନୃଶଂସ ଭାବେ ତା' ଗୁପ୍ତାଙ୍ଗ ସମେତ ଦେହସାରା ଗରମ ଲୁହାକୁ ଲଗାଇ ଦୌଡ଼ି ପଳାଇଥିଲେ। ଶିଶୁପୁତ୍ରଟି ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପରିବାର ଲୋକେ ପହଞ୍ଚି ତାଙ୍କୁ ସଙ୍ଗେ ସଙ୍ଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଗୋପବନ୍ଧୁ ପଟ୍ଟନାୟକ ଓ ଅମିତାଭ ସ୍ୱାଇଁ ତୁରନ୍ତ ଚିକିତ୍ସା କରିବାରୁ ସେ ଏବେ ସୁସ୍ଥ ଥିବା ଜଣାପଡିଛି। ଅଭିଯୋଗ ପରେ ଗୋପ ଥାନା ଏସ୍ଆଇ ଓ ଜଣେ ଏଏସ୍ଆଇ ହେଲାରି ଗ୍ରାମରେ ପହଞ୍ଚି ତଦନ୍ତ କରିବାବେଳେ ସମ୍ପୃକ୍ତ ନାବାଳକ ଓ ତାଙ୍କ ପରିବାର ସଦସ୍ୟ ଗାଁ ଛାଡ଼ି ପଳାଇଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନି। ତେବେ ବାହାରେ ରହି ନାବାଳକଙ୍କ ପରିବାର ଲୋକେ ଶିଶୁ ପୁତ୍ରର ବାପା ଶିବିରଙ୍କୁ ଧମକ ଦେଉଥିବା ସେ ପୋଲିସକୁ ଜଣାଇଛନ୍ତି। ଘଟଣାର ଆପୋସ ସମାଧାନ ପାଇଁ ୨ପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଗଙ୍ଗାଧର ନାୟକ କହିଛନ୍ତି।

## ସାମୂହିକ ସୂର୍ଯ୍ୟ ନମସ୍କାର

**ବ୍ରହ୍ମଗିରି,୩୧।୧(ଡି.ଏନ୍.ଏ.)**

ବ୍ରହ୍ମଗିରିରେ ହରିଶ୍ୱର ଦେବ ଯୋଗ ପ୍ରତିଷ୍ଠାନ ତରଫରୁ ରବିବାର ସାମୂହିକ ସୂର୍ଯ୍ୟ ନମସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଣସପଦା +୩ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଭାରତୀର ପୁରୀ ଜିଲା ସମ୍ପାଦକ ରଘୁନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୫ ଜଣ ସଭ୍ୟା ଓ ସଭ୍ୟ ଯୋଗଦେଇ ସାମୂହିକ ସୂର୍ଯ୍ୟ ନମସ୍କାର କରିଥିଲେ। ପରେ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିଥିଭାବେ ସତ୍ୟନାରାୟଣ ପ୍ରଧାନ, ସତ୍ୟପ୍ରିୟ ସୁଆର, ରବୀନ୍ଦ୍ର ପ୍ରଧାନ ଓ ବାମନ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଗୋପୀନାଥ ମନ୍ଦିରରୁ ୪ ମୂର୍ତ୍ତି ଚୋରି

**ପିପିଲି,୩୧।୧(ସ୍ୱ.ପ୍ର.)**

ପିପିଲି ଥାନା ଅନ୍ତର୍ଗତ କାକୁଡ଼ିଆସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିରରୁ ୪ଟି ଅଷ୍ଟଧାତୁ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ମନ୍ଦିରର ଗ୍ରୀଲ ତାଲା ଭାଙ୍ଗି ମନ୍ଦିର ଭିତରେ ପଶି ଚଳନ୍ତି ପ୍ରତିମା ରାଧା, କୃଷ୍ଣ, ମହାଲକ୍ଷ୍ମୀ ଓ ନାରାୟଣ ମୂର୍ତ୍ତିକୁ ଚୋରି କରି ନେଇଛନ୍ତି। ସକାଳୁ ମନ୍ଦିର ପୂଜକ ଜନାର୍ଦ୍ଦନ ଦୀକ୍ଷିତ ମନ୍ଦିର ଖୋଲିବାକୁ ଆସିଥିବାବେଳେ ଚୋରି ହୋଇଥିବା ଜାଣି ଥାନାକୁ ଜଣାଇଥିଲେ। ଏ ନେଇ ପୋଲିସ ନଂ.୫୧/୨୧ରେ ଏକ ମାମଲା ରୁଜୁ ହୋଇଛି। ଖବର ପାଇ ପିପିଲି ଏଏସ୍ଆଇ ପ୍ରକାଶ କୁମାର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ସେହିପରି ପୁରୀରୁ ସାଇଣ୍ଟିଫିକ ଅଫିସର ଏମ.ସରନ୍ୟାଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ମନ୍ଦିରକୁ ଆସି ମୂର୍ତ୍ତି ଥିବା ୨ପିତଳ ଖଟୁଲିରୁ ଆଙ୍ଗୁଳି ଓ ପାଦ ଛାପ ସଂଗ୍ରହ ସହ ତଦନ୍ତ କରିଛନ୍ତି।

## ସହର ଖବର

### ଗାନ୍ଧୀଙ୍କ ପ୍ରସଙ୍ଗରେ ବିବାଦୀୟ ମନ୍ତବ୍ୟକୁ ନିନ୍ଦା କଲା ଏଏପି

**ପୁରୀ ଅଫିସ,୩୧।୧:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନେଇ ସୋସିଆଲ ମିଡ଼ିଆରେ ଘୁରିବୁଲୁଥିବା ବିବାଦୀୟ ଓ ଅଶାଳୀନ ମନ୍ତବ୍ୟକୁ ପୁରୀ ଜିଲା ଆମ୍ ଆଦ୍‌ମୀ ପାର୍ଟି କଡ଼ା ସମାଲୋଚନା କରିଛି। ପାର୍ଟିର ଆବାହକ ସଞ୍ଜୀବ କୁମାର ମହାନ୍ତି କହିଛନ୍ତି ଯେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅବଦାନ ଏ ଦେଶ କେବେ ମଧ ଭୁଲି ପାରିବ ନାହିଁ। ମାତ୍ର ଦେଶରେ ଏବେ ବି କେତେଜଣ ଏଭଳି ଦୁର୍ବଳ ମାନସିକତାର ବ୍ୟକ୍ତି ରହିଛନ୍ତି ଯେଉଁମାନେ ନାଥୁରାମଙ୍କ ଭଳି ହତ୍ୟାକାରୀଙ୍କୁ ମହାନ ବୋଲି ପରିଚୟ ଦେଇ ଗାନ୍ଧୀଙ୍କୁ ନିନ୍ଦା କରୁଛନ୍ତି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟ ଘୁରି ବୁଲିବା ନିହାତି ଅକ୍ଷମଣୀୟ ପ୍ରସଙ୍ଗ। ଏଣୁ ପ୍ରଶାସନ ଏଭଳି କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

### ଚାଲିଛି ରାମମନ୍ଦିର ପାଇଁ ନିଧି ସଂଗ୍ରହ

**ପୁରୀ ଅଫିସ,୩୧।୧:** ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ପୁରୀ ସହରରେ ନିଧି ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଛି। ରବିବାର ପୋଲିସ ବିଭାଗର ଅନେକ କର୍ମଚାରୀ ଅର୍ଥ ଦେଇଥିବାବେଳେ ହାବିଲଦାର ପ୍ରକାଶ ଆଚାର୍ଯ୍ୟ ସର୍ବାଧିକ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ସଙ୍ଗଠନକୁ ସେ ଏହି ଅର୍ଥ ଦାନ କରିଛନ୍ତି।

### ସାହି ବୁଲି ସ୍ୱଚ୍ଛତା ଅଭିଯାନର ସମୀକ୍ଷା କଲେ ଜିଲାପାଳ

**ପୁରୀ ଅଫିସ,୩୧।୧:** ପୁରୀ ସହରରେ ସ୍ୱଚ୍ଛତା ଅଭିଯାନ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସହରର ବିଭିନ୍ନ ଲେନ୍‌ରେ ସଫେଇ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଜିଲାପାଳ ସମର୍ଥ ବର୍ମା ରବିବାର ଗଳିକନ୍ଦିରେ ବୁଲି ସ୍ୱଚ୍ଛତା ଅଭିଯାନର ସମୀକ୍ଷା କରିଛନ୍ତି। ସେ ସ୍ୱଚ୍ଛତା ଓ ଆବର୍ଜନା ସଂଗ୍ରହ ସମ୍ପର୍କରେ ବିଭିନ୍ନ ଲେନ୍ କମିଟି ଓ ସାହି ବାସିନ୍ଦାଙ୍କ ମତ ନେଇଛନ୍ତି। ସେହିଭଳି ଅନେକ ସାହିର କାର୍ଯ୍ୟକ୍ରମରେ ଜିଲାପାଳ ନିଜେ ଯୋଗଦେଇ ସଫେଇ କରିଛନ୍ତି। ପୌରାଞ୍ଚଳ ଅଧୀନ ୧, ୫, ୬, ୧୯, ୨୦ ଓ ୨୧ ନମ୍ବର ୱାର୍ଡର ସଫେଇ କାର୍ଯ୍ୟକ୍ରମରେ ଜିଲାପାଳ ସାମିଲ ହୋଇଥିଲେ। ଏହି ଅବସରରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଫିଡ୍‌ବ୍ୟାକ୍ ଫାଉଣ୍ଡେଶନ ସଂସ୍ଥାର ଜ୍ୟୋତି ପ୍ରକାଶ, ସ୍ୱଚ୍ଛ ସାଥୀ ଓ ୱାର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସଚେତନତା ପାଇଁ ସାଇକ୍ଲୋଥନ



ସାଇକ୍ଲୋଥନରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

**ପୁରୀ ଅଫିସ,୩୧।୧:** କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସାଇକ୍ଲୋଥନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସାଇକ୍ଲୋଥନ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ବାହାରି ଟାଉନହଲ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଆଇଓସିଏଲ୍‌ର ସିଜିଏମ୍‌ଙ୍କ ସମେତ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନର ସଦସ୍ୟ ଏବଂ ଆଇଓସିଏଲ୍ କର୍ମଚାରୀ ସାମିଲ ହୋଇଥିଲେ। ଶରୀରକୁ ସୁସ୍ଥ ରଖିବା ଓ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ରାମମନ୍ଦିରକୁ ଦାନ ଲାଗି କୁମ୍ଭି ଭାଙ୍ଗିଲେ ଛାତ୍ରୀ



ଗାୟତ୍ରୀ କୁମ୍ଭି ଅର୍ଥ ଦାନ କରୁଛନ୍ତି।

**ଗୋପ,୩୧।୧(ଡି.ଏନ୍.ଏ.)**

ଜେଜେମାଆ ମୀନାକ୍ଷୀ ପୁଷ୍ଟିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୁରୀ ଜିଲା ଗୋପ ବ୍ଲକ ସୁବର୍ଣ୍ଣପୁର ଗ୍ରାମର ୧୦ ବର୍ଷୀୟା ଛାତ୍ରୀ ଗାୟତ୍ରୀ ନିଜର ସଞ୍ଚିତ ଅର୍ଥକୁ ରବିବାର ରାମମନ୍ଦିର ନିର୍ମାଣ ନିମନ୍ତେ ଦାନ କରିବା ସହ ଅନ୍ୟଙ୍କ ଲାଗି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ, ଅଯୋଧାରେ ରାମମନ୍ଦିର ନିର୍ମାଣ ନିମନ୍ତେ ଅର୍ଥ ଲାଗି ରବିବାର କୋଣାର୍କ ବିଶ୍ୱ ହିନ୍ଦୁ ପରିଷଦର କେତେଜଣ ସଦସ୍ୟ ସାମାଜିକ କର୍ମୀ ମିନାକ୍ଷୀ ପୁଷ୍ଟିଙ୍କ ଘରେ ପହଞ୍ଚିଥିଲେ। ମିନାକ୍ଷୀ ଅର୍ଥ ଦେଉଥିବାବେଳେ ଘରେ ଥିବା ନାତୁଣୀ ଏହା ଦେଖି ସ୍ୱତଃ ପ୍ରବୃତ୍ତ ଭାବେ ହାତଖର୍ଚ୍ଚ ଲାଗି ଦେଉଥିବା ମାଆଙ୍କ ଏହି ଅର୍ଥକୁ ରଖିଥିବା କୁମ୍ଭି(ସରାଗାତ) ଭାଙ୍ଗିଥିଲେ। ସେଥିରୁ ବାହାରିଥିବା ୬,୬୬୬ ଟଙ୍କାକୁ ରାମମନ୍ଦିର ନିର୍ମାଣ ନିମନ୍ତେ ଦାନ କରିଥିଲେ। ଗାୟତ୍ରୀ ନିମାପଡ଼ା ଡିଏସ୍‌ପି ପବ୍ଲିକ ସ୍କୁଲର ୪ର୍ଥ ଶ୍ରେଣୀରେ ପଢୁଛନ୍ତି। ଗାୟତ୍ରୀ କହିଛନ୍ତି ଯେ ଜେଜେମାଆ, ଜେଜେବାପାଙ୍କ ସହ ବୋଉଙ୍କ ଅନ୍ୟଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ଓ ନୀତି ଆଦର୍ଶରେ ମୁଁ ଅନୁପ୍ରାଣିତ ହୋଇଛି।

## ମହାବୀର କ୍ରିକେଟ୍ କ୍ଲବ ଚାମ୍ପିୟନ





**କଣାସ, ୩୧।୧(ସ୍ୱ.ପ୍ର.)**

**ମା' ମଙ୍ଗଳା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

କଣାସ ବ୍ଲକର କାଦୁଆ ଗ୍ରାମପଞ୍ଚାୟତ ଅଧୀନ ସାହସପୁର ଗ୍ରାମ ଖେଳପଡ଼ିଆରେ ମା' ମଙ୍ଗଳା କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ନାମେଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରୟାଲ କ୍ରିକେଟ୍ କ୍ଲବ ରକ୍ତପଟାକୁ ହରାଇ ମହାବୀର କ୍ରିକେଟ୍ କ୍ଲବ ସାହୁପଡ଼ା ଚାମ୍ପିୟନ ହୋଇଛି। ରୟାଲ କ୍ରିକେଟ୍ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ୍ ହରାଇ ୧୦୭ ରନ୍ କରିଥିଲା। ଜବାବରେ ମହାବୀର କ୍ରିକେଟ୍ କ୍ଲବ ୧୦.୩ ଓଭରରେ ୧୦୮ରନ୍ କରି ମ୍ୟାଚ ଜିତିଥିଲା। ମହାବୀର କ୍ରିକେଟ୍ କ୍ଲବର ସୋନୁ ଶ୍ରୀଚନ୍ଦନ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ ସି ସିରିଜ୍ ବିବେଚିତ ହୋଇଥିଲେ। ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ, ପୂର୍ବତନ ଉପାଧ୍ୟକ୍ଷ ଶିଶିର ହରିଚନ୍ଦନ, ମଣ୍ଡଳ ସଭାପତି ଅଜୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ମହାବୀର କ୍ରିକେଟ୍ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୭ହଜାର ଟଙ୍କା ଏବଂ ରୟାଲ କ୍ରିକେଟ୍ କ୍ଲବକୁ ରନର୍ସ କପ୍ ସହ ୫ହଜାର ଟଙ୍କା ପ୍ରଦାନ କରିଥିଲେ।

## ୧, ୬୪, ୨୨୨ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

**ପୁରୀ ଅଫିସ,୩୧।୧**

ପୁରୀ ଜିଲାରେ ରବିବାରଠାରୁ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାର ୧ ଲକ୍ଷ ୬୪ ହଜାର ୨୨୨ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ୧ ଲକ୍ଷ ୮୩ ହଜାର ୫୦୮ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିବାବେଳେ ୮୯.୪୯ ପ୍ରତିଶତ ଶିଶୁଙ୍କର ଟିକାକରଣ କରାଯାଇଛି। ପେଣ୍ଠକଟା ସେଚନ ବିହାର ସ୍କୁଲରେ ଜିଲାପାଳ ସମର୍ଥ ବର୍ମା ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୭୬୬ଟି ବୁଥ୍‌ରେ ପୋଲିଓ ବୁନ୍ଦା ଦିଆଯାଇଛି। ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଶ୍ରୀମନ୍ଦିର ନିକଟବର୍ତ୍ତୀ ଓ ବେଳାଭୂମି ଅଞ୍ଚଳ, ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମେତ ବସ୍ତି ନିକଟସ୍ଥ ୫୬ଟି ସ୍ଥାନରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ସୋମବାରଠାରୁ ୨୪ଟି ଭ୍ରାମ୍ୟମାଣ ଟିମ୍ ଘର ଘର ବୁଲି ପୋଲିଓ ବୁନ୍ଦା ଦେବେ। ସେହିପରି ୩୦୬୪ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଅଲଗୁମରେ ୧୦, ୭୨୩, ଅସ୍ତରଙ୍ଗରେ ୫୭୧୯, ବାଙ୍ଗୁରିଗାଁରେ ୬୯୭୪, ଚନ୍ଦନପୁରରେ ୧୩,୬୩୧, ଚାରିଛକରେ ୧୮,୫୫୦, ନୂଆପଡ଼ାରେ ୭,୫୦୯, ଡେଲାଙ୍ଗରେ ୧୧, ୬୭୨, ଗୋପରେ ୧୪, ୪୧୮, କଣାସରେ ୧୧,୭୫୦, ମଙ୍ଗଳପୁରରେ ୧୦,୯୧୩ ଓ ନୂଆଗାଁରେ ୧୧, ୧୨୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଏହିକ୍ରମରେ ଜିଲାର ଗ୍ରାମୀଣ ଅଞ୍ଚଳରେ ପ୍ରଥମ ଦିନରେ ସମୁଦାୟ ୧ ଲକ୍ଷ ୨୨ ହଜାର ୯୮୬ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟର ୯୪.୪୫ ପ୍ରତିଶତ ସଫଳ ହୋଇଛି। ସେହିଭଳି ସହରାଞ୍ଚଳର କୋଣାର୍କରେ ୨୬୭୪, ନିମାପଡ଼ାରେ ୨୮୭୫, ପିପିଲିରେ ୧୫୦୦ ଓ ପୁରୀ ସହରାଞ୍ଚଳରେ ୩୪,୧୬୭ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି।



ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି।

## ପ୍ରତାରଣା, ଯୁବକ ଗିରଫ

ଜଟଣୀ,(ଡି.ଏନ୍.ଏ.): ଜଟଣୀ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପିପିଲି ଥାନା ଅଧୀନ ସାମପୁର ଗ୍ରାମର ସନ୍ତୋଷ ପୁହାଣ। ସୂଚନାଯୋଗ୍ୟ, ଉକ୍ତ ଯୁବତୀଙ୍କୁ ସନ୍ତୋଷ ପ୍ରେମ କରୁଥିବାବେଳେ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିବାରୁ ସନ୍ତୋଷ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୮/୨୧) ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ୧,୧୮, ୦୭୪ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ଖୋର୍ଦ୍ଧା ଅଫିସ, ୩୧।୧:** ଖୋର୍ଦ୍ଧା ଜିଲାରେ ରବିବାର ପଲ୍ସ ପୋଲିଓ ଅଭିଯାନର ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ଏଡିଏମ୍‌ଓ ଦ୍ୱାରିକାନାଥ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଏମ୍‌ସିକୁ ବାଦ ଦେଇ ଜିଲାରେ ୧,୨୮,୨୫୦ ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ରହିଥିବା ବେଳେ ପ୍ରଥମ ଦିନରେ ୧,୧୮,୦୭୪ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଛନ୍ତି। ୯୨ ପ୍ରତିଶତ ଶିଶୁ ଟିକା ନେଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିଲାଗି ୫୯୧ ବୁଥ, ୪୦ଟି ଟ୍ରାଞ୍ଜିଟ୍ ପଏଣ୍ଟ ଏବଂ ୨୨ଟି ମୋବାଇଲ ୟୁନିଟ୍ କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର ଓ ଟିକାଦାନ କେନ୍ଦ୍ରରେ ଶୂନରୁ ୫ବର୍ଷ ବୟସର କମ୍ ପିଲାଙ୍କୁ ଏହି ଟିକା ଦିଆଯାଇଛି। ଏଥିସହିତ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ବସ୍ତି ଅଞ୍ଚଳରେ ମଧ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। କୌଣସି ଶିଶୁ ଯେପରି ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ସନତ ମହାନ୍ତି ସମ୍ପୃକ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

### ପ୍ରତି ହୃଦୟରେ ଶ୍ରୀରାମ ଆଦର୍ଶର ମୂଲ୍ୟ ପ୍ରତିଷ୍ଠା ହେଉ

**ଖୋର୍ଦ୍ଧା ଅଫିସ, ୩୧।୧:** ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନିଧି ସମର୍ପଣ ସମିତି ପକ୍ଷରୁ ନିଧି ସମର୍ପଣ ଏବଂ ସମ୍ପର୍କ ଅଭିଯାନ ଜାରି ରହିଛି। ମନ୍ଦିର ନିର୍ମାଣରେ ସମସ୍ତ ଭାରତୀୟଙ୍କ ସହଯୋଗ ଏହି ସମ୍ପର୍କ ଅଭିଯାନର ଲକ୍ଷ୍ୟ। ମନ୍ଦିର ନିର୍ମାଣ ସହ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଶ୍ରୀରାମଙ୍କ ଆଦର୍ଶର ମୂଲ୍ୟ ପ୍ରତିଷ୍ଠା ହେଉ ବୋଲି ବିଶ୍ୱହିନ୍ଦୁ ପରିଷଦ ଖୋର୍ଦ୍ଧା ଖଣ୍ଡ ପକ୍ଷରୁ ରବିବାର ଟାଉନହଲ୍‌ରେ ଆୟୋଜିତ ଶ୍ରୀରାମ ଜନ୍ମଭୂମି ନିଧି ସମର୍ପଣ ଅଭିଯାନ ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ପ୍ରାନ୍ତ ଅଧକ୍ଷ ଡ. ନଗେନ ଦେବତା କହିଛନ୍ତି। ଖୋର୍ଦ୍ଧା ଖଣ୍ଡ ପକ୍ଷରୁ ଗତ ଜାନୁୟାରୀ ୧୭ରେ ଗୀତାଭବନରୁ ବାହାରିଥିବା ଭବ୍ୟ ରଥ ଖୋର୍ଦ୍ଧା ଓ ଜଟଣୀ ବ୍ଲକର ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଅଭିଯାନ ପ୍ରମୁଖ ବିଭୁଧେନ୍ଦ୍ର ବିଦ୍ୟାଧର, ସ୍ୱାମୀ ସଦାନନ୍ଦ ମହାରାଜ, ବିଶ୍ୱଚୈତନ୍ୟ ମହାରାଜ, ଶ୍ରୀରାମ କଥାକାର ଗୁରୁଚରଣ ମହାପାତ୍ର, ଭିଏଚପିର ସହ ପ୍ରାନ୍ତ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜିବୀ ଶକ୍ତିଶଙ୍କର ମିଶ୍ର ସ୍ୱାଗତ ଭାଷଣ, ବିନୋଦ ଗଜେନ୍ଦ୍ର ଅଭିଯାନ ସମ୍ପର୍କରେ ବିବରଣୀ ଦେଇଥିଲେ। ସମରେନ୍ଦ୍ର ଶତପଥୀ, ପୁରୀ ବିଭାଗ ଧର୍ମଜାଗରଣ ପ୍ରମୁଖ ଜୟନ୍ତ ସାହୁ, ପ୍ରଖଣ୍ଡ ସହସମ୍ପାଦକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

**ବୋଲଗଡ଼, ୩୧।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ କନ୍ତାଇଲୋ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାର ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଖଙ୍ଗୁରିଆ କ୍ରିକେଟ ଟିମ୍‌କୁ ୧୪ ରନରେ ହରାଇ ଭାପୁର ବ୍ଲକର ବାରବାଟୀ କ୍ରିକେଟ ଟିମ୍ ବିଜୟୀ ହୋଇଛି। ବାରବାଟୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯. ୪ ଓଭରରେ ୧୧୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଖଙ୍ଗୁରିଆ ଟିମ୍ ୧୮. ୪ ଓଭରରେ ଅଲ୍‌ଆଉଟ ହୋଇଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପାର ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସିପୁନ ପ୍ରଧାନ ଓ ଶଙ୍କର ସୁନ୍ଦରାୟ ଖେଳ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଟାଙ୍ଗୀ (ଖୋର୍ଦ୍ଧା),୩୧।୧(ଡି.ଏନ୍.ଏ.):** ମୟୂରଝାଲିଆ ହାଇସ୍କୁଲର ୧୯୭୧ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ କମାଗୁରୁସ୍ଥିତ ମା' ମହୁଲାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପୁରାତନ ସ୍ମୃତିକୁ ମନେପକାଇବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ତତ୍କାଳୀନ ଶିକ୍ଷକ ଭଗବାନ ନନ୍ଦ, ବ୍ରଜେନ୍ଦ୍ର ନାରାୟଣ ମହାପାତ୍ର, ଭାଗୀରଥି ରାଉତରାୟ, ହୃଷୀକେଶ ପ୍ରଧାନଙ୍କୁ ଛାତ୍ରୀଛାତ୍ରମାନେ ସମ୍ମାନିତ କରିଥିଲେ। ନଟବର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀ ନାରାୟଣ ମହାନ୍ତି ପରିଚାଳନା କରିଥିଲେ। ସୁଧାକର ରଣସିଂହ ଧନ୍ୟବାଦ ଦେଇଥିଲେ।

# ଜବତ ଜେସିବି ଛଡ଼ାଇନେଲେ ପଥର ମାଫିଆ

**ବାଣପୁର, ୩୧।୧(ଡି.ଏନ୍.ଏ)**

ଟାଙ୍ଗୀ ରେଞ୍ଜ ଅଧୀନ ଚକଡ଼ାପଥର ଡିପିଏଫ ଅଞ୍ଚଳରେ ପଥର ଖନନକୁ ନେଇ ରବିବାର ପଥର ମାଫିଆ ଓ ବନ ବିଭାଗର କର୍ମଚାରୀମାନେ ମୁହାଁମୁହିଁ ହୋଇଛନ୍ତି। ପଥର ମାଫିଆମାନେ ଏକ ଜବତ ଜେସିବିକୁ ବଳପୂର୍ବକ ଛଡ଼ାଇ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରବିବାର ବନ ବିଭାଗ ପକ୍ଷରୁ ପୂର୍ବ ଯୋଜନା ମୁତାବକ ଚକଡ଼ା ପଥର ଡିପିଏଫରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସେଠାରେ ଏକ ଜେସିବି ମାଟି କାଢି ସମତଳ କରି ପଥର କାଟିବା ପାଇଁ ପ୍ରସ୍ତୁତ ହେଉଥିଲା। ତେବେ ଉପସ୍ଥିତ


ଜବତ ହୋଇଥିବା ଜେସିବି ।

ପଥରମାଫିଆମାନେ ଏହି ଚଢ଼ାଉ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ରାସ୍ତା ଉପରକୁ ଚାଲିଆସି ଜେସିବି ଛାଡ଼ି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତାହାକୁ ଜବତ କରିଥିଲେ। ପରେ ଜବତ ଜେସିବିକୁ ଅନ୍ୟ ଏକ ଚାବିରେ ଷ୍ଟାର୍ଟ କରି ଫେରୁଥିବାବେଳେ ନାରୁଣୀ ନିକଟ ସଲପଡିହଠାରେ ପୋଲିସ ଉପସ୍ଥିତିରେ କେତେଜଣ ବ୍ୟକ୍ତି ପହଞ୍ଚି ବନ ବିଭାଗ କର୍ମଚାରୀଙ୍କଠାରୁ ଜୋରଜବରଦସ୍ତ ଜେସିବିକୁ ଛଡାଇ ନେଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମକଦ୍ଦମା ରୁଜ କରାଯାଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ସମ୍ପୃକ୍ତ ରେଞ୍ଜରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଉଲ୍ଲେଖ ଥାଉକି, ବାଣପୁର, ଗମ୍ଭାରୀମୁଣ୍ଡା, ବାଲୁଗାଁ, ନାରୁଣି, ଟାଙ୍ଗୀ ଆଦି ଅଞ୍ଚଳରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାକୁ ପ୍ରଶାସନ ଚେଷ୍ଟା କଲେ ସୁଦ୍ଧା ମାଫିଆମାନେ ପଥରଖଣିରୁ ମାଙ୍କଡ଼ା ପଥର ଓ ମୋରମ ଆଦି ଲୁଟି ନେବାରେ ସଫଳ ହେଉଛନ୍ତି। ଏପରିକି ଏହାକୁ କେନ୍ଦ୍ରକରି ବେଳେବେଳେ ପଥୀର ମାଫିଆଙ୍କ ସହ ବନ ବିଭାଗର କର୍ମଚାରୀଙ୍କୁ ମୁହାଁମୁହିଁ ହେବାକୁ ପଡୁଛି। ଏହା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

# ନୂଆପଡ଼ାରୁ ଭୁବନେଶ୍ୱର ସାଇକେଲ ଯାତ୍ରା

**ଖୋର୍ଦ୍ଧା ଅଫିସ, ୩୧।୧**

ନୂଆପଡ଼ା ଜିଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ଚାଲିଛି। କଟ୍‌ନୀ ଛଟ୍‌ନୀ ଯୋଗୁ ଚାଷୀ ଶୋଷିତ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ନୂଆପଡ଼ା ଦଳିତ ଅଧିକାର ମଞ୍ଚ ପକ୍ଷରୁ କୃଷିମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଲାଗି ସାଇକେଲ ଯାତ୍ରା ବାହାରିଛି। ରବିବାର ଏହି ସାଇକେଲ ଯାତ୍ରା ଖୋର୍ଦ୍ଧାରେ ପହଞ୍ଚିଛି। ପିସିସି ମୁଖପାତ୍ର ଅମିତ ମହାନ୍ତି, ଯୁବ କଂଗ୍ରେସ ନେତା ପ୍ଲାବନ ପଟ୍ଟନାୟକ, ରଞ୍ଜିତ ମହାପାତ୍ର ପ୍ରମୁଖ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏହି ସାଇକେଲ ଯାତ୍ରାକୁ ସ୍ୱାଗତ କରିଥିଲେ।

ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ


ନୂଆପଡ଼ା ଦଳିତ ଅଧିକାର ମଞ୍ଚ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

**ଧାନକିଣାରେ ଦୁର୍ନୀତିର ପ୍ରତିବାଦ**

ବାହାରିଥିବା ଏହି ଶୋଭାଯାତ୍ରାରେ ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, କୋମନା ବ୍ଲକ ସଭାପତି ଖଗେଶ୍ୱର ଦୀପଙ୍କ ସମେତ ଶତାଧିକ କର୍ମୀ ଓ ଚାଷୀ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ତାଣ୍ଡି କହିଛନ୍ତି, ରାଜ୍ୟର ଅଧିକାଂଶ ମଣ୍ଡିରେ ଲକ୍ଷାଧିକ କୁଇଣ୍ଟାଲ ଧାନ ବ୍ରିକି ନ ହୋଇ ପଡ଼ିରହିଛି। ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ମଣ୍ଡିରେ କଟନୀ ଛଟନୀ ଚାଲିଛି। ଚାଷୀ ଶୋଷଣର ଶିକାର ହେଉଛନ୍ତି। ପ୍ରକୃତ ଚାଷୀଙ୍କୁ ଟୋକନ ମିଳି ନ ଥିବା ବେଳେ ନକଲି ଚାଷୀ ଧାନ ବିକ୍ରି କରିଚାଲିଛନ୍ତି। ଫଳରେ ପ୍ରକୃତ ଚାଷୀ ଅଭାବୀ ବ୍ରିକିର ସମ୍ମୁଖୀନ ହେଉଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୩୧।୧(ଡି.ଏନ.ଏ)**

ଖୋର୍ଦ୍ଧା ବନଖଣ୍ଡର ଟାଙ୍ଗୀ ରେଞ୍ଜର ଜଙ୍କିଆ ଥାନା ଅଞ୍ଚଳରେ ରବିବାର ୨ଟି ହାତୀ ପଶିଯାଇ ଆତଙ୍କ ଖେଳାଇଛନ୍ତି। ଫଳରେ ଜମିକୁ ଯାଇଥିବା ଜଣେ ବୃଦ୍ଧ ହାତୀ ହାବୁଡ଼ରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଟାଙ୍କୋଳ ପଞ୍ଚାୟତ ଟାଙ୍କୋଳ ଦୁର୍ଗାମଣ୍ଡପ ସାହିର ବାଉରିବନ୍ଧୁ ସ୍ୱାଇଁ(୬୫)। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବାଉରି ସବୁଦିନ ଭଳି ରବିବାର ସକାଳେ କଳବଲିଆ ନଦୀ ପାଖରେ ଥିବା ମା ଉଗ୍ରତାରା ମନ୍ଦିର ନିକଟସ୍ଥ କାଜୁ ଜଙ୍ଗଲକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ବାଉରି ଘରକୁ ଆସି ନ ଥିବାରୁ ପରିବାର ଲୋକ ଖୋଜିବାକୁ ଯାଇଥିଲେ। ଜମିଆଡ଼େ ଯିବାବେଳେ ୨ଟି ହାତୀ ଥିବା ସହ ବାଉରି ନିକଟରେ ମରିପଡ଼ିଥିବାର ଦେଖିଥିଲେ। ହାତୀଦ୍ୱୟ ମୃତଦେହ ପାଖରେ ଛିଡ଼ା ହୋଇଥିବାବେଳେ ଭୟରେ ପରିବାର ଲୋକେ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିବା ସହ ବନ ବିଭାଗକୁ ଜଣାଇଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ବନ ବିଭାଗ କର୍ମଚାରୀ ପହଞ୍ଚି ନ ଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ସାଧୁଚରଣ ସିଂଙ୍କୁ ପଚାରିବାରେ ଆମେ ଖବର ପାଇ ଯାଉଛୁ ବୋଲି କହିଛନ୍ତି। ଏହି ଟାଙ୍ଗୀ ରେଞ୍ଜ ମଧ୍ୟରେ ହାତୀ ଆକ୍ରମଣରେ ମୃତ୍ୟୁ ହେବା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ା ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ଚନ୍ଦକା ଅଞ୍ଚଳରୁ ଖସି ଆସି ଏକ ୨୮ଟିକିଆ ହାତୀପଲ ଖୋର୍ଦ୍ଧା ବନଖଣ୍ଡରେ ରହିଛନ୍ତି। ଗତ କିଛି ମାସ ହେଲା ଖୋର୍ଦ୍ଧା ଓ ଟାଙ୍ଗି ବନାଞ୍ଚଳରେ ଏହି ହାତୀପଲ ଗାଁମୁହାଁ ହୋଇ ଉପଦ୍ରବ କରୁଛନ୍ତି।

# ରାଜ୍ୟସ୍ତରୀୟ ଫୁଟବଲ୍, ଯଦୁମଣି ସ୍ପୋର୍ଟସ୍ ଚାମ୍ପିୟନ

**ନିରାକାରପୁର,୩୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ଛଣଗିରି ଖେଳପଡ଼ିଆରେ ମା' ଭଗବତୀ ଫୁଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ବାଲାଜୀ ଏକାଡେମୀ ଜଟଣୀକୁ ହରାଇ ଯଦୁମଣି ସ୍ପୋର୍ଟସ୍ କ୍ଲବ୍ ଇଟାମାଟି ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧରେ ଯଦୁମଣି କ୍ଲବ୍ ଗୋଟିଏ ଗୋଲ ଦେଇଥିବାବେଳେ ଏହାର ଜବାବରେ ଦ୍ୱିତୀୟା ଅର୍ଦ୍ଧରେ ବାଲାଜୀ ଏକାଡେମୀ ଗୋଟିଏ ଗୋଲ ମାରି ମ୍ୟାଚକୁ ବରାବର କରିଦେଇଥିଲା । ଟ୍ରାଇ ବେକରରେ ଖେଳ ହୋଇ ଯଦୁମଣି କ୍ଲବ୍ ଗୋଲ ଦେଇ ବିଜୟୀ ହୋଇଥିଲା। ଚଳିତବର୍ଷକୁ ମିଶାଇ ଏହି ପଡ଼ିଆରେ ୪ର୍ଥଥର ପାଇଁ ଯଦୁମଣି ସ୍ପୋର୍ଟସ୍ କ୍ଲବ୍ ଚାମ୍ପିଅନ ହୋଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏଥିରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଓଳସିଂହ ସରପଞ୍ଚ ପ୍ରେମାନନ୍ଦ ପରିଡା, ସରପଞ୍ଚ ଲକ୍ଷ୍ମୀଧର ବେହେରା, ସୁକାନ୍ତ ମଙ୍ଗରାଜ, ଛଣଗିରି ପଞ୍ଚାୟତ ସଭାପତି ଆନନ୍ଦ ପ୍ରଧାନ, ଅନୁଷ୍ଠାନ ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, ଚନ୍ଦନ ମିଶ୍ର ଓ ପୁଷ୍ପ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଫକୀର ଚରଣ ନିଃସଙ୍ଗ, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ ଓ ବିଶ୍ୱଜିତ୍ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଭାତ ପ୍ରହରାଜ, ପାନୁ ବେହେରା, ବିଶ୍ୱନାଥ ପ୍ରଧାନ, ଲିଙ୍ଗରାଜ ସାହୁ, ଗୁଲାମ ରସାଲ, ରାମାକାନ୍ତ ପଟ୍ଟନାୟକ, ନୃସିଂହଚରଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ଫୁଟବଲ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିଙ୍କ ସହ ଚାମ୍ପିୟନ ଯଦୁମଣି ସ୍ପୋର୍ଟସ୍ କ୍ଲବ୍‌ର ଖେଳାଳି ଓ ଅନ୍ୟମାନେ।

# ନିଶାଦ୍ରବ୍ୟ କାରବାରରେ ଲାଗୁନି ଅଙ୍କୁଶ

**ବେଗୁନିଆ,୩୧।୧(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମା ଓ ଏହି ଥାନା ଅଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ଏବେ ନିଶାଦ୍ରବ୍ୟ କାରବାର ବଢ଼ିଚାଲିଛି। ମଦ, ଗଞ୍ଜେଇ, ମାଦକ ଦ୍ରବ୍ୟ ସବୁ ଚୋରାରେ କାରବାର ହେଉଥିବାବେଳେ ପୋଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ଅଞ୍ଚଳର ଯୁବକମାନେ

- ପଶ୍ଚିମ ଓଡ଼ିଶାରୁ ଆସୁଛି ନିଶା ସାମଗ୍ରୀ
- ବର୍ଷେ ହେବ କ୍ରାଇମବ୍ରାଞ୍ଚ, ଏସ୍‌ଟିଏଫ୍‌ର ପାଦ ପଡ଼ିନି

ବିପଥଗାମୀ ହେଉଥିବା ଅଭିଯୋଗ ହେଉଛି। ବିଶେଷ କରି ଗତ ଏପ୍ରିଲ ଠାରୁ ଏବେ ସୁଦ୍ଧା ଯେତେ ପରିମାଣର ମାଦକ ଦ୍ରବ୍ୟ ଘଟଣାରେ ଗିରଫ ଓ ସରଞ୍ଜାମ ଜବତ ହୋଇଛି, ସେଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇପାରୁଛି। ଅପରପକ୍ଷେ ଗ୍ରାମାଞ୍ଚଳ ବୋଲି ଏଠାରେ ଅଧିକ ମାତ୍ରାରେ ନିଶା, ମଦ କାରବାର ହେଉଥିବା ନଜିର ରହିଛି। ଏପରିକି ପଶ୍ଚିମ ଓଡ଼ିଶାରୁ ଯାତ୍ରୀବାହୀ ବସ୍, ମୋପେଡ, କାର୍ ଯୋଗେ ଧଳାଜହର, ଗଞ୍ଜେଇ, ବ୍ରାଉନସୁଗାର ଆସି ଏଠାରେ କାରବାର ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଗୋଷ୍ଠୀ ରହି ନିଶାଦ୍ରବ୍ୟକୁ ଅନ୍ୟତ୍ର ପଠାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ହେଲେ ଏହି କାରବାରକୁ ରୋକିବା ପାଇଁ ଅଞ୍ଚଳରେ ବର୍ଷକ ମଧ୍ୟରେ ଥରୁଟିଏ ମଧ କ୍ରାଇମବ୍ରାଞ୍ଚ ଓ ଏସ୍‌ଟିଏଫ୍‌ର ପାଦ ପଡ଼ି ନାହିଁ। ତେବେ କାରବାରକୁ ସକ୍ରିୟ ରଖିବା ପାଇଁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ହାତଗୁଞ୍ଜା ଦିଆଯାଉଥିବା କୁହାଯାଉଛି। ଏହି ଥାନାରେ ଗତ ୮ମାସ ମଧ୍ୟରେ ନିଶା କାରବାର ମାମଲାରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇ ୨୫ଜଣ ଗିରଫ ହୋଇଥିବାବେଳେ ଅଧିକାଂଶ ଫେରାର ଅଛନ୍ତି। ଏ ସମ୍ପର୍କରେ ବେଗୁନିଆ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ତଥ୍ୟ ଆଧାରରେ ନିଶା ଦ୍ରବ୍ୟ କାରବାର ଉପରେ ଆମେ ଚଢ଼ାଉ ଜାରି ରଖିଛୁ। ଅନେକ ଯୁବକ ବାରମ୍ବାର ଧରାପଡ଼ି ଗିରଫ ହେଉଥିଲେ ମଧ କାରବାର ସହ ଜଡ଼ିତ ରହୁଥିବା ସେ କହିଛନ୍ତି। ସେହିପରି ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକଙ୍କୁ ପଚାରିବାରୁ ଗତ ସପ୍ତାହ ହେଲା ତାଙ୍କର ବ୍ରହ୍ମପୁର ବଦଳି ହୋଇଯାଇଥିବା କହିଥିଲେ।

### ବେପାରୀଙ୍କୁ ମିଳୁଛି ଆଗୁଆ ସୂଚନା

ବେଗୁନିଆ ଥାନାଞ୍ଚଳର ବିଭିନ୍ନ ସ୍କୁଲ ବାରଣ୍ଡା, ମଠ, ମନ୍ଦିର ଓ ଗଳିକନ୍ଦିରେ ନିଶା କାରବାର ଚାଲୁଥିବାର ଅଭିଯୋଗ ହେଉଥିବାରୁ ପୋଲିସ ଚଢ଼ାଉ କରି ନଜର ରଖିଥିଲା। ଏହା ବେପାରୀମାନେ ଜାଣିବା ପରେ ଏବେ ନିଛାଟିଆ ସ୍ଥାନକୁ ସୁରକ୍ଷିତ ବେପାର ପାଇଁ ବାଛି ନେଇଛନ୍ତି। ବିଭିନ୍ନ କାଜୁ ବଗିଚା, ଗହୀର ତଳି ଅଞ୍ଚଳରେ ବେପାର ଆରମ୍ଭ କରିଦେଇଛନ୍ତି। ହେଲେ ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଏହି ଥାନା ଅଧୀନ ହଡ଼ାବନ୍ଧ, ସିଉଳା, ବଡ଼ପଦର, ଏକଡାଳିଆ ଆଦି କାଜୁ ଜଙ୍ଗଲରେ ଚଢ଼ାଉ କରି ମଦ, ପୋଚ, ଯୁରିଆ ବିଭିନ୍ନ ସରଞ୍ଜାମ ସହ ବାଇକ ଜବତ କରିବାରେ ସଫଳ ହୋଇଥିଲେ। ହେଲେ ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତଙ୍କୁ ଧରିପାରି ନ ଥିଲେ। ଚଢ଼ାଉର ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ଏହି ଚଢ଼ାଉ ସୂଚନା ଦେଉଥିବା ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷେ ବେପାରୀମାନେ ଏବେ ନିଶା କାରବାରରେ ମହିଳାମାନଙ୍କୁ ମଧ୍ୟ ସାମିଲ କରୁଛନ୍ତି। ପୋଲିସ ବାରମ୍ବାର ଚଢ଼ାଉ କରି ପୁରୁଷମାନଙ୍କୁ ଗିରଫ କରୁଥିବାରୁ ବେପାରୀମାନେ ମହିଳାଙ୍କୁ ଢାଲ କରି କାରବାର କରୁଥିବା ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ପୋଲିସ ନଜର ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମିତ୍


@ ଦେବେନ୍ଦ୍ର


@ ମାନସ


@ ମିଥୁନ୍


@ ମିଟୁନ


@ ଶାଶ୍ୱତ


@ ବିଶ୍ୱଜିତା


@ ରଶ୍ମିରଞ୍ଜନ